

ଭେଙ୍କଟେଶଙ୍କ 'ପିଏଚ୍‌ଡି' ପ୍ରେମ ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 258| ଭାଗ ୩୨ | ସଂଖ୍ୟା୨୫୮ Bhubaneswar | Thursday 12 December 2024 | Page 8 Rs. 4.00 ଭୁବନେଶ୍ୱର ଗୁରୁବାର ୧୨ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ଅଧାରୁ ବନ୍ଦହେଲା ବିଧାନସଭା

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବିଧାନସଭାର ଶୀତ ଅଧିବେଶନକୁ ୧୬ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ନଭେମ୍ବର ୨୬ତାରିଖରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ ୨୦ଦିନ ପୂର୍ବରୁ ବୁଧବାର ଗୃହକୁ ମୁଲତବୀ କରାଯାଇଛି ଓ ମାତ୍ର ୧୨ଦିନ ଗୃହ ଚାଲିବା ସମ୍ଭବପର ହୋଇପାରିଛି।। ବିଗତ ୩ଦିନ ଧରି ଗୃହର ଦ୍ୱିତୀୟାର୍ଦ୍ଧ ବିନା କାର୍ଯ୍ୟସୂଚୀ ପରିଚାଳିତ ହେଉଥିଲା।

ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୀତ ଅଧିବେଶନ ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ଗୃହକୁ ମୁଲତବୀ କରାଯାଇଛି । ଚଳିତ ଅଧିବେଶନରେ ଜିଏସଟି ବିଲ୍ , ଓଡ଼ିଶା ବିନିଯୋଗ(ସଂଖ୍ୟା ୨) ବିଲ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ ସାଧନର ନିବାରଣ) ବିଲ-୨୦୨୪ ଆଗତ ଓ ପାରିତ ହୋଇଛି । ତେବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪କୁ ଗୃହରେ ସରକାର ଗୃହରେ ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା କରିନାହାନ୍ତି । ବିଜେଡି ବିଧାୟକମାନଙ୍କ ବିରୋଧ ଓ ଅନ୍ୟ କେତେକ କାରଣରୁ ସରକାର ଏହି ବିଲକୁ ଚଳିତ ଅଧିବେଶନରେ ପାରିତ କରାଇବାକୁ ଆଗ୍ରହ ଦେଖାଇ ନ ଥିଲେ।

ଚଳିତ ଅଧିବେଶନରେ ୧୨ଦିନ ଗୃହ ଚାଲିଥିଲେ ମଧ୍ୟ ସେଥିରୁ ମାତ୍ର ୭ଟି କାର୍ଯ୍ୟଦିବସ ରହିଥିଲା । ସର୍ବଭାରତୀୟ ଡିଜି ସମ୍ମିଳନୀ ପାଇଁ ଗୃହ ୨ଦିନ ମୁଲତବୀ ରହିଥିଲା । ଏହି ସମୟ ମଧ୍ୟରେ ୨୪ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବାବେଳେ ୧୭୫୦ଟି ତାରକା ପ୍ରଶ୍ନର ➥ପୃଷ୍ଠା-୬



- ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ହେଲାନି ଆଲୋଚନା
- ଅଟକିଲା ବିଧାୟକଙ୍କ ଦରମା ବୃଦ୍ଧି ଘୋଷଣା
- ୧୬ କାର୍ଯ୍ୟଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟକାଳ ମୁଲତବୀ

# ମୋହନଙ୍କ ମାଷ୍ଟର ଷ୍ଟ୍ରୋକ୍

## ୩୧ରୁ 'ମାଧୋ ସିଂ ହାତ ଖର୍ଚ୍ଚ'



**ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** ଡିସେମ୍ବର ୩୧ ତାରିଖରେ ମିଳିବ ମାଧୋ ସିଂ ହାତ ଖର୍ଚ୍ଚା। ରାଜ୍ୟର ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ଛାତ୍ରଛାତ୍ରୀଙ୍କୁ ଏହି ହାତ ଖର୍ଚ୍ଚ ମିଳିବ। ବରଗଡ଼ ଜିଲ୍ଲା ଘେଁସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଧୋ ସିଂ ହାତଖର୍ଚ୍ଚ ବଣ୍ଟନ କରିବେ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ଏହି ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ। ଏଥିପାଇଁ ରାଜ୍ୟ ସରକାର ୧୫୬ କୋଟି ଖର୍ଚ୍ଚ କରିବେ। ଏହାଦ୍ୱାରା ଏସସି ଓ ଏସଟି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ସମସ୍ୟା ରୋକାଯାଇ ପାରିବ ବୋଲି ଲକ୍ଷ୍ୟ ରଖି ଏହାକୁ ଆରମ୍ଭ କରିବାକୁ ଯୋଜନା ଆରମ୍ଭ କରିଛନ୍ତି ରାଜ୍ୟ ସରକାର।

ଲୋକସେବା ଭବନର ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଇଂରାଜୀ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ଆଜିକାଲି ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନ କରି ଇଂରାଜୀ କହିବାକୁ ଏକ ଫେସନ୍ ଭାବେ ଗ୍ରହଣ କରୁଛନ୍ତି। ଇଂରାଜୀ ମିଡିୟମ୍‌ରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଓଡିଆ ଭାଷା ପଢିବାରେ ଅକ୍ଷମ। ଏହା ଦୁଃଖର ବିଷୟ। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଓଡିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱଦେଇ କାମ ଆରମ୍ଭ କରିଛନ୍ତି। ସରକାରୀ ଫାଇଲ୍‌କୁ ଓଡିଆ ଭାଷାରେ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ଭାଷା ଉତ୍ସବ ଆମ ସଂସ୍କୃତି ଏବଂ ଗୌରବର ପ୍ରତୀକ। ଭାଷାଭିତ୍ତିକ ବିବିଧତା ହେଉଛି ଆମର ସର୍ବଶ୍ରେଷ୍ଠ ଶକ୍ତି। ଏହାକୁ ଅନୁସରଣ କରି ଆଗକୁ ଯିବାର ସ୍ୱପ୍ନ ଦେଖିବା ହିଁ ଆଜିର ଆବଶ୍ୟକତା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଭାରତୀ ତାମିଲ ସାହିତ୍ୟ ସମେତ ➥ପୃଷ୍ଠା-୬

**ଜାତୀୟତାବାଦୀ କବି ଓ ସମାଜ ସଂସ୍କାରକ ଭାବେ ଭାରତୀଙ୍କ ଅବଦାନ ଅବିସ୍ମରଣୀୟ**

**ଇଂରାଜୀ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ- ମୁଖ୍ୟମନ୍ତ୍ରୀ**

### କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଆନ୍ଦୋଳନ ସ୍ଥଗିତ

# ୬ ଦାବି ପୂରଣ ପାଇଁ ମିଳିଲା ପ୍ରତିଶ୍ରୁତି

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ସ୍ଥଗିତ ହେଲା କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଆନ୍ଦୋଳନ। ସରକାର ୧୦ଟି ଦାବି ମଧ୍ୟରୁ ୬ଟି ଦାବିକୁ ମାନିନେବାରୁ ଆନ୍ଦୋଳନ ସ୍ଥଗିତ ହୋଇଛି। ଆସନ୍ତା କାଲି ଠାରୁ କାର୍ଯ୍ୟରେ ଯୋଗଦେବା ପାଇଁ ନିବେଦନ କରିଛନ୍ତି ସରକାର। ସରକାରଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ ପରେ ଏହି ସୂଚନା ଦେଇଛନ୍ତି ବିଜୁ ଶ୍ରମିକ ସାମୁଖ୍ୟ ଅଧକ୍ଷ ସୁବାସ ସିଂ। ଡିସେମ୍ବର ୩୦ ଭିତରେ ପର୍ଯ୍ୟାୟ କ୍ରମେ ବକେୟା ଦରମା ଦେବାର ପ୍ରତିଶ୍ରୁତି ଦେଇଛନ୍ତି ରାଜ୍ୟ ସରକାର। ସେଥିପାଇଁ ଏବେ ଆନ୍ଦୋଳନରୁ ଓହରିବା ପାଇଁ ନିଷ୍ପତି ନେଲା ସଙ୍ଗ ବୋଲି ସୂଚନା ଦେଲେ ସଂଘ ସଭାପତି। ୯ ମାସର ଦରମା ଦାବିରେ ଭୁବନେଶ୍ୱର ଲୋୟର ପିଏମଜିରେ ୩ ଦିନ ଧରି ଲୋୟର ପିଏମଜିରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ଚଳାଇଥିଲେ। ଆଲୋଚନା ପାଇଁ ସରକାର ରାଜି ପରେ ଏହି ନିଷ୍ପତି ନେଇଛନ୍ତି ଆନ୍ଦୋଳନକାରୀ। ମାର୍ଚ୍ଚରୁ ଏମାନଙ୍କୁ ଦରମା ମିଳିନଥିଲା। ୬୨ ହଜାର ମହିଳାଙ୍କ ପ୍ରସଙ୍ଗକୁ ନେଇ ଗୃହରେ ଶାସକ-ବିରୋଧୀ ବି ବିଧାନସଭାରେ କଥା କଟାକଟି ହେଲା। ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଏଲଏସପି ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଥିଲା। ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ହଜାର ହଜାର ମହିଳା। ୬ଟି କମ୍ୟୁନିଟି ସର୍ପୋଟ ଷ୍ଟାଫଙ୍କର ୯ ମାସର ଦରମା ବନ୍ଦ ପ୍ରତିବାଦରେ ଲୋୟର ପିଏମଜିରେ ଗର୍ଜିଥିଲେ ମହିଳା।



### ୱାଲଟିଅର ଝଡ଼

# ରାଜା ସାହେବ ବନାମ ରାଜା



**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବିଧାନସଭାର ଶୂନ୍ୟକାଳରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ (ରାଜା) ସ୍ୱାଇଁ ମୁହାଁମୁହିଁ। ଶ୍ରୀ ସ୍ୱାଇଁ କହିଥିଲେ, ୱାଲଟିଅର ଡିଭିଜନ ବିଜୟୱାଡ଼ାକୁ ନେଇଯିବାକୁ ଷଡ଼ଯନ୍ତ୍ର କରାଯାଉଛି। ୱାଲଟିଅର ଡିଭିଜନରୁ ୨୦ ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ଏହାକୁ ଦକ୍ଷିଣ କେନ୍ଦ୍ର ଡିଭିଜନ ସହ ମିଶେଇବାକୁ ଉଦ୍ୟମ କରାଯାଉଛି। ୱାଲଟିଅର ଡିଭିଜନ ଉଠିଗଲେ ଓଡ଼ିଶା ୨୦ ହଜାର କୋଟି ଟଙ୍କା କ୍ଷତି ସହିବ। ଓଡ଼ିଶା ସ୍ୱାର୍ଥ ଦୃଷ୍ଟିକୋଣରୁ ପଦକ୍ଷେପ ନିଆଯାଉ। ଆମେ ଭୋଟ ଦେଇ କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟସଭାକୁ ପଠାଇଥିଲୁ ଏବେ ଲାଜ ଲାଗୁଛି। ରେଳମନ୍ତ୍ରୀ ଓଡ଼ିଶାରୁ ଯାଇଛନ୍ତି, କିନ୍ତୁ ଓଡ଼ିଶା ପ୍ରୀତି ନାହିଁ। ଓଡ଼ିଶା ବିରୁଦ୍ଧରେ ଷଡ଼ଯନ୍ତ୍ର କରାଯାଉଛି ଏହି ଷଡ଼ଯନ୍ତ୍ରକୁ ବରଦାସ୍ତ କରାଯିବନାହିଁ। ଜବାବରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି, ଓଡ଼ିଶାରୁ ଇଞ୍ଚେ ବି ରେଳ ଲାଇନ ଅନ୍ୟ ରାଜ୍ୟକୁ ଯିବନି। ଓଡ଼ିଶାରେ ରେଳ ବିକାଶ ପାଇଁ ୨୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ରାୟଗଡାରେ ସ୍ୱତନ୍ତ୍ର ଡିଭିଜନ ପ୍ରତିଷ୍ଠା ପାଇଁ ୧୦୭ କୋଟି ଟଙ୍କା ଟେଣ୍ଡର ହୋଇଛି। କିନ୍ତୁ ଉପା ସରକାର ସମୟରେ ଦକ୍ଷିଣ ଡିଭିଜନ ପ୍ରତିଷ୍ଠା ହେଲା। କଣ ପାଇଁ ବିଜେଡି ସାଂସଦ ଚୁପ୍ ରହିଥିଲେ ? ବିରୋଧ କଲେ ➥ପୃଷ୍ଠା-୬

### ଫାର୍ମାସୀ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ସୁଯୋଗ

# ବାଟ କଢ଼ାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଏକ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚ (ନାଇପର) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ନାଇପର୍ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହି ପଦକ୍ଷେପ ପୂର୍ବ ଭାରତରେ ଔଷଧ ଏବଂ ବାୟୋଟେକ୍ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଭୁବନେଶ୍ୱର ସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କ ହେଉଛି ପୂର୍ବ ଭାରତରେ ପ୍ରଥମ ପାର୍କ, ଯେଉଁଠାରେ ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରିଜ୍ ଏବଂ ଆନୁଷଙ୍ଗିକ ସେବା କ୍ଷେତ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ପାଣି, ବିଜୁଳି, ପ୍ରବାହିତ ଚିକିତ୍ସା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାମାନ ଉପଲବ୍ଧ ରହିଛି। ଏହି ବାୟୋଟେକ୍ ପାର୍କ ନାଇପର୍ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରୁଛି। ଏହା କେବଳ ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନକୁ ଦୂର କରିବ ନାହିଁ ବରଂ ଉଦ୍ଭାବନ ଏବଂ କୁଶଳୀ କର୍ମଚାରୀଙ୍କ ବିକାଶକୁ ପ୍ରୋତ୍ସାହିତ କରିବ। ଯଦ୍ୱାରା ଔଷଧ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାରେ ନାଇପର ପ୍ରତିଷ୍ଠା ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରି ଔଷଧ କ୍ଷେତ୍ରରେ ପିଏଲଆଇ ଯୋଜନାର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ।ଏସବୁ ଦୃଷ୍ଟିରୁ ଓଡ଼ିଶାରେ ନାଇପର୍ ସ୍ଥାପନା କରିବା ନିମିତ୍ତ ବ୍ୟକ୍ତିଗତ ସ୍ତରରେ ବିଚାର କରିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କୁ ଅନୁରୋଧ କରିଛନ୍ତି।



- ନାଇପର ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ପ୍ରଦାନ କରିଛି ଓଡ଼ିଶା ବାୟୋଟେକ୍
- ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନ ଦୂର ହେବ
- ଔଷଧ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ
- ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରିବ

### ଘରୋଇ ଉପଭୋକ୍ତାଙ୍କୁ ନାଲି ଆଖି, ଶିଳ୍ପ ସଂସ୍ଥାକୁ ସବୁ ମାଫ୍

# ଧରାପଡ଼ିଲା ବିଜେଡିର ଶିଳ୍ପ ସଂସ୍ଥା ପ୍ରୀତି

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବିଜେଡି ସରକାରର ଶିଳ୍ପ ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପାର ପ୍ରମାଣ ମିଳିଛି। ଶିଳ୍ପ ସଂସ୍ଥାଗୁଡିକ ବର୍ଷ ବର୍ଷ ଧରି ବିଦ୍ୟୁତ ଦେୟ ବକେୟା ରଖିବା ପରେ ଶେଷରେ ସରକାର ସେମାନଙ୍କୁ ଅନୁକମ୍ପା ଦେଖାଇ ବିଦ୍ୟୁତ ଶୁଳ୍କ ଛାଡ କରିଛନ୍ତି। ଓଡିଶାର ଖଣି ଓ ପାଣି ଟାଣି କୋଟି କୋଟି ଟଙ୍କା ଆୟ କରୁଥିବା ଶିଳ୍ପ ସଂସ୍ଥା କିନ୍ତୁ ବିଦ୍ୟୁତ ବିଲ ପୈଠ କରୁନାହାଁନ୍ତି ଆଉ ସରକାର ବି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଶିଳ୍ପ ସଂସ୍ଥାର ସାତ ଖୁନ୍ ମାଫ୍ ହେଉଛି, ଅଥଚ ସାଧାରଣ ଘରୋଇ ବିଦ୍ୟୁତ ଉପଭୋକ୍ତା ଯଦି ମାସର ବିଲ ଦେଇପାରୁନି ତେବେ ଫାଇନ ସହ ବିଦ୍ୟୁତ ସଂଯୋଗ କାଟିଦେବାକୁ ନାଲି ଆଖି ଦେଖାଉଛନ୍ତି ସରବରାହ ସଂସ୍ଥା। ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ଅଧୀନରେ ୧୪ଟି ଶିଳ୍ପ ପାଇଁ ରାଜ୍ୟ ସରକାର ୪୦୯୭ କୋଟି ୬୭ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ଛାଡ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସଇଜେଡ) ପଲିସି -୨୦୧୫ ଅନ୍ତର୍ଗତ ବେଦାନ୍ତ ଲିମିଟେଡ୍, ଝାରସୁଗୁଡା ପାଇଁ ଓଡିଶା ସରକାର ସର୍ବାଧିକ ୩୫୯୯ କୋଟି ୮ ଲକ୍ଷ ଟଙ୍କା ଛାଡ କରିଥିବାବେଳେ କେନ୍ଦ୍ରୀୟ ପିଏସୟୁ, ➥ପୃଷ୍ଠା-୬



**୧୦ ବର୍ଷରେ ବିଦ୍ୟୁତ୍ ଶୁଳ୍କ ବାବଦରେ ୪୦୯୭ କୋଟି ଛାଡ଼**

### ଦୁର୍ଘଟଣା ହ୍ରାସ ପାଇଁ ଏସଟିଏର ଅଭିନବ ପଦକ୍ଷେପ

# ରାଜପଥରେ ଚାଳକଙ୍କୁ ମାଗଣା ଚା'

**ଭୁବନେଶ୍ୱର/କଟକ,୧୦।୧୨ (ସଂଚାର ବ୍ୟୁରୋ):** ଶୀତ ଋତୁରେ ବିଳମ୍ବିତ ରାତି ଓ ଭୋରରେ ଘଟୁଥିବା ଦୁର୍ଘଟଣା ହ୍ରାସ କରିବାକୁ ନିରନ୍ତର ପଦକ୍ଷେପ ନେଉଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)। ଚାଳକଙ୍କୁ ସତେଜ ଓ ସଚେତନ ରଖିବାକୁ ରାଜପଥ କଡ଼ରେ ମାଗଣା ଚା' ବଣ୍ଟନ କରାଯାଉଛି। ରାତି ତିନିରୁ ଭୋର୍ ୬ ଯାଏଁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ରାଜପଥ କଡ଼ରେ ଏହା କାର୍ଯ୍ୟକାରୀ ହେଉଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସାମିଲ ହୋଇ ସହଯୋଗ କରୁଛନ୍ତି।




ରାସ୍ତାକଡ଼ ଢାବା, ଟୋଲ ଗେଟ୍ ଭଳି ସ୍ଥାନ ଚିହ୍ନଟ ହୋଇଛି। ଦୂରରୁ ଆସୁଥିବା ବସ୍, ଟ୍ରକ୍, ଟ୍ୟାକ୍ସି ଆଦିର ଡ୍ରାଇଭରଙ୍କୁ ମାଗଣା ଚା' ଦିଆଯାଉଛି। ଆରଟିଓ କାର୍ଯ୍ୟାଳୟ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରୁଛନ୍ତି। କୁହୁଡ଼ି, ନିଦଭରା ଆଖି, ପଥ ସମ୍ମୋହନ ବା ରୋଡ୍ ହିପ୍ନୋସିସରୁ ସତର୍କ ରହିବାକୁ କହୁଛନ୍ତି। ଆଗାମୀ ରାସ୍ତାରେ ଥିବା ବ୍ଲାକସ୍ପଟ୍ ଗୁଡ଼ିକ ସମ୍ପର୍କରେ ମଧ୍ୟ ଜଣାଉଛନ୍ତି। ଡିସେମ୍ବର ୩୧ ଯାଏଁ ନିୟମିତ ଏଭଳି ➥ପୃଷ୍ଠା-୬

### ଟେଣ୍ଡର ପାଇଁ ଲାଞ୍ଚ ମାମଲା

# ୫ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ଟେଣ୍ଡର ପାଇଁ ୧୦ ଲକ୍ଷ ଟଙ୍କା କାରବାର ମାମାଲାରେ ଦ୍ୱିତୀୟ ଥର ପାଇଁ ତିନି ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଛି ସିବିଆଇ। ଅଭିଯୁକ୍ତ ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର, ସନ୍ତୋଷ ମହାରଣାଙ୍କୁ ୧୦ ଦିନ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା । ୫ ଦିନ ଅନୁମତି ଦେଇଛନ୍ତି ଭୁବନେଶ୍ୱର ସିବିଆଇ କୋର୍ଟ। ମିଡିଲ ମ୍ୟାନ୍ ଦେବଦତ୍ତ ମହାପାତ୍ର ସିବିଆଇ କୋର୍ଟରେ ଜାମିନ ଆବେଦନ କରିଥିଲେ। ସିବିଆଇ କୋର୍ଟ ଦେବଦତ୍ତଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି । ସେପଟେ ଦେବଦତ୍ତଙ୍କ ଭାଇ କହିଛନ୍ତି, ସେ ନିର୍ଦ୍ଦୋଷ । ତାଙ୍କର ଏହି କାରବାରରେ କୌଣସି ଭୂମିକା ନାହିଁ । ସିବିଆଇକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ସେ କହିଛନ୍ତି। ଏହି ମାମଲାରେ ସିବିଆଇ ପରେ ଆଇଟି ତଦନ୍ତ ଆରମ୍ଭ କରିଛି। ସିବିଆଇ ନିକଟରୁ ତଥ୍ୟ ନେଇ ଆୟକର ବିଭାଗ ତଦନ୍ତ କରୁଛି। ସିବିଆଇ ଜବତ କରିଥିବା କାଗଜପତ୍ରକୁ ଯାଞ୍ଚ କରୁଛି ଆୟକର ଟିମ୍।

# ୧୩୮୬ କୋଟି ଟଙ୍କାର ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଂଜୁରି

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ୍ବ୍ଲ୍ୟୁ.ସି)ର ବୈଠକରେ ମୋଟ ୧୯୨.୪୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୧୩୮୬.୦୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଅଛି। ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଅର୍ଥ ବିନିଯୋଗ ପ୍ରଦୂଷଣ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଅଛି। ଏହି ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ୯୯ ମେଗାୱାଟ୍ କ୍ଷମତା ସଂପନ୍ନ ପବନ ଶକ୍ତି ପ୍ରକଳ୍ପ, ୯୧.୭୭ ମେଗାୱାଟ୍ କ୍ଷମତା ସଂପନ୍ନ ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୧.୬୪ ମେଗାୱାଟ୍ କ୍ଷମତା ସଂପନ୍ନ ଗୋଟିଏରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ। ଶକ୍ତି ବିଭାଗ ଏବଂ ଏହାର ପ୍ରମୁଖ ସଂସ୍ଥା ଗ୍ରିଡକୋ ମାଧ୍ୟମରେ ରାଜ୍ୟ ସରକାର ଓଡିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍.ଡ୍ବ୍ଲ୍ୟୁ.ସି) "ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨" ଅନୁଯାୟୀ, ଆଜି ସୁଦ୍ଧା ୧୪୪୧.୭୯ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୯୮୮୧.୪୭ କୋଟି ଟଙ୍କା ନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ➥ପୃଷ୍ଠା-୬





## କାନ ଡେରିଥା

ବିଧାନସଭାରେ ନବୀନ କହିଲେ
ବିଧାୟକ ଙ୍କର ଜଳୁଛି
ଆଳୁ ମିଶନକୁ ଖୋଳ ତାଡ଼ କଲେ
ପୂର୍ବର ବିକାଶ ଦିଶୁଛି
ବ୍ୟୋମଙ୍କ ର କଣ ହେଉଛି...
ମୁଖିଆଙ୍କ ପ୍ରତି ପ୍ରୀତିକୁ ଦେଖାଇ
କୋଟି କୋଟି ପରା ଖାଇଛି !
କହିଲେ କହିବ କହୁଛି ।
■ ଦେବାଶିଷ

# ଏକାଠି ହୋଇପାରିଲେନି ବିରୋଧୀ; ଫାଇଦା ନେଲେ ସରକାର

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବିଧାନସଭାର ଚଳିତ ଶୀତ ଅଧିବେଶନ ୧୨ ଦିନ ଚାଲିଥିଲେ ମଧ୍ୟ ଦୁଇ ବିରୋଧୀଦଳ ବିଜେଡି ଓ କଂଗ୍ରେସ ମଧ୍ୟରେ ଠିକଣା ତାଳମେଳ ନ ରହିବାରୁ ଏହାର ଫାଇଦା ସରକାର ନେଲେ। ଯେଉଁ କେତେ ପ୍ରସଙ୍ଗ ବିରୋଧୀ ଉଠାଇଲେ ସେଥିରେ ଯେଭଳି ଏକଜୁଟ ହୋଇ ଲଢ଼ିବା କଥା ତାହା ଦେଖିବାକୁ ମିଳିଲା ନାହିଁ।

ଏହି ଅଧିବେଶନରେ ବିରୋଧୀଦଳ ପକ୍ଷରୁ ପୋଲାଭରମ, ଆଳୁ ଦର ବୃଦ୍ଧି, ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗ, ଦରଦାମ ବୃଦ୍ଧି, ମିଶନ ଶକ୍ତି ମହିଳାଙ୍କୁ ପାଉଣା ପ୍ରଦାନ ଓ ଧାନ ବିକ୍ରିରେ ଅବ୍ୟବସ୍ଥା ଆଦି ପ୍ରସଙ୍ଗ ଉଠାଯାଇଥିଲା। ହେଲେ ଏଥିରୁ କୌଣସି ଗୋଟିଏ ହେଲେ ପ୍ରସଙ୍ଗରେ ବିରୋଧୀ ମିଳିତ ଭାବେ ସରକାରଙ୍କୁ ଅଜଳରେ ପକାଇବା କଥା ତାହା ପାରିଲେ ନାହିଁ। ବରଂ ସରକାରୀଦଳର ଟୋକା ନେତାମାନେ ବିରୋଧୀଙ୍କୁ କାଠଗଡ଼ାରେ ଛିଡା କରାଇଦେଲେ।

କଂଗ୍ରେସ ଉଠାଇଥିଲା ପୋଲାଭରମ ପ୍ରସଙ୍ଗ। ଯେଉଁଦିନ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ପ୍ରଥମେ ଗୃହ ମଧ୍ୟଭାଗକୁ ଆସିଲା ବିଜେଡି ପ୍ରଥମେ ସାଙ୍ଗରେ ଆସିଲାନାହିଁ। ପରେ ଅବଶ୍ୟ କାଳେ କଂଗ୍ରେସ ଫାଇଦା ନେଇଯିବ ସେଥିପାଇଁ ବିଜେଡି ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। କଂଗ୍ରେସରେ ମଧ୍ୟ ଅନୁରୂପ ଅବସ୍ଥା। କଂଗ୍ରେସ ଏହାକୁ ଏକ ମୁଦ୍ଦା କରି ଗୃହ ମଧ୍ୟକୁ ଆସିଥିବାବେଳେ ଦଳର ବରିଷ୍ଠ ନେତା ତାରା ପ୍ରସାଦ ବାହିନିପତିଙ୍କୁ ଦେଖିବାକୁ ମିଳିନଥିଲା। ପରେ ସେ ଆସି ପହଞ୍ଚିଥିଲେ ଓ ଦଳର ନିଷ୍ପତ୍ତି ସଂକ୍ରାନ୍ତରେ ସେ ଅବଗତ ନଥିବା ତାଙ୍କ ହାବଭାବରୁ ଜଣାପଡୁଥିଲା।

ସେହିଭଳି ନିଯୁକ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଟିପ୍ପଣିକୁ ନେଇ ବିଜେଡି ସଦସ୍ୟମାନେ ହଟଗୋଳ କରିଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ବିବରଣୀରୁ ବାଦ୍ ଦେବାପାଇଁ ଦାବିରେ ଗୃହକୁ ଅଚଳ କରିଥିଲେ। ହେଲେ ଏହି ପ୍ରସଙ୍ଗରେ କଂଗ୍ରେସ ସାଥ୍ ଦେଇନଥିଲା। ବିଜେଡି ସଦସ୍ୟମାନେ ଗୃହ ମଧ୍ୟରେ ହଟଗୋଳ କରୁଥିବାବେଳେ କଂଗ୍ରେସ ସଦସ୍ୟମାନେ ନିରବ ଦର୍ଶକ ସାଜିଥିଲେ। ଫଳରେ ଗୋଟିଏ ଦିନ ହଟଗୋଳ ପରେ ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗରେ ତୁନି ପଡ଼ିଥିଲେ।

ମିଶନ ଶକ୍ତି ମହିଳାଙ୍କୁ ପାଉଣା ପ୍ରଦାନ କ୍ଷେତ୍ରରେ ମଧ୍ୟ ଅନରୂପ ଦୃଶ୍ୟ ଦେଖିବାକୁ ମିଳିଲା। ମିଶନ ଶକ୍ତି ମହିଳା ପାଉଣା ନପାଇବାର ସବୁ ଦୋଷ ବର୍ତ୍ତମାନର ସରକାରଙ୍କ ମୁଣ୍ଡରେ ଲଦିବାକୁ ବିଜେଡି ଉଦ୍ୟମ କରିଥିଲା। ହେଲେ ସରକାରୀ ଦଳର ମାନସ ଦତ୍ତ ଓ ଟଙ୍କଧର ତ୍ରିପାଠୀଙ୍କ ଭଳି ଯୁବ ନେତା ବିଜେଡିର ପୋଲ୍ ଖୋଲିଥିଲେ। କାହିଁକି ଏପ୍ରିଲ୍ ମାସରେ ମିଶନ ଶକ୍ତି ମହିଳାଙ୍କ ➥ପୃଷ୍ଠା-୬



## ଟ୍ରେଣ୍ଡିଂ ନ୍ୟୁଜ୍

- ମାଲ୍ୟବନ୍ତ ଉତ୍ସବ ପାଇଁ ମାଲକାନଗିରି ଉତ୍ସବମୁଖର। ୧୫ ଯାଏଁ ଚାଲିବ।
- ଗୃହଯୁଦ୍ଧଗ୍ରସ୍ତ ସିରିଆରୁ ଉଦ୍ଧାର ହୋଇ ସ୍ୱଦେଶ ଫେରୁଛନ୍ତି ୭୫ ଭାରତୀୟ ନାଗରିକ। ଭାରତୀୟ ଦୂତାବାସ ପକ୍ଷରୁ ନିଜ ଦେଶର ନାଗରିକମାନଙ୍କୁ ଏୟାରଲିଫ୍ଟ କରାଯାଇ ଲେବାନନ ପଠାଯାଇଛି। ସେଠାରୁ ସେମାନଙ୍କୁ ଭାରତ ଅଣାଯିବ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରିବା ପରେ ହିନ୍ଦୁଙ୍କ ଉପରେ ୮୮ ସାମ୍ପ୍ରଦାୟିକ ହିଂସା ଘଟିଛି। ଏହି ଘଟଣାରେ ୭୦ଜଣଙ୍କୁ ଗିରଫ କରାଯାଇଛି ବୋଲି ମଧ୍ୟବର୍ତ୍ତୀକାଳୀନ ସରକାରୀ ମୁଖ୍ୟ ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ ଶାଫିକୁଲ ଆଲାମ କହିଛନ୍ତି।
- କୋଷ୍ଟଗାର୍ଡ ଅଟକ ରଖିଥିବା ୭୮ ବାଂଲାଦେଶୀଙ୍କୁ ପାରାଦୀପ ଥାନାକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କୁ କ୍ଷମା ପ୍ରଦାନ ସହ ପ୍ରତ୍ୟର୍ପଣ କରାଯିବ ବୋଲି କୋଷ୍ଟଗାର୍ଡର ସୂଚନା।
- କାବୁଲରେ ଘଟିଥିବା ବୋମା ବିସ୍ଫୋରଣରେ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଖାଲିଲ ହକାନୀର ମୃତ୍ୟୁ। ଆମେରିକା ତା' ଉପରେ ୫ନିୟୁତ ଡଲାର ପୁରସ୍କାର ଘୋଷଣା କରିଥିଲା।

# ଆଧାର ନାହିଁ ବୋଲି ମିଳୁନି ରାସନ୍ ଚାଉଳ

**ମହାକାଳପଡ଼ା,୧୧।୧୨(ସଂଚାର ବ୍ୟୁରୋ):** ରାସନ୍ କାର୍ଡ ରେ ନାଆଁ ଅଛି ହେଲେ ଆଧାର କାର୍ଡ ନଥିବାରୁ ତାଙ୍କୁ ରାସନ୍ ଚାଉଳ ମିଳୁନି। ଦୀର୍ଘ ୮ ମାସ ହେବ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ରୁ ବଞ୍ଚିତ ଅଛନ୍ତି ହିତାଧିକାରୀ। ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ଆଧାର ନଥିବାରୁ ଭତ୍ତା ଆବେଦନ ମଧ୍ୟ ହୋଇପାରୁନି। ସମ୍ପୂର୍ଣ୍ଣ ମାନସିକ ବିକାରଗ୍ରସ୍ତ ହୋଇ ମଧ୍ୟ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ପାରିନାହାନ୍ତି।ଏମିତି ଏକ ସମ୍ବେଦନଶୀଳ ଘଟଣା ଏବେ ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ଅଞ୍ଚଳରୁ। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ ଜଣେ ମାନସିକ ବିକାରଗ୍ରସ୍ତ (ପାଗଳ)।ଜଗବନ୍ଧୁ ପଲାଇ ଙ୍କ ବୟସ ୬୦ ବର୍ଷ। ଦୀର୍ଘଦିନ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡିଛନ୍ତି। ନା ଚାଲିବୁଲି ପାରୁଛନ୍ତି ନା ନିଜ କାମ ନିଜେ କରିପାରୁଛନ୍ତି। ହାତ ଗୋଡ଼ ବନ୍ଧା ହୋଇ ସେମିତି ବିଛଣାରେ ପଡି ଚିତ୍କାର କରୁଛନ୍ତି। ଯେଉଁଠି ପଡି ରହିଛନ୍ତି ସେଇଠି ଖାଉଛନ୍ତି ଓ ଶୋଉଛନ୍ତି। ପାଖେ ପାଖେ ପତ୍ନୀ ଆରତୀ ତାଙ୍କୁ ଜଗିକି ରହୁଛନ୍ତି। ଏମିତି ଅବସ୍ଥାରେ ତାଙ୍କୁ ଅନ୍ୟତ୍ର ନେବା ସମ୍ଭବ ହେଉନି। ଯାହା ଫଳରେ ତାଙ୍କର ଆଧାର କାର୍ଡ ଆୱେଦନ ହୋଇ ପାରିନି। ଆଧାର କାର୍ଡ ନଥିବାରୁ କୌଣସି ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ଜଗବନ୍ଧୁ। ସେହିପରି ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ମିଳି ପାରୁନି। ଆଧାର କାର୍ଡ ନଥିବାରୁ ଡିଲର ଚାଉଳ ଦେବାକୁ ମନା କରିଛି। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଆଧାର କାର୍ଡ ନଥିବାରୁ ଭତ୍ତା ପାଇବାରେ ବିଫଳ ହୋଇଛନ୍ତି। ଗାଆଁ କୁ ସରକାରୀ କର୍ମଚାରୀମାନଙ୍କ ପାଖରୁ ଆରମ୍ଭ କରି ଲୋକପ୍ରତିନିଧି ମାନଙ୍କୁ ଗୁହାରି କରି କରି ଥକି ଗଲେଣି ତଥାପି ତାଙ୍କ ଦୁଃଖ କେହି ଶୁଣୁ

- ମାନସିକ ବିକାରଗ୍ରସ୍ତ ବୋଲି କାର୍ଯ୍ୟାଳୟ ଯାଇ ହେଉନି
- ଗୁହାରି କଲେ ଶୁଣୁନି ପ୍ରଶାସନ
- ସାମାଜିକ ସୁରକ୍ଷା ବ୍ୟବସ୍ଥା କାହା ପାଇଁ



ନାହାଁନ୍ତି ବୋଲି କୋହଭରା ସ୍ୱରରେ ଆଖି ଛଳଛଳ କରି ସଂଚାର ଆଗରେ ଦୁଃଖ ବଖାଣିଛନ୍ତି ଜଗବନ୍ଧୁଙ୍କ ପତ୍ନୀ ଆରତି ପଲାଇ। ସରକାର ସାଧାରଣ ଲୋକଙ୍କ ପାଖରେ ସୁବିଧା ସୁଯୋଗ ଦେବା ପାଇଁ ପ୍ରୟାସ କରୁଛନ୍ତି। ଲୋକପ୍ରତିନିଧି ମାନଙ୍କୁ ସିଧାସଳଖି ଲୋକଙ୍କ ସମସ୍ୟା ବୁଝିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ ସରକାରୀ କର୍ମଚାରୀମାନଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ସମାଧାନ କରିବାକୁ ପରାମର୍ଶ କରୁଛନ୍ତି। ହେଲେ କର୍ମଚାରୀ ମାନଙ୍କ ଦାୟିତ୍ୱ ହୀନତା ପାଇଁ ଜଣେ ଅସହାୟ ହିତାଧିକାରୀଙ୍କ ପାଖରେ ସାମାଜିକ ସୁରକ୍ଷା ଅଧିକାର ଆଇନ ଅପହଞ୍ଚ ହୋଇପଡିଛି। ଏଠି ପ୍ରଶ୍ନ ଉଠୁଛି ଲୋକଙ୍କ ଟଙ୍କାରେ ଦରମା ନେଉଥିବା ସରକାରୀ ବାବୁ ଲୋକଙ୍କ ସମସ୍ୟା ପାଇଁ କାମ କରୁଛନ୍ତି ନା ନାହିଁରେ ତେଲ ଦେଇ ଶୋଇପଡିଛନ୍ତି ? ଯଦି ଲୋକଙ୍କ ପାଖରେ ସରକାରଙ୍କ ସୁବିଧା ପହଞ୍ଚି ପାରୁନି ତେବେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ସାମାଜିକ ସୁରକ୍ଷା ଅଧିକାର ବ୍ୟବସ୍ଥା କାହା ପାଇଁ ? ଯଦି ଜଣେ ଯୋଗ୍ୟ ହିତାଧିକାରୀ ହୋଇବି ସରକାରଙ୍କ ବ୍ୟବସ୍ଥା ରୁ ବଞ୍ଚିତ ହେଉଛି ତେବେ ଏଥିପାଇଁ ଶ୍ରେୟ କିଏ ନେବ ? ମହାକାଳପଡ଼ା ବ୍ଲକ ପ୍ରଶାସନ ନା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ? ବିଭାଗ ତରଫରୁ ଯଥାଶୀଘ୍ର ଜଗବନ୍ଧୁ ପଲାଇ ଙ୍କ ଘର ପାଖରେ ଆଧାର କାର୍ଡ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରାଇବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି। ଜଗବନ୍ଧୁଙ୍କ ପାଇଁ ପ୍ରଶାସନ କେବେ ତତ୍ପରତା ଦେଖାଇବ ତାକୁହିଁ ସମସ୍ତେ ଅପେକ୍ଷା କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇରେ ବାର୍ଷିକ କ୍ରୀଡା

**ପଟ୍ଟାମୁଣ୍ଡାଇ,୧୧।୧୨(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇର ୨୭ ତମ ବାର୍ଷିକ କ୍ରୀଡା ସ୍ଥାନୀୟ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପଡିଆରେ ଉଦଘାଟନ ହୋଇ ଆଜି ସମାରୋପ ହୋଇଛି । ସ୍କାଉଟ ଆଚାର୍ଯ୍ୟ ପ୍ରବୋଧ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଭାଇମାନେ ପତିତପାବନ ମନ୍ଦିରରୁ କ୍ରୀଡା ଜ୍ୟୋତି ଆଣି ପଡିଆରେ ସ୍ଥାପନ କରିଥିଲେ । ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନନୀୟ ଡକ୍ଟର ଦିଲ୍ଲୀପ କୁମାର ଭୂୟାଁ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ୨୭ ତମ ବାର୍ଷିକ କ୍ରୀଡା ଉଦଘାଟନ କରି ପିଲାମାନଙ୍କର ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ବିଦ୍ୟାର୍ଥୀ ମାନଙ୍କୁ ଜୀବନରେ ଶୃଙ୍ଖଳିତ, ଏକାଗ୍ରତା ହୋଇ ପାଠ ପଢିଲେ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨ ଟି ବିଭାଗରେ ମୋଟ ୮୩୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଆଜି କ୍ରୀଡା ଉଦଯାପନ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ଶ୍ରୀଧର ରାଉତ ଓ ଉପସଭାପତି ସୁଜାତା ମିଶ୍ର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ଖେଳକୁଦ ପ୍ରମୁଖ ଗୁରୁଜୀ ବାନାମ୍ବର ଘଡେଇଙ୍କୁ ସମସ୍ତ ଗୁରୁଜୀ, ଗୁରୁମା ଏହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲ।




# ସମନ୍ୱୟ ଅଭାବ, ମନଇଚ୍ଛା ଖୋଳୁଛନ୍ତି ରାସ୍ତା

**କେନ୍ଦ୍ରାପଡ଼ା,୧୧।୧୨(ସଂଚାର ବ୍ୟୁରୋ):** ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତାକୁ ମନଇଛା ଖୋଳାଯାଉଛି। ଗୋଟିଏ କି ଦୁଇଟି ସ୍ଥାନ ନୁହେଁ ଗ୍ରାମାଞ୍ଚଳର ବିଭିନ୍ନ ରାସ୍ତାକୁ ଖୋଳିଦେଇ ଚାଲିଯାଉଛନ୍ତି । ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ଧରି ମୁକୁଳା ରହୁଛି। ତାହାକୁ ଠିକ୍ ସମୟରେ ବି ପୋତା ଯାଉନି। ଫଳରେ ଉକ୍ତ ଖାଲରେ ପଥଚାରୀଙ୍କଠାରୁ ଆରମ୍ଭ କରି ବୁଲାଗାଈଗୋରୁ ପଡ଼ି ଆହତ ହେଉଛନ୍ତି। ସେହିଭଳି ପ୍ରତ୍ୟେକ ଦିନ ଯାତାୟତ କରୁଥିବା ଯାତ୍ରୀବାହୀ ବସ୍, ବାଇକଠୁ ଆରମ୍ଭ କରି ଅନ୍ୟାନ୍ୟ ଗାଡି ଚାଳକମାନେ ସମସ୍ୟାରେ ପଡୁଛନ୍ତି। ଗରଦପୁର ବ୍ଲକ ଅଞ୍ଚଳରେ ଯାଇଥିବା ମୁଖ୍ୟରାସ୍ତାର ପାଶ୍ୱର୍ଵକୁ ଖୋଳାଯାଇ ପାଣି ପାଇପ ବିଛାଯାଉଥିବା କୁହାଯାଉଛି। ମଧୁଶାସନ ପଞ୍ଚାୟତ ଠୁ ପଦ୍ମପୁର ପଞ୍ଚାୟତ ପର୍ଯ୍ୟନ୍ତ ଥିବା ବିଭିନ୍ନ ବଜାର ପ୍ରତ୍ୟେକ ଗାଁ ରୋଡକୁ ସଂଲଗ୍ନ ଗଳି, ମୁଖ୍ୟ ରାସ୍ତାକୁ ଖୋଳାଯାଉଛି। ସେହିପରି ଜିଲ୍ଲାର ମାର୍ଶାଘାଇ ,ମହାକାଳପଡା ଆଦି ବ୍ଲକର ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। କିଛି ଦିନ ପୂର୍ବେ ଅଧିକାଂଶ ରାସ୍ତା ନୂତନ ନିର୍ମାଣ ହୋଇଥିଲେ ମଧ୍ୟ ଉକ୍ତ ରାସ୍ତା ମାତ୍ର କେଇଟା ଦିନରେ



- ଶୀଘ୍ର ନଷ୍ଟ ହେଉଛି ରାସ୍ତା, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- ସରକାରୀ ଜମିକୁ ଜବରଦଖଲ ହୋଇଛି କିନ୍ତୁ ରାସ୍ତା ମଝିରେ ପାଇପ୍ ବିଛା ଯାଉଛି

ସମ୍ପୂର୍ଣ ନଷ୍ଟ ହେବାକୁ ବସିଲାଣି। ଅଧିକାଂଶ ସ୍ଥାନରେ ରାସ୍ତା କଡ଼ରେ ଗାତ ଖୋଳି ପାଇପି ବିଛାଉ ଥିବାରୁ ଗମନା ଗମନ ସହ ରାସ୍ତା ମଧ୍ୟରେ ପାଣି ଜମୁଛି । ଯାହା ଫଳରେ ବର୍ଷା ହେଲେ ଆଣ୍ଠିଏ ଉଚ୍ଚର ପାଣି ଛିଡ଼ା ହେଉଛି। ଅଧିକାଂଶ ସ୍ଥାନରେ ମଧ୍ୟ କଂକ୍ରିଟ ରାସ୍ତାକୁ ଫଟାଇ ରାସ୍ତା ମଝିରେ ପାଇପ୍ ବିଛା ଯାଉଛି କାରଣ ଏହାର ମୁଖ୍ୟ ସମସ୍ୟା ହେଉଛି ବେଆଇନ୍ ସରକାରୀ ଜମି ଜବରଦଖଲ । ବିଭିନ୍ନ ଲୋକେ ଘର ସାମ୍ନାରେ ଯାଇଥିବା ରାସ୍ତା ପାଖକୁ ଜୋର୍ ଜବରଦସ୍ତ ନିଜ ଦଖଲରେ କବ୍ଜା କରି ନେଇଛନ୍ତି । ଜବରଦଖଲ କାରୀ କରିଥିବା ଦଖଲ ମଧ୍ୟରେ ପାଇପ୍ ନନେଇ ବରଂ ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା କୋଟି କୋଟି ଟଙ୍କାର ରାସ୍ତାକୁ ସଂପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ହେଉଥିବା ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଏହି ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଛି ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ହେଲେ ଏହି ପ୍ରକଳ୍ପ ସହ ସହ କୋଟିର ନିର୍ମାଣ ହୋଇଥିବା ବିଭିନ୍ନ ରାସ୍ତାକୁ ନଷ୍ଟ କରି ବସୁଛି । ଏହି ବେଆଇନ୍ କାର୍ଯ୍ୟ ଫଳରେ ଶୀଘ୍ର ରାସ୍ତା ନଷ୍ଟ ହେବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକେ। ବିଭାଗୀୟ ଅଧିକାରୀମାନେ ସମନ୍ୱୟ ରକ୍ଷା କରି ମିଳିତ ଭାବେ ଏକ ସମୟରେ ରାସ୍ତା ଖୋଳି କାର୍ଯ୍ୟ କଲେ କିମ୍ବା ରାସ୍ତା କଡ଼ରେ ହୋଇଥିବା ଜବରଦଖଲ କୁ ଉଚ୍ଛେଦ କରି ତାହାରି ମଧ୍ୟରେ ପାଇପ୍ ନେଲେ ରାସ୍ତା କ୍ଷତି ହୁଅନ୍ତା ନାହିଁ କି ଲକ୍ଷାଧିକ ଟଙ୍କା କେବଳ ଖୋଳା ଓ ପୋତାରେ ଖର୍ଚ୍ଚ ହୁଅନ୍ତା ନାହିଁ । ଏହା ଉପରେ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବା ସହିତ କ୍ଷତି ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି ପାଇଁ ବିଭିନ୍ନ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଡ଼ ବାପାର ଦଶାହ ଦିନ ପୁତୁରା ମୃତ



**କେନ୍ଦ୍ରାପଡ଼ା,୧୧।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଥିବା ଛଘରିଆ ଅଞ୍ଚଳରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛଘରିଆ ଗ୍ରାମରେ ବଡବାପାଙ୍କର ଦଶାହ କର୍ମ ଦିନ ହଟାତ୍ ପୁତୁରା ମୃତ୍ୟୁବରଣ କରିବା ପରି ଏକ ଦୁଃଖଦ ଘଟଣାରେ ପୁରା ପରିବାର ଭାଙ୍ଗି ପଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ସୋକର ଛାୟା ଖେଳିଯାଇଛି । ଚଳିତମାସ ଏକ ତାରିଖଦିନ ବଡବାପା ଅବସରପ୍ରାପ୍ତ କୃଷି ଅଧିକାରୀ ନିତ୍ୟାନନ୍ଦ ଜେନାଙ୍କର ୮୦ ବର୍ଷ ବୟଷରେ ମୃତ୍ୟୁବରଣ କରିଥିଲେ। ବୁଧବାର ଥିଲା ତାଙ୍କର ଦଶାହ କର୍ମ। କିନ୍ତୁ ତାଙ୍କ ୪୪ ବର୍ଷିୟ ପୁତୁରା ରଂଜିତ ଜେନା ଗତକାଲି ହଠାତ୍ ହୃଦଘାତ ଯୋଗୁଁ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ଚିକିତ୍ସା ନିମେନ୍ତେ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତୀ କରିଥିଲେ। ମୃତଦେହ ଗ୍ରାମକୁ ଆଣି ଗ୍ରାମରେ ଥିବା ଷ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ରଂଜିତ ଜଣେ ଉଦୟମାନ,ପରୋପକାରି ଓ ମିଷ୍ଟାଭାଷି ଯୁବକ ଥିଲେ। ଲୁହଭରା ଆଖିରେ ପରିବାର ଲୋକେ ଓ ଗ୍ରାମବାସି ମାନେ ତାଙ୍କୁ ଶେଷ ବିଦାୟ ଦେଇଛନ୍ତି।

## ବିଦ୍ୟାଳୟସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ



**କେନ୍ଦ୍ରାପଡ଼ା,୧୧।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଇଚ୍ଛାପୁର ହାଇସ୍କୁଲ ପରିସର ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ କୁନି ବୈଜ୍ଞାନିକ ମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ବୈଜ୍ଞାନିକ ଚେତନା ଓ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ଉଦ୍‌ଭାବନ ମୂଳକ ଚିନ୍ତାଧାରା ର କ୍ରମ ବିକାଶ ଛାତ୍ରଛାତ୍ରୀଙ୍କ ଠାରେ ଅଧିକରୁ ଅଧିକ ଭାବରେ ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ । ଜଟାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆମ ଚାରି ପାଖରେ ଥିବା ଓ ଘଟୁଥିବା ବିଭିନ୍ନ ଘଟଣାର ବୈଜ୍ଞାନିକ କାରଣ ଗୁଡିକୁ ଅତି ସରଳ ଭାଷାରେ ପିଲାମାନଙ୍କୁ ବୁଝାଇଥିଲେ । ତେବେ ବିଜ୍ଞାନ ପ୍ରତି ସକାରାତ୍ମକ ଚିନ୍ତାଧାରା ନେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଗଲେ ଭବିଷ୍ୟତରେ ନୂତନ ବୈଜ୍ଞାନିକ ସୃଷ୍ଟି ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଏହି ପ୍ରଦର୍ଶନୀରେ ୯ଟି ବ୍ଲକର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କରାଯାଇ ଥିବା ୬୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ଶ୍ରେଷ୍ଠ ବିବେଚିତ ୭ ପ୍ରକଳ୍ପ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନିତ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ ବାର୍ଷିକ ବିଜ୍ଞାନ ପ୍ରକଳ୍ପ ସମ୍ବନ୍ଧୀୟ ରିପୋର୍ଟ ଉପସ୍ଥାପନ କରିଥିଲେ । ଗରଦପୁର ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀ, ମହାକାଳପଡା ଶିକ୍ଷା ଅଧିକାରୀ ତନ୍ମୟ ବେହେରା, କେନ୍ଦ୍ରାପଡାର କୈଳାସ ତରାଇ, ଆଳିର ନଳିନୀକାନ୍ତ ରାଉତରାୟ ପ୍ରମୁଖ ମଂଚାସୀନ ଥିଲେ । ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଂଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉଦ୍‌ଯାପନୀ ସଭାରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । କେନ୍ଦ୍ରାପଡା ସ୍ୱୟଂ ଶସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ବିଶ୍ୱ ରଂଜନ ପୁହାଣ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶିଳିପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଂଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେରଣା କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଗୁଜୁରାଟ ଠାରେ ଅନୁଷ୍ଠିତ ଜାତୀୟ ସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ରୁଦ୍ର ନାରାୟଣ ସାହୁ ଓ ଗାୟତ୍ରୀ ନାଥ ତଥା ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଅପରାଜିତା ପାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ଉଗ୍ର ରୂପ ନେଉଛି ବ୍ରହ୍ମପୁର ବିଜେଡି କଳି

- ଦେବୀଙ୍କ ନିବେଦନ, କର୍ପୋରେଟର ଗୋଷ୍ଠୀଙ୍କ ହେୟଜ୍ଞାନ

**ବ୍ରହ୍ମପୁର,୧୧।୧୨(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଜେଡ଼ିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେବାରେ ଲାଗିଛି। ଫାଟରେ ପେଚ୍ ପକାଇବାକୁ ବିଗତ ଦିନରେ ଦଳର ଶୀର୍ଷ ନେତୃତ୍ୱ ଉଦ୍ୟମ କରିଥିଲେ ମଧ୍ୟ ସୁଫଳ ମିଳିବା ବଦଳରେ କନ୍ଦଳ ବଢ଼ି ଚାଲିଥିଲା। ବିଇଏମସିର ରାଜନୀତି ଉପରେ ଏହାର ପ୍ରଭାବ ଅଧିକ ମାତ୍ରାରେ ପଡୁଥିବା ବି ଦେଖିବାକୁ ମିଳୁଛି। ସମ୍ପ୍ରତି ବ୍ରହ୍ମପୁରରେ ବିଜୁ ଜନତା ଦଳ କର୍ପୋରେଟର ଗୋଷ୍ଠୀ ଦୁଇ ଫାଳ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ବିଜେଡ଼ିର ରାଜ୍ୟ ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ବ୍ରହ୍ମପୁର ଗସ୍ତରେ ଆସି ଉଭୟ ଗୋଷ୍ଠୀ ସହିତ ପୃଥକ ଆଲୋଚନା କରିଥିବା ଶୁଣିବାକୁ ମିଳିଛି। ଝଗଡ଼ା ବନ୍ଦ କରିବାକୁ ଉଭୟ ଗୋଷ୍ଠୀକୁ ବୁଝାଇଥିଲେ ମଧ୍ୟ ଏଥିରେ କେହି ରାଜି ହୋଇନାହାନ୍ତି। ବିଜେଡ଼ି କର୍ପୋରେଟରଙ୍କୁ ବୁଝାଇବାରେ ଶ୍ରୀ ମିଶ୍ର ବିଫଳ ହୋଇଥିବା ସୂଚନା ମିଳିଛି। ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶ୍ରୀ ମିଶ୍ର ବ୍ରହ୍ମପୁର ଗସ୍ତରେ ଆସିଥିଲେ।ଖବର ପ୍ରକାରେ ସର୍କିଟ୍ ହାଉସ୍ ଠାରେ ଉଭୟ ଗୋଷ୍ଠୀଙ୍କ ବୈଠକ ଡକାଯାଇଥିଲା। ପ୍ରଥମେ ମେୟରଙ୍କ ବିରୋଧୀ ଗୋଷ୍ଠୀର ବିଜେଡ଼ି କର୍ପୋରେଟରମାନେ ସାକ୍ଷାତ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ କୌଣସି ଝଗଡ଼ା ନ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ କର୍ପୋରେଟରଙ୍କ ଠାରୁ ମହାନଗର ନିଗମର ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହା ପରେ ଜିଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ ଏବଂ ତାଙ୍କର କେତେକ ସମର୍ଥକଙ୍କୁ ସାକ୍ଷାତ କରିଥିଲେ ଦଳର ଏହି ବରିଷ୍ଠ ନେତା। ସମାନ କଥା କହିଥିଲେ। ଦଳୀୟ ପରିସ୍ଥିତି ବର୍ତ୍ତମାନ ଯାହା ରହିଛି, ସେଥିରେ କୌଣସି ପ୍ରକାର ଗୋଷ୍ଠୀ କନ୍ଦଳ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଏକାଠି କାମ କରିବାକୁ ଉଭୟ ଗୋଷ୍ଠୀଙ୍କୁ କହିଥିଲେ। ଦୁଇ ପକ୍ଷ ଏକାଠି ବସି ବିବାଦର ଆପୋଷ ସମାଧାନ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ହେଲେ ଉଭୟ ଗୋଷ୍ଠୀ ଏଥିରେ ରାଜି ହୋଇନଥିବା ଖବର ମିଳିଛି। କନ୍ଦଳ ପ୍ରସମିତ ପାଇଁ ଶ୍ରୀ ମିଶ୍ର ଯେଉଁ ନିବେଦନ କରିଥିଲେ, ତାହାକୁ ଉଭୟ ଗୋଷ୍ଠୀ ଅଗ୍ରାହ୍ୟ କରିଦେଇଥିଲେ। ପରିସ୍ଥିତି ଜଟିଳ ହେଉଥିବା ଆଶଙ୍କା କରିଥିଲେ ଶ୍ରୀ ମିଶ୍ର। ଏଣୁ ଆଗାମୀ ଦିନରେ ଭୁବନେଶ୍ୱରରେ ଉଭୟ ଗୋଷ୍ଠୀ ଭିତରେ ପୁଣି ଥରେ ଆପୋଷ ସମାଧାନ ବୈଠକ ଆୟୋଜନ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ମେୟର ବିରୋଧୀ ଗୋଷ୍ଠୀର କର୍ପୋରେଟରଙ୍କ ମଙ୍ଗଳବାର ଆଉ ଏକ ବୈଠକ ବସିଥିଲା।

## ମହାକାରୁଣିକ ଗୌତମ ବୁଦ୍ଧଙ୍କ ବାର୍ଷିକ ଉତ୍ସବ



**ମାର୍ଶାଘାଇ,୧୧।୧୨(ସଂଚାର ସଂଚାର):** ମହାକାରୁଣିକ ଗୌତମ ବୁଦ୍ଧଙ୍କ ବାର୍ଷିକ ଉତ୍ସବ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ଗ୍ରାମରେ ଗୌତମ ବୁଦ୍ଧ କମିଟି ତରଫରୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ବେରୁହାଁ ସରପଞ୍ଚ ବାବାଜୀ ଚରଣ ସ୍ୱାଇଁ ଯୋଗ ଦେଇ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଅତିଥି ପ୍ରଥମେ ବୃକ୍ଷ ରୋପଣ କରିବା ସହିତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାକୁ ବରିଷ୍ଠ ସମାଜସେବୀ ସିତାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ଏହି ବାର୍ଷିକ ଉତ୍ସବ ଟିକୁ ଆୟୋଜକ କରିଥିଲେ କମିଟିର ମୁଖ୍ୟ ଆଶୁତୋଷ ଶରଣସିଂ,ଧୂଳେଶ୍ୱର ମଲ୍ଲିକ, ଭୀମ ସେନ ଦାସ, ରାଜକିଶୋର ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ଖାରବେଳ ମଲ୍ଲିକ, ହେମନ୍ତ ମଲ୍ଲିକ,ଭାରତୀ ମଲ୍ଲିକ, ନମିତା ଦାସ, ଶୋଭାବତୀ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, କିଶୋର ମଲ୍ଲିକ,ଅନିଲ କୁମାର ଘଡାଇ, ରାଜେନ୍ଦ୍ର ମଲ୍ଲିକ ଙ୍କ ସମେତ ଅନ୍ୟାନ୍ୟ କର୍ମୀ । ଉକ୍ତ ଉତ୍ସବର ବୁଦ୍ଧ ମହାସଭାର ଭନ୍ତେ ସୁମଙ୍ଗଳ ବୋଧି ଯୋଗ ଦେଇ ଧମ୍ମ ବିଷୟରେ ଆଲୋଚନା ଓ ବୁଦ୍ଧଙ୍କ ଜୀବନୀ , ବୁଦ୍ଧ ଏସିଆ ଆଲୋକ , ଶାନ୍ତିର ପ୍ରତିକ ବୋଲି ଭନ୍ତେ କହିଥିଲେ । ସମ୍ବର୍ଦ୍ଧିତ ସାମ୍ବାଦିକଙ୍କ ମଧ୍ୟରେ ପ୍ରତୀକ ମିଶ୍ର, ଦେବାଶିଷ ମିଶ୍ର, ପିନାକୀ ସାମନ୍ତରାୟ, ଦେବାଶିଷ ସାହୁ, ଅକ୍ଷୟ ମଲ୍ଲିକ,ବାବୁଲି ମଲ୍ଲିକ,ବରିଷ୍ଠ ସାମ୍ବାଦିକ ହିମାଂଶୁ ଶେଖର ମହାନ୍ତି, ଅଶୋକ ସାହୁ, ପିଣ୍ଟୁ ସାମଲ, ପ୍ରମୁଖ ସାମ୍ବାଦିକ ଯୋଗ ଦେଇ ଥିଲେ । ସଚ୍ଚିଦାନନ୍ଦ ଯୁବକ ସଂଘ ର ସଭାପତି ସରୋଜ କାନ୍ତ ବେହେରାଙ୍କୁ କମିଟି ତରଫରୁ ସମାଜସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ମୁଖ୍ୟ ଅତିଥି। ଶେଷରେ କମିଟିର ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଚିତ୍ର ବ୍ୟବସ୍ଥା

### ରୋଗୀଙ୍କୁ ମିଳୁନି ବେଡସିଟ୍, କେନ୍ଦ୍ର ଭିତରେ ଗାଡ଼ି ପାର୍କିଂ

**ମହାକାଳପଡ଼ା,୧୧।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ବିବାଦ ପିଛା ଛାଡୁନି। ସ୍ୱାସ୍ଥ୍ୟ କେନ୍ଦ୍ର ବେଡ୍ ରେ କୁକୁର ଶୋଇବା ହେଉ ଅବା ରୋଗୀଙ୍କୁ ବେଡ୍ ସିଟ୍ ନମିଳିବା ଘଟଣା। ଗୋଦାମ ଘରୁ ୭୦ ପେଟି ନାପକିନ୍ ଚୋରି ହେବା ଘଟଣା ହେଉ ଅବା ଉତ୍ତମ ଚିକିତ୍ସା ସେବା। ଏମିତି ଘଟଣା ଏବେ ଏବେ ଚର୍ଚ୍ଚା ଥମି ନଥିବା ବେଳେ ଆଜି ପୁଣି ଏକ ଘଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ତ୍ତୃପକ୍ଷ ଙ୍କ ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ କର୍ମଚାରୀଙ୍କ ଗାଡ଼ି ପାର୍କିଂ କୁ ନେଇ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଗାଡ଼ି ପାର୍କିଂ ପାଇଁ ଯାଗାର ଅଭାବ ହେଲାଯେ କେନ୍ଦ୍ର ଭିତରେ ରଖିବାକୁ ପଡିଲା। ପରିସରକୁ ବିଶୋଧନ ପାଇଁ ନାନା ପ୍ରକାର ବ୍ୟବସ୍ଥା ଆପଣାଉଥିବା ବେଳେ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ଗାଡ଼ି ପାର୍କିଂ ସ୍ଥାନ ସାଜିଛି। ଯେଉଁଠି ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବାତାବରଣ ସୃଷ୍ଟି କରିବା କଥା ସେଠାରେ ଗାଡ଼ି ପାର୍କିଂ ସ୍ଥଳ ବନାଇ ସାରିଲେଣି। କେବଳ ସେତିକି ନୁହେଁ ଚିକିତ୍ସା ପାଇଁ ଯାଉଥିବା ବ୍ୟକ୍ତିଙ୍କୁ ବେଡସିଟ୍ ଦିଆଯାଉନଥିବା ଆମ ନଜରକୁ ଆସିବା ପରେ 'ସଂଚାର'ରେ ଖବର ପ୍ରକାଶ କରିଥିଲୁ। ଏ ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରା ପ୍ରାପ୍ତ ମେଡିକାଲ୍ ଅଫିସର ଡ଼.ନିରଞ୍ଜନ କରଙ୍କୁ ଆମେ ଜଣାଇବା ପରେ ସେ ଏମିତି ଘଟଣା କେବେ ସାମ୍ନାକୁ ଆସିବ ନାହିଁ ପ୍ରତିକ୍ରିୟା ରଖିଥିଲେ। ହେଲେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଠି ପ୍ରଶ୍ନ ଉଠୁଛି କି ମେଡିକାଲ୍ କର୍ତ୍ତୃପକ୍ଷ ଙ୍କ ଏମିତି ଦାୟିତ୍ୱହୀନତା କ'ଣ ପାଇଁ? ବାରମ୍ବାର ଏନେଇ ଖବର ପ୍ରସାରଣ ପରେ ମଧ୍ୟ କ'ଣ ପାଇଁ ଚେତୁ ନାହାଁନ୍ତି? ମେଡିକାଲ୍ ରେ ବାଇକ୍ ପାର୍କିଂ ପାଇଁ ସରକାର ନୂଆ ଯୋଜନା କରିଛନ୍ତି କି ? ନା ନାପକିନ୍ ଚୋରି ହେବା ଭୟରେ ବାହାରେ ଗାଡି ରଖିବାକୁ ଭୟ କରୁଛନ୍ତି କର୍ମଚାରୀ? ଏମିତି ଘଟଣାକୁ ଏବେ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ମହାକାଳପଡ଼ା ମେଡିକାଲ୍ ରେ ଏମିତି ବ୍ୟବସ୍ଥା ପାଇଁ କାହିଁକି ପ୍ରଶାସନ ଦୃଷ୍ଟି ଦେଉନି ତାହାକୁ ନେଇ ମଧ୍ୟ ଆଶଙ୍କା ବଢ଼ିଛି।



## ନାଟ୍ୟ ମହୋତ୍ସବ ପ୍ରସ୍ତୁତି

**କେନ୍ଦ୍ରାପଡା,୧୧।୧୨(ସଂଚାର ବ୍ୟୁରୋ):** ବିବିଧ କଳାର ସମାବେସୀ ମଂଚ 'ସିମ୍ଫୋନି' ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ଆୟୋଜିତ ହେଉଥିବା ପ୍ରଥମ ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ଖୁବ୍ ଉତ୍ସାହରେ ଅଗ୍ରସର ହେଉଥିବାର ପରିଲକ୍ଷିତ ହେଉଛି । ସହରର ବିଭିନ୍ନ ସ୍ଥାନରେ ଏହି ନାଟ୍ୟ ମହୋତ୍ସବର ରଙ୍ଗୀନ ହୋର୍ଡିଂ ସବୁ ଲଗାଯାଇଥିବା ପରିଲକ୍ଷିତ ହେଉଛି । ଆସନ୍ତା ଡିସେମ୍ବର ୨୮ ଓ ୨୯ ତାରିଖ ସହର ଉପକଣ୍ଠ ଗୁଆଳସିଂ ସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଏହି ଦ୍ୱି ଦିବାସୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଡ଼ ବିନାୟକ ପ୍ରସାଦ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି । ରାଜ୍ୟର ଅଗ୍ରଣୀ ତଥା ସୁନାମଧନ୍ୟ ନାଟ୍ୟ ସଂସ୍ଥା ଏଥିରେ ଅଂଶ ଗ୍ରହଣ କରୁଥିବା ଏବଂ ଅଗ୍ରୀମ ଭାବେ ଏହାର ଟିକଟ ସ୍ୱଳ୍ପ ମୂଲ୍ୟରେ ବିକ୍ରି ଆରମ୍ଭ କରା ଯାଇଛି ବୋଲି ସଂଯୋଜକ ସ୍ୱପ୍ନାଶୁ ଦାସ ସୂଚନା ଦେଇଛନ୍ତି ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ବାରିପଦା,୧୧।୧୨(ସଂଚାରବ୍ୟୁରୋ):** ଭାଲୁ ଆକ୍ରମଣ ରେ ମହିଳା ଗୁରୁତର ଏହି ଭଳି ଅଭାବନୀୟ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ହୁରୁଲାବେଡା ନାଳ ନିକଟ ରେ । ସୂଚନା ଅନୁଯାଇ ମହିଳା ଜଣକ ଦୈନିକ ଜାମଦା ସୁନାରାମ ସୋରେନ ଛକ କୁ ହାଣ୍ଡିଆ ବିକି ବାକୁ ଆସିଥାନ୍ତି , ପ୍ରତ୍ୟେକ ଦିନ ପରି ସଂଧ୍ୟ ସମୟ ପୂର୍ବରୁ ଘରକୁ ଫେରନ୍ତି କିନ୍ତୁ ଆଜି ବୁଧବାର ଦିନ ପୂର୍ବ ପରି ଘରକୁ ଫେରୁଥିବା ସମୟରେ ଘର ନିକଟ ହୁରୁଲାବେଡା ନାଳ ପଟାଶ ବଣ ନିକଟ ରେ ମହିଳାଙ୍କ ସହ ଭାଲୁ ସାମନାସାମନୀ ହୋଇଥିଲା ଯାହା ଫଳରେ ଭାଲୁ ମହିଳାକୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲା ।

## ସମସ୍ୟା ଘେରରେ ପାଟକୁରା ବଜାର

### ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ପାର୍କିଂ ବ୍ୟବସ୍ଥା



**କେନ୍ଦ୍ରାପଡ଼ା,୧୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ଗରଦପୁର ବ୍ଲକ ଅନ୍ତର୍ଗତ ପାଟକୁରା ବଜାର ଏକ ଗୁରୁତ୍ୱ ପୂର୍ଣ୍ଣ ବଜାର କାରଣ ଏହି ସ୍ଥାନରେ ଥାନା,ମେଡ଼ିକାଲ ସ୍କୁଲ ସମେତ ସାପ୍ତାହିକ ପରିବା ହାଟ ମଧ୍ୟ ବସିଥାଏ। ବର୍ତ୍ତମାନ ଏହି ବଜାରରେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗିଛି ବଜାର କଳେବର ବଢୁଥିବା ବେଳେ ରାସ୍ତାଘାଟ, ଟ୍ରାଫିକ ବ୍ୟବସ୍ଥା ଓ ଜବରଦଖଲ ସମସ୍ୟାର ସମାଧାନ ହେଉନି ସୂଚନା ଅନୁଯାୟୀ ଏଠାରେ ଗୋଟିଏ ଗ୍ରାମ ବ୍ୟାଙ୍କ, ବଜାର ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ,ମଣ୍ଡଳ ଶିକ୍ଷା କାର୍ଯ୍ୟଳୟ,ଜଳସମ୍ପଦ ଅଫିସ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ପ୍ରାଣୀ ଚିକିତ୍ସା କେନ୍ଦ୍ର ସମେତ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଛି । ଏହି ବଜାର ଉପରେ ପ୍ରାୟ ୩୦ଟି ପଞ୍ଚାୟତର ଲୋକଙ୍କ ସହ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକମାନେ ମଧ୍ୟ ନିର୍ଭର କରନ୍ତି। ପ୍ରତିଦିନ ହଜାର ହଜାର ସଂଖ୍ୟକ ଲୋକଙ୍କ ସମାଗମ ହେବା ସହ ଏଠାରୁ କଟକ, ଭୁବନେଶ୍ୱର, ରାଉରକେଲା, କଲିକତା ଆଦି ସ୍ଥାନକୁ ବସ୍ ଚଳାଚଳ କରିଥାଏ। ବଜାରରେ ଛୋଟବଡ଼ ୩୦୦ରୁ ଅଧିକ ଦୋକାନ ରହିଛି। ପର୍ବପର୍ବାଣିରେ ଏହି ବଜାରରେ ପ୍ରବଳ ଭିଡ଼ ହେଉଛି। ବଜାର ପାର ହେବା ପାଇଁ ଭିଡ଼ ହେତୁ ଅଧିକ ସମୟ ଲାଗୁଛି। ମେଡ଼ିକାଲ ପରିସର ମଧ୍ୟରେ ଗାଡ଼ି ପାର୍କିଂ ର ସୁବିଧା ନାହିଁ ଯାହା ଫଳରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସୁଥିବା ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେଉଛି ଯାହା ଫଳରେ ଚିକିତ୍ସା ସମସ୍ୟାକୁ ଅଧିକ ଜଟିଳ କରୁଛି। ବଜାରର କେତେକ ଦୋକାନ ମଧ୍ୟ ରାସ୍ତା ପାର୍ଶ୍ୱରେ ଲାଗି ରହିଛି। ଏହି ବଜାରରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ଲୋକମାନେ ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଦୋକାନ ପିଣ୍ଡା କିମ୍ବା କେଉଁ ଗଛମୂଳେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥାନ୍ତି। ଦୂରଦୂରାନ୍ତରୁ ଆସି ରାତିରେ ପହଞ୍ଚୁଥିବା ଲୋକଙ୍କ ପାଇଁ ରହିବାର ସୁବିଧା ନାହିଁ ଶୌଚାଳୟ ନଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଜାରରେ ଲାଗିଥିବା ଅଧିକାଂଶ ଲାଇଟ୍ ଜଳୁନାହିଁ। ଏଥିପାଇଁ ରାତିରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେହିପରି ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ବଜାର ରାସ୍ତାରେ ପାଣି ଜମି ରହୁଛି ବର୍ତ୍ତମାନ ଏହାର ପ୍ରତିକାର ପାଇଁ ନୂତନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପାନୀୟ ଜଳ ସଂକଟ ଏହି ବଜାର ପାଇଁ ମୁଖ୍ୟ ସମସ୍ୟା ପାଲଟିଛି ବଜାରରେ ଥିବା ଅଧିକାଂଶ ପାଣି ବିଶୁଦ୍ଧ ରହୁନି । ଯାହା ପାନୀୟ ଉପଯୋଗୀ ହେଉନାହିଁ ବଜାର ମଝିରେ ସରକାରୀ ଜମି ଜବରଦଖଲ ଯୋଗୁଁ ଅଧିକ ସମସ୍ୟା ସୃଷ୍ଟି ହେଉଛି। ଏସମ୍ପର୍କରେ ପଚାରିବାରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସହ ତୁରନ୍ତ ବଜାର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନ କୁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି ।

# ଜାତୀୟ ପଞ୍ଚାୟତ ପୁରସ୍କାର: ୭ବର୍ଗରେ ଓଡ଼ିଶା ପୁରସ୍କୃତ

**ନୂଆଦିଲ୍ଲୀ, ୧୧।୧୨(ଏଜେନ୍ସି):** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୧୧ ଡିସେମ୍ବର ୨୦୨୪) ନୂଆଦିଲ୍ଲୀଠାରେ ବିଭିନ୍ନ ବର୍ଗରେ ମନୋନୀତ ୪୫ ଜଣ ପୁରସ୍କାର ବିଜେତାଙ୍କୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି। ଏହା ଦୀର୍ଘସ୍ଥାୟୀ ଏବଂ ସମାବେଶୀ ବିକାଶ ପ୍ରତି ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ଏକ ମାନ୍ୟତା ରୂପେ କାର୍ଯ୍ୟ କରିବ।

ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଲେ ଯେ ଆମ ଦେଶରେ ଜନସଂଖ୍ୟାର ପ୍ରାୟ ୬୪ ପ୍ରତିଶତ ଗ୍ରାମାଞ୍ଚଳରେ ବାସ କରନ୍ତି। ତେଣୁ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଗ୍ରାମାଞ୍ଚଳ ଏବଂ ଗ୍ରାମବାସୀଙ୍କ ବିକାଶ ଏବଂ ସଶକ୍ତିକରଣ ଗୁରୁତ୍ୱପୂର୍ଣ୍ଣ। ସେ ସନ୍ତୋଷ ପ୍ରକାଶ କରି କହିଥିଲେ ଯେ ଗତ ଏକ ଦଶନ୍ଧି ମଧ୍ୟରେ ସରକାର ପଞ୍ଚାୟତ ସଶକ୍ତିକରଣ ପାଇଁ ଗମ୍ଭୀର ପ୍ରୟାସ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଦୃଢ଼ ଫଳାଫଳ ହାସଲ କରିବା।

ରାଷ୍ଟ୍ରପତି କହିଲେ ଯେ ଏକ ବିକଶିତ ଭାରତର ମୂଳଦୁଆ କେବଳ ଆତ୍ମନିର୍ଭରଶୀଳ ଏବଂ ସକ୍ଷମ ସ୍ଥାନୀୟ ପ୍ରଶାସିକ ସଂସ୍ଥା ଆଧାରରେ ସ୍ଥାପନ କରାଯାଇପାରିବ। ପଞ୍ଚାୟତଗୁଡ଼ିକ ନିଜସ୍ୱ ରାଜସ୍ୱ ଉତ୍ସ ବିକଶିତ କରି ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିବା ଉଚିତ। ଏହି ଆତ୍ମନିର୍ଭରଶୀଳତା ଗ୍ରାମସଭାକୁ ଆତ୍ମବିଶ୍ୱାସ ଏବଂ ଦେଶକୁ ଶକ୍ତି ପ୍ରଦାନ କରିବ।




ରାଷ୍ଟ୍ରପତି 'ଜାତୀୟ ପଞ୍ଚାୟତ ପୁରସ୍କାର'ର ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଏହି ପୁରସ୍କାର ସେମାନଙ୍କ ସମର୍ପଣ ଏବଂ ପ୍ରୟାସର ପ୍ରମାଣ। ସେ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଏହି ସମ୍ମାନ ସେମାନଙ୍କୁ ଆହୁରି ଉନ୍ନତ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବ ଏବଂ ଅନ୍ୟ ଗ୍ରାମ ପଞ୍ଚାୟତଗୁଡ଼ିକୁ ଗ୍ରାମ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ପ୍ରୟାସ କରିବା ନିମନ୍ତେ ପ୍ରେରଣା ଦେବ।

ରାଷ୍ଟ୍ରପତି କହିଲେ ଯେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମହିଳାମାନଙ୍କୁ ରାଜନୈତିକ ଦୃଷ୍ଟିରୁ ସଶକ୍ତ କରୁଛନ୍ତି। ମହିଳା ପ୍ରତିନିଧିମାନେ ତୃଣମୂଳ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆନନ୍ଦର ବିଷୟ। ପଞ୍ଚାୟତଗୁଡ଼ିକରେ ନିର୍ବାଚିତ ପ୍ରତିନିଧି ଭାବେ ନିର୍ଭୀକ ଭାବେ ଏବଂ ନିଜର ସମସ୍ତ ଦକ୍ଷତା ସହିତ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଲାଗି ସେ ସେମାନଙ୍କୁ ଅନୁରୋଧ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କ ପରିବାର ସଦସ୍ୟମାନେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ପ୍ରବୃତ୍ତି ଏବେ ମଧ୍ୟ କେତେକ ସ୍ଥାନରେ ରହିଛି। ସେ ମହିଳା ପ୍ରତିନିଧିମାନଙ୍କୁ ଏଭଳି ପ୍ରଥାର ମୂଳପୋଛ କରିବା ଏବଂ ନିଜକୁ ସ୍ୱାଧୀନ ନେତା ଭାବେ ପ୍ରତିଷ୍ଠିତ କରିବା ପାଇଁ କହିଥିଲେ।

ରାଷ୍ଟ୍ରପତି କହିଥିଲେ, ନିର୍ବାଚନ ଜନ ପ୍ରତିନିଧିମାନଙ୍କୁ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ କରିଥାଏ। ତେଣୁ ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ ଏବଂ ନିରପେକ୍ଷ ଭାବେ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ନିର୍ବାଚନ ସମୟରେ ଏବଂ ନିର୍ବାଚନ ପରେ ମଧ୍ୟ ନିର୍ବାଚନୀ ହିଂସାକାଣ୍ଡର ଘଟଣା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ ନିର୍ବାଚନ ପ୍ରକ୍ରିୟା ସର୍ବଦା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ହେବା ଉଚିତ। ଏହା ମନେ ରଖିବା ଉଚିତ ଯେ ଗ୍ରାମବାସୀମାନେ ନିଜ ସ୍ୱାର୍ଥ ପାଇଁ ନିଜ ଭିତରୁ ନିଜ ପ୍ରତିନିଧି ଚୟନ କରୁଛନ୍ତି।

ରାଷ୍ଟ୍ରପତି କହିଥିଲେ ଯେ ପଞ୍ଚାୟତିରାଜ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଜନ ପ୍ରତିନିଧି ଏବଂ ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା ଏବଂ ପ୍ରଶାସନରେ ସ୍ୱଚ୍ଛତା ବୃଦ୍ଧି କରିବା। ସେ କହିଥିଲେ ଯେ ଭୋଟରମାନେ ସେମାନଙ୍କ ପ୍ରତିନିଧିମାନଙ୍କୁ ଅତି ବିଶ୍ୱାସର ସହ ଚୟନ କରିଥାନ୍ତି। ତେଣୁ ନିର୍ବାଚିତ ପ୍ରତିନିଧିମାନଙ୍କ କର୍ତ୍ତବ୍ୟ ହେଉଛି ସେମାନଙ୍କ ଆଚରଣ ଏବଂ କାର୍ଯ୍ୟ ମାଧ୍ୟମରେ ଏହି ବିଶ୍ୱାସକୁ ବଜାୟ ରଖିବା।

ରାଷ୍ଟ୍ରପତି କହିଥିଲେ, ସାରା ଦେଶର ଗ୍ରାମାଞ୍ଚଳରେ ଅଧିକାଂଶ ବିବାଦଗୁଡ଼ିକର ସମାଧାନ ସ୍ଥାନୀୟ ସ୍ତରରେ କରାଯାଇପାରିବ। ଅଦାଲତକୁ ଯିବା ଦ୍ୱାରା କେବଳ ସେମାନଙ୍କର ଅର୍ଥ ଏବଂ ସମୟ ନଷ୍ଟ ହୁଏ ନାହିଁ, ବରଂ ଅଦାଲତ ଏବଂ ପ୍ରଶାସନ ଉପରେ ଅନାବଶ୍ୟକ ଚାପ ମଧ୍ୟ ବଢ଼ିଥାଏ। ପଞ୍ଚାୟତ ସ୍ତରରେ ହିଁ ଗ୍ରାମବାସୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ପ୍ରୟାସ କରିବାକୁ ସେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ଏପରି କରିବାର ଅଧିକାର ସେମାନଙ୍କର ଅଛି ଏବଂ ଏହା ସେମାନଙ୍କର କର୍ତ୍ତବ୍ୟ ମଧ୍ୟ।



ଚାରବାଟିଆରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କ ସହ ସାଂସଦ ଭର୍ତ୍ତୃହରି ମହତାବଙ୍କ ଆଲୋଚନା।

## ଦୁଇ ସହକାରୀ ମତ୍ସ୍ୟ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର,୧୧।୧୨ (ସଂଚାର ବ୍ୟୁରୋ):** ଦୁଇ ଜଣ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଓ ଅନିୟମିତତା କାରଣରୁ ଏହି ନିଲମ୍ବନ ଆଦେଶ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାରି କରାଯାଇଛି। ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକରେ କାର୍ଯ୍ୟରତ ସହକାରୀ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ଏବଂ ଗଞ୍ଜାମ ଜିଲ୍ଲା ସେରଗଡ଼ ବ୍ଲକରେ କାର୍ଯ୍ୟରତ ସୂର୍ଯ୍ୟକାନ୍ତ ବାରିକଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ପ୍ରଶାସନିକ ସେବା ନିୟମ ଆଧାରରେ ବିଭାଗ ପକ୍ଷରୁ ଏହି ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ତାଙ୍କର ହେଡ୍‌କ୍ୱାର୍ଟର ବା ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗରେ ସ୍ଥିର କରାଯାଇଛି। ପ୍ରଶାସନିକ ନିୟମ ଅନୁସାରେ କାର୍ଯ୍ୟ ସମ୍ପାଦନ କରୁନଥିବା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ଓ ଏହାର ସତ୍ୟତା ପ୍ରମାଣ ହେଲେ, ଏଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆସ୍କା ବିଧାୟକଙ୍କ ଆସ୍କା ଫର୍ଟି

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବୁଧବାର ବିଧାନସଭାରେ ଆସ୍କା-୪୦ର ଦର ବୃଦ୍ଧି ଦାବି କରିଛନ୍ତି ବିଧାୟକ ସରୋଜ ପାଢ଼ୀ । ବର୍ତ୍ତମାନ ପ୍ରତ୍ୟେକ ଜିନିଷର ବଜାର ଦର ଅହେତୁକ ଭାବେ ବୃଦ୍ଧି ପାଉଛି । ଆସିକା ଚିନି କଳ କ୍ଷତି ସହୁଥିଲେ ସୁଦ୍ଧା ୫ ବର୍ଷ ହେବ କାହିଁକି ଆସ୍କା-୪୦ର ମୂଲ୍ୟ ବୃଦ୍ଧି ହେଉନାହିଁ ବୋଲି କହିଛନ୍ତି ବିଧାୟକ ସରୋଜ ପାଢ଼ୀ । ଚିନି ଶିଳ୍ପକୁ ଏହାର ପରିଚାଳନାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହାର ଉଚିତ ମୂଲ୍ୟ ବୃଦ୍ଧି କରିବା



ପାଇଁ ପଦକ୍ଷେପ ଗ୍ରହଣ କରିବେ କି ବୋଲି ଗୃହରେ ପ୍ରଶ୍ନ କରିଛନ୍ତି ବିଧାୟକ ସରୋଜ ପାଢ଼ୀ ।

ବିଧାୟକ ସରୋଜ ପାଢ଼ୀ ଙ୍କ ଏହି ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଆସିକାଠାରେ ପ୍ରତିଷ୍ଠିତ ଆସିକା ସମବାୟ ଚିନି ଶିଳ୍ପ ଲିଃ ମୁଖ୍ୟତଃ ଚିନି ଉତ୍ପାଦନ କରୁଥିଲେ ମଧ୍ୟ ଚିନିର ଉତ୍ପାଦନ ମୂଲ୍ୟ ବିକ୍ରୟ ମୂଲ୍ୟଠାରୁ ଅଧିକ ଥିବା ଯୋଗୁ ହେଉଥିବା କ୍ଷତିର ଭରଣା କରିବା ପାଇଁ ବିକଳ୍ପ ଭାବେ ଏଠାରେ ଦେଶୀ ସୁରା ତିଆରି କରି ଓଡ଼ିଶା ରାଜ୍ୟ ପାନୀୟ ନିଗମକୁ ଯୋଗାଇ ଦିଆଯାଉଛି ଏବଂ ଏହା ବାବଦକୁ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଏହି ଦେଶୀ ସୁରାର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରିଥାନ୍ତି । ବର୍ତ୍ତମାନ ଏହି ସୁରାର ବୋତଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ ହୋଇଛି।

## ମିଳିଲେନି ପରିବହନକାରୀ-ବଣ୍ଟା ହେଲାନି ଗହମ

**ଭୁବନେଶ୍ୱର, ୧୧।୧୨:** ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ କରିବାପାଇଁ ପରିବହନ ସଂସ୍ଥା ଠିକ୍ ହୋଇନଥିବାରୁ ରାଜ୍ୟବାସୀ କଣ୍ଟ୍ରୋଲ ଗହମ ପାଇପାରି ନାହାନ୍ତି। ଯେଉଁଥିପାଇଁ ରାଜ୍ୟ ସରକାର କଣ୍ଟ୍ରୋଲ ଗହମ ବଣ୍ଟନ ବ୍ୟବସ୍ଥାକୁ ସ୍ଥଗିତ ରଖିଛନ୍ତି।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି ଓଡ଼ିଶା ବହୁଳ ଭାବେ ଚାଉଳ ବ୍ୟବହାର କରୁଥିବା ରାଜ୍ୟ ହୋଇଥିବା ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର



ସରକାର ୨୦୨୨ ମସିହା ଜୁଲାଇ ଠାରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନସ୍ଥ ହିତାଧିକାରୀଙ୍କୁ ଗହମ ଦେଲେ ନାହିଁ। ଗହମ ବନ୍ଦ କରିବା ସହିତ ଶତ ପ୍ରତିଶତ ଚାଉଳ ଯୋଗାଇଦେଲେ।

ତେବେ କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ମାସରୁ ଖାଉଟିମାନଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନପତ୍ର ଜାରି କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ କେନ୍ଦ୍ର ସରକାର ପୂର୍ବରୁ ମାସିକ ହାରାହାରି ୨୪, ୮୩୦.୪୮୩ ମେଟ୍ରିକ ଟନ୍ ଗହମ ରାଜ୍ୟକୁ ଯୋଗାଇ ଦେଉଥିବାବେଳେ ଅକ୍ଟୋବର ୨୦୨୪ ରୁ ହାରାହାରି ମାସିକ ୧୯, ୯୦୬.୦୧୯ ମେଟ୍ରିକ ଟନ୍ ଗହମ ଯୋଗାଇବାପାଇଁ ଆବଣ୍ଟନପତ୍ର ଜାରି କରିଛନ୍ତି।

ତେବେ ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ କରିବାପାଇଁ କୌଣସି ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହୋଇନଥିବାରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଇ ଉକ୍ତ ଗହମର ବଣ୍ଟନ ପ୍ରକ୍ରିୟା ସ୍ଥଗିତ କରାଯାଇଛି।

ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଖୋଲା ବଜାରରେ ବିକ୍ରି ହେଉଥିବା ଅଟାର ଦର ସାଧାରଣତଃ ରାଜ୍ୟ ବାହାରୁ ଆମଦାନୀ କରାଯାଉଥିବା ଗହମର ଦର ଉପରେ ନିର୍ଭର କରିଥାଏ। କଣ୍ଟ୍ରୋଲ ଗହମ ଯୋଗାଣ ବନ୍ଦ ଯୋଗୁଁ ରାଜ୍ୟରେ ଅଟା ଦର ବୃଦ୍ଧି ପାଉଥିବାର କୌଣସି ତଥ୍ୟ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇନାହିଁ। ତେବେ ଅଟାର ଦର ହ୍ରାସ ପାଇଁ ସରକାର ବଜାର ଉପରେ ଦୀକ୍ଷ୍ଣ ନଜର ରଖିବା ସଂଗେ ସଂଗେ ପ୍ରତ୍ୟହ ଏହାର ଅନୁଧ୍ୟାନ କରୁଛନ୍ତି ଏବଂ କଳାବଜାରୀ ରୋକିବାପାଇଁ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁ ରହିଛି। (ତଥ୍ୟ)

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ କର୍ମଶାଳା 'ମାନବୋତ୍ତର'




**ଭୁବନେଶ୍ୱର,୧୧।୧୨ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗ ପକ୍ଷରୁ ଏକ ଚାରିଦିନିଆ ଆନ୍ତର୍ଜାତିକ କର୍ମଶାଳା 'ମାନବୋତ୍ତର' ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହିଭଳି ଏକ ଆନ୍ତର୍ଜାତିକ କର୍ମଶାଳା ଦବାରା ଭାସ୍କର୍ଯ୍ୟର ମହତ୍ତ୍ୱକୁ ସମସାମୟିକ କଳା ଜଗତେର ପଉପଲବ୍ଧି କରାଯିବା ସହ ଆଜିର ମଣିଷ ଜୀବନରେ କଳାର ତତ୍ତ୍ୱକୁ ଅନୁଧ୍ୟାନ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସମାଜସେବୀ ଡ. ଶ୍ରୁତି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ଶରୀର, ପରିବେଶ ଓ ପ୍ରଯୁକ୍ତି ବିଷୟ ଉପରେ ଆଧାରିତ ଏହି କର୍ମଶାଳା ଆମକୁ କଳା ମାଧ୍ୟମ ପୃଥିବୀ ସମ୍ପର୍କରେ ପୁନଶ୍ଚ ଚିନ୍ତା କରିବାକୁ ପ୍ରେରିତ କରିବା ସହ ସାଂପ୍ରତିକ ଶିଳ୍ପୀମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କର୍ମଶାଳା 'ମାନବୋତ୍ତର'ର ଦାର୍ଶନିକ ତତ୍ତ୍ୱକୁ ନିଜସ୍ୱ କବିତା ମାଧ୍ୟମରେ ବିଶ୍ଳେଷଣ କରିବା ସହ ଏହି କର୍ମଶାଳାର ବିଷୟବସ୍ତୁ ମଧ୍ୟରେ ନିହିତ ରହିଥିବା ଦାର୍ଶନିକ ଓ ସାଂସ୍କୃତିକ ଚିନ୍ତାଧାରା ସମ୍ପର୍କରେ ସୁବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ମାନବିକତା ମାଧ୍ୟମରେ ସାଂପ୍ରତିକ ପରିବର୍ତ୍ତନଶୀଳ ସମାଜରେ କଳା ମାଧ୍ୟମରେ ଏକ ସୁନ୍ଦର ପୃଥିବୀର ପରିକଳ୍ପନା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଆନ୍ତର୍ଜାତିକ କର୍ମଶାଳାରେ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ନେଦରଲ୍ୟାଣ୍ଡ, ଥାଇଲାଣ୍ଡ, ଉତ୍ତରକୋରିଆ ତଥା ଭାରତରୁ ଯୋଗଦେଇଥିବା ୩୫ ଜଣ ଭାସ୍କର୍ଯ୍ୟଶିଳ୍ପୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଭାସ୍କର୍ଯ୍ୟ ବିଭାଗର ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ ଓ ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି କର୍ମୀଙ୍କୁ ହତ୍ୟାକଲେ ନକ୍ସଲ

**ମାଲକାନଗିରି, ୧୧।୧୨(ସଂଚାର ବ୍ୟୁରୋ):** ନକ୍ସଲଙ୍କ ବର୍ବରକାଣ୍ଡ। ଘରୁ ଡାକିନେଇ ବିଜେପି କର୍ମୀଙ୍କୁ ହତ୍ୟା କଲେ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏହି ବର୍ବରତା ଘଟିଛି। ମୃତ ବିଜେପି କର୍ମୀ ହେଲେ ମାଣ୍ଡେରାମ ଫୁଡ଼ିଆମୀ। ଗତ ରାତିରେ କିଛି ସଶସ୍ତ୍ର ନକ୍ସଲ ମାଣ୍ଡେରାମଙ୍କୁ ଘରୁ ଡାକି ନେଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ହତ୍ୟା କରି କୁଟୁର ଥାନା ଅନ୍ତର୍ଗତ ସମନପଲ୍ଲୀ ଗାଁ ନିକଟରେ ପକାଇ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ନକ୍ସଲମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ି ଯାଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ପୁଲିସ ଇନଫର୍ମର ସନ୍ଦେହରେ ନକ୍ସଲ ମାଣ୍ଡେରାମ ଫୁଡ଼ିଆମୀଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ୨୭ ଉତ୍ପାଦକୁ ଜିଆଇ ମାନ୍ୟତା

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର କେଉଁ କେଉଁ ଜିଲ୍ଲାର କେଉଁ ଉତ୍ପାଦିତ ସାମଗ୍ରୀକୁ ଭୌଗଳିକ ସୂଚକାଙ୍କ ମାନ୍ୟତା (ଜିଆଇ ଟ୍ୟାଗ୍) ମିଳିଛି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରଶ୍ନ କରିତିଲେ। ତାଙ୍କ ପ୍ରଶ୍ନରେ ଜବାବ ରଖି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ତାଲିକାରେ ୨୭ଟି ସାମଗ୍ରୀ ଅଥବା ଉତ୍ପାଦ ସାମିଲ ରହିଛି। ରାଜ୍ୟରେ ସର୍ବାଧିକ ହସ୍ତଶିଳ୍ପ ବର୍ଗରେ ୧୬ଟି ଉତ୍ପାଦ ଓ ସାମଗ୍ରୀକୁ ଜିଆଇ ମାନ୍ୟତା ମିଳିଥିବା ୭ କୃଷି କ୍ଷେତ୍ରରେ ଏବଂ ୪ଟି ଖାଦ୍ୟ ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଛି। ପଟ୍ଟଚିତ୍ର ପାଇଁ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାକୁ ଜିଆଇ ମାନ୍ୟତା ମିଳିଥିବାବେଳେ ଓଡ଼ିଶା ରସଗୋଲା ପାଇଁ ଖୋର୍ଦ୍ଧା ଜିଲାକୁ ମାନ୍ୟତା ମିଳିଛି । କନ୍ଧମାଳ ହଳଦୀ ପାଇଁ କନ୍ଧମାଳ ଜିଲାକୁ ମାନ୍ୟତା ମିଳିଛି । ଓଡ଼ିଶା ଖଜୁରୀ ଗୁଡ ପାଇଁ ଗଜପତି ଓ ଖୋର୍ଦ୍ଧା ଜିଲାକୁ ମାନ୍ୟତା ମିଳିଛି ବୋଲି ତଥ୍ୟ ପ୍ରଦାନ କରିଛନ୍ତି ମନ୍ତ୍ରୀ।

### ଆଇଏପିଏମ୍‌ର ୭୨ତମ ଜାତୀୟ ବାର୍ଷିକ ସମ୍ମିଳନୀ

## ସମ୍ ହସ୍ପିଟାଲ୍‌ରେ ୪ କର୍ମଶାଳା



**ଭୁବନେଶ୍ୱର,୧୧।୧୨(ସଂଚାର ବ୍ୟୁରୋ):** ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ପାଥୋଲୋଜିଷ୍ଟସ ଆଣ୍ଡ ମାଇକ୍ରୋବାୟୋଲୋଜିଷ୍ଟସ (ଆଇଏପିଏମ୍) ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ପାଥୋଲୋଜି-ଇଣ୍ଡିଆନ୍ ଡିଭିଜନ୍ (ଆଇଏପି-ଆଇଡି)ର ୭୨ତମ ବାର୍ଷିକ ସମ୍ମିଳନୀ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ବୁଧବାର ୩ ପ୍ରାକ୍-ସମ୍ମଳିନୀ କର୍ମଶାଳା ଆୟୋଜିତ ହୋଇଯାଇଛି।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆୟୋଜିତ ପ୍ରଥମ ପ୍ରାକ୍-ସମ୍ମିଳନୀ କର୍ମଶାଳାର ବିଷୟବସ୍ତୁ ରହିଥିଲା 'ଏ ପିକ୍ ଇନ୍‌ଟୁ ଦ ରେନ୍ ବକ୍ସ'। କର୍ମଶାଳାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ଇନ୍‌ଚାର୍ଜ ପ୍ରଫେସର (ଡାକ୍ତର) ସୌମ୍ୟ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତରୀ ପେସାରେ ଆଇନ୍‌ଗତ ଦିଗ ବର୍ତ୍ତମାନ ଏକ ଆହ୍ୱାନ ସୃଷ୍ଟି କରିଥିବା କହିଥିଲେ। ଦ୍ୱିତୀୟ ପ୍ରାକ୍-ସମ୍ମିଳନୀ କର୍ମଶାଳାର ପ୍ରସଙ୍ଗ ରହିଥିଲା 'ଇଭାଲୁଏସନ୍ ଅଫ୍ ବ୍ଲିଡିଙ୍ଗ୍ ଡିଜ୍‌ଅର୍ଡର୍ସ-ହ୍ୟାଣ୍ଡସ ଅନ୍ ଟ୍ରେନିଙ୍ଗ୍'। ତୃତୀୟ ପ୍ରାକ୍-ସମ୍ମିଳନୀ କର୍ମଶାଳାର ପ୍ରସଙ୍ଗ ରହିଥିଲା 'ବେସିକ୍ସ ଅଫ୍ ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ'। ଏଥିରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରଟେଣ୍ଡେଂଟ ପ୍ରଫେସର (ଡାକ୍ତର) ସାମନ୍ତସିଂହାର ମୁଖ୍ୟ ଅତିଥି ଓ ଟିଏମ୍‌ସି କୋଲାକାତାର ଲାବୋରେଟୋରୀ ସର୍ଭିସେସ ବିଭାଗର ନିର୍ଦ୍ଦେଶକ କର୍ଣ୍ଣେଲ୍ (ଡାକ୍ତର) ଦୀପକ କୁମାର ମିଶ୍ର କର୍ମଶାଳାକୁ ପରିଚାଳନା କରିଥିଲେ। ଏହି ତିନି କର୍ମଶାଳାରେ ପ୍ରାୟ ୩୦ ଜଣ ବିଶେଷଜ୍ଞ ସାମିଲ ହୋଇଥିଲେ।

ସେହିପରି ଏହି ଜାତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ-୨ ଫୁଲନଖରା କ୍ୟାମ୍ପସ୍ ପରିସରରେ ମଧ୍ୟ ପାଥୋଲୋଜି ବିଭାଗ ପକ୍ଷରୁ ଏକ ପ୍ରାକ୍-ସମ୍ମିଳନୀ କର୍ମଶାଳା ଆୟୋଜିତ ହୋଇଥିଲା।ଏହି କର୍ମଶାଳାର ପ୍ରସଙ୍ଗ ରହିଥିଲା 'ଇମ୍ୟୁନୋଫ୍ଲୁରେସେନ୍ସ ମାଇକ୍ରୋସ୍କୋପି'।ଏହି କର୍ମଶାଳାରେ ହସ୍ପିଟାଲର ଆଡିସ୍‌ନାଲ୍ ମେଡିକାଲ ସୁପରିଟେଣ୍ଡେଂଟ ଡାକ୍ତର ସିଦ୍ଧାର୍ଥ ଗୌତମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଓଡ଼ିଶା ଓ ଓଡ଼ିଶା ବାହାରୁ ୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ।

## ଦଧିବାମନ ଉପାସନା ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର,୧୧।୧୨ (ସଂଚାର ବ୍ୟୁରୋ):** ପୂଜ୍ୟପୂଜା ଓଡ଼ିଶା ଓ ଆଧ୍ୟାତ୍ମିକ ପତ୍ରିକା 'ମୁକ୍ତିଦର୍ଶନ' ପକ୍ଷରୁ ଦଧିବାମନ ଉପାସନା ଶୀର୍ଷକ ଆଲୋଚନାଚକ୍ର ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଶ୍ରୀ ବିରଜା ପ୍ରସାଦ ଶତପଥୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଯୋଗଦାନ କରି କହିଲେ ଯେ ଦଧିବାମନ ଉପାସନା ଅତ୍ୟନ୍ତ ପ୍ରାଚୀନ ଓ ସାରଳା ଦାସ ଙ୍କ ମହାଭାରତରେ ତାଙ୍କର ସ୍ୱରୂପ ସଂପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି।ଓଡ଼ିଶାରେ ଅନେକ ଦଧିବାମନ ମନ୍ଦିର ରହିଛି। ତନ୍ମଧ୍ୟରୁ ବରଗଡ ଜିଲ୍ଲାର ଭ ଟିଲି ସ୍ଥିତ ମନ୍ଦିର ସର୍ବ ପୁରାତନ ବୋଲି ଗବେଷକ ମାନେ ମତ ଦେଇଥାନ୍ତି। ଏହି ଆଲୋଚନାରେ ଶ୍ରୀ ବିନୋଦ ବିହାରୀ ମହାନ୍ତି, ତପନ କୁମାର ବାରିକ , ମିନତୀ ଷଡ଼ଙ୍ଗୀ, ଡକ୍ଟର ଆରତି କର, ଡକ୍ଟର ସିଦ୍ଧାର୍ଥ କାନନ୍ ଗୋ , କୈଳାସ ରଥ, ଶ୍ରୀ ବାସ ମହାପାତ୍ର ଓ ରାମ ନାରାୟଣ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ଶ୍ରୀ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ବେଦାନ୍ତ ପକ୍ଷରୁ 'ଭିଇଦକ୍ଷତା' ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର

- ସ୍ଥାନୀୟ ଯୁବକ ଯୁବତୀଙ୍କୁ ରୋଜଗାର ଭିତ୍ତିକ ତାଲିମ
- ବର୍ଷକରେ ୭୦୦ଙ୍କୁ ମିଳିବ ରୋଜଗାର ସୁଯୋଗ




**ଭୁବନେଶ୍ୱର, ୧୧ । ୧୨ (ସଂଚାର ବ୍ୟୁରୋ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ବିଲେଇମୁଣ୍ଡା ଗ୍ରାମରେ ଏକ ନୂତନ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର 'ଭିଇଦକ୍ଷତା' ପ୍ରତିଷ୍ଠା କରାଯାଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଏହି ଅଞ୍ଚଳର ଗରିବ ଯୁବକମାନଙ୍କୁ ନିଯୁକ୍ତି ସହ ଜଡିତ ତାଲିମ ପ୍ରଦାନ କରାଯିବ ଏବଂ ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ଓ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ଆଶାୟୀ ଯୁବକଯୁବତୀଙ୍କୁ ସେବା ଯୋଗାଇ ଦିଆଯିବ। ହେମଗିର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଜିଏମ୍‌ଏସ୍ ସଭାପତି ଗୋପାଳ ପଧାନ, ମୁଣ୍ଡେଲଖେତ ସରପଞ୍ଚ ସନ୍ୟାସୀ ବାଗ ଓ ଗର୍ଜନଜୋର ସରପଞ୍ଚ ସୁନନ୍ଦା କାଲୋଙ୍କ ସମେତ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ସଦର ଉପଜିଲ୍ଲାପାଳ ଶ୍ରୀ ଦାଶରଥୀ ସରାବୁ ଏହି ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରିଥିଲେ ।

ବେଦାନ୍ତ ଆଲୁମିନିୟମ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ ଏସ୍ ଡିସି)ର ମିଳିତ ଉଦ୍ୟୋଗ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡ୍ ସହ ଭାଗିଦାରୀ କରିଛି । ଏହି କେନ୍ଦ୍ରରେ ସିଲେଇ ତାଲିମ, ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟ ଓ ପାନୀୟ ସେବା ଉପରେ ପାଠ୍ୟକ୍ରମ ପ୍ରଦାନ କରାଯାଏ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଆଗାମୀ ତିନି ବର୍ଷ ମଧ୍ୟରେ ୭୦୦ ଗ୍ରାମୀଣ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ପାଇଁ ୧୦୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବାବେଳେ 'ଭିଇଦକ୍ଷତା' ପ୍ରତି ସ୍ଥାନୀୟ ଲୋକେ ଆଗ୍ରହ ଦେଖାଇଛନ୍ତି । ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରରେ ଉନ୍ନତ ଭିତ୍ତିଭୂମି ରହିଛି, ଯେଉଁଥିରେ ଏକ ବହୁମୁଖୀ ହଲ୍, ଏକ ଡିଜିଟାଲ୍ ପ୍ରଶିକ୍ଷଣ କକ୍ଷ, ବିଭିନ୍ନ ବ୍ୟବସାୟ ପାଇଁ ପ୍ରଶିକ୍ଷଣ କକ୍ଷ ଏବଂ ଉଭୟ ବାଳକ ଓ ବାଳିକାଙ୍କ ପାଇଁ ପୃଥକ ହଷ୍ଟେଲ ସୁବିଧା ରହିଛି ।

ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଯୁବବର୍ଗଙ୍କୁ ଦକ୍ଷ କରିବା ସହିତ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଢାଞ୍ଚାର ଉନ୍ନତି ପାଇଁ ଆମର ଲକ୍ଷ୍ୟର କେନ୍ଦ୍ରବିନ୍ଦୁ । ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଓଓ କଂସଜିତ ଭାଉମିକ କହିଛନ୍ତି, 'ଭିଇଦକ୍ଷତା' ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ ବେଦାନ୍ତର ଲକ୍ଷ୍ୟଭିତ୍ତିକ ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଆତ୍ମନିର୍ଭରଶୀଳ କରିବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । କମ୍ପାନୀର ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ସୁନ୍ଦରଗଡ଼ ଉପଜିଲ୍ଲାପାଳ ଦଶରଥୀ ସରାବୁ କହିଛନ୍ତି, 'ଭିଇଦକ୍ଷତା\' ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ଏହି ଅଞ୍ଚଳ ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ। ଏହି ପଦକ୍ଷେପ କେବଳ ଯୁବବର୍ଗଙ୍କ ଉନ୍ନତି ନୁହେଁ ବରଂ ଜିଲ୍ଲାର ଅର୍ଥନୈତିକ ଉନ୍ନତିକୁ ମଧ୍ୟ ପ୍ରୋତ୍ସାହିତ କରୁଛି ।

### ଜୀବନ ଅମୃତ ଅନୁଚିନ୍ତା

ସତକର୍ମର ଫଳ ବୃଥା ଯିବନି- ମନୁଷ୍ୟ ଯାହା ବି କର୍ମ କରେ ତାହାର ଫଳାଫଳ ତାକୁ ହିଁ ମିଳିଥାଏ। ଏହାକୁ କେହି ଚୋରୀ କରିପାରିବ ନାହିଁ। ସତକର୍ମ କେବେ ବି ବୃଥା ଯିବନି। ଏହାର ପୁରସ୍କାର ଦିନେ ନା ଦିନେ ମିଳିବ।


SANCHAR

ସଂଚାର


# ମହିଳା ଭୋଟ ବ୍ୟାଙ୍କର ପ୍ରଭାବ

ଗତ କିଛି ବର୍ଷ ହେବ ଉଭୟ ଜାତୀୟ ଏବଂ ରାଜ୍ୟ ରାଜନୀତିରେ ମହିଳା ଭୋଟ ବ୍ୟାଙ୍କ ହାତେଇବାକୁ ସବୁ ରାଜନୈତିକ ଦଳ ଉଦ୍ୟମ କରିଆସୁଛନ୍ତି। ପୂର୍ବରୁ ମହିଳାମାନେ କମ ସଂଖ୍ୟାରେ ମତଦାନ କରୁଥିଲେ। ଏବେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହୁଛି। ପୂର୍ବରୁ ମହିଳାମାନେ ଘରର ମୁଖ୍ୟ ପୁରୁଷଙ୍କ ନିର୍ଦ୍ଦେଶ ଅନୁସାରେ ନିଜର ପ୍ରତିନିଧି ଚୟନ କରୁଥିଲେ। କିନ୍ତୁ ସମୟ ବଦଳିଛି। ମହିଳାମାନେ ଶିକ୍ଷିତ ଏବଂ ସଚେତନ ହେଲେଣି। ତେଣୁ ସେମାନେ ନିର୍ବାଚନରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଉଛନ୍ତି ଏବଂ ନିଜ ପସନ୍ଦର ଦଳ ବା ପ୍ରାର୍ଥୀ ଚୟନ କରୁଛନ୍ତି। ତେଣୁ ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ସବୁ ରାଜନୈତିକ ଦଳ ଉଦ୍ୟମ କରୁଛନ୍ତି। ସଦ୍ୟ ସମାପ୍ତ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ଅନେକଙ୍କୁ ବିସ୍ମିତ କରିଛି। ଏହା ପଛରେ ରହିଛି ମହିଳା ଭୋଟରଙ୍କ ଭୂମିକା। ଗୋଟିଏ ଦଳ ଲଗାତାର ୫/୧୦ ବର୍ଷ କ୍ଷମତାରେ ରହିବା ପରେ ଏହାର ଲୋକପ୍ରିୟତା ଏବଂ ଭୋଟ ହାର ହ୍ରାସ ପାଇଥାଏ। କ୍ୱଚିତ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। କିନ୍ତୁ ଏବେ ଅନେକ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହା ପୂର୍ବରୁ ହରିୟାନାରେ ମଧ୍ୟ ଶାସନ କ୍ଷମତାରେ ଥିବା ଦଳ ନିର୍ବାଚନରେ ବିଜୟୀ ହୋଇଥିଲା। ଏହାର କାରଣ କ'ଣ ହୋଇପାରେ ସେଥିନେଇ ଚର୍ଚ୍ଚା ହେଉଛି। ଶାସନ କ୍ଷମତାରେ ଥିବା ଦଳ ବା ସରକାର ନିର୍ବାଚନର ଠିକ ପୂର୍ବରୁ ଏଭଳି କିଛି ଲୋଭନୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଘୋଷଣା କରୁଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ଭୋଟର ମାନେ ଶାସକ ଦଳ ସପକ୍ଷରେ ଯାଉଛନ୍ତି। ଆଉ କେତେକ ରାଜ୍ୟରେ ଶାସକ ବା ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାରରେ ଏଭଳି କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଉଛି ଯାହାକୁ ଭରସା କରି ମଧ୍ୟ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ସବୁ ଦଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ପ୍ରଲୋଭିତ କରି ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଲା। ଏବେ ବିଜେପି ସେହି ନୀତି ଆପଣାଇଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। କାରଣ ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତିର ବିଜୟ ପଛରେ ଏହା ଏକ ବଡ଼ କାରଣ ବୋଲି ଖୋଦ ଶରଦ ପାୱାର ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୁରଦୂରାନ୍ତରୁ ଆଦିବାସୀ ମହିଳମାନେ ନିର୍ବାଚନୀ ସଭାରେ ରୁଣ୍ଡ ହେଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ବ୍ଲକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ସବୁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା। ମାତ୍ର ୫ ମାସ ବ୍ୟବଧାନରେ ଜନମତ ବଦଳିଗଲା। ଏହା ପୂର୍ବରୁ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶରେ କଂଗ୍ରେସ-ସମାଜବାଦୀ ପାର୍ଟୀ ମେଣ୍ଟ ସପକ୍ଷରେ ଜନମତ ଯାଇଥିଲା। ଏହାର କାରଣ ମଧ୍ୟ ଥିଲା ମହିଳା ଭୋଟ। କଂଗ୍ରେସ-ସପା ମେଣ୍ଟ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ କରିବାର ମୁଖ୍ୟ କାରଣ ଥିଲା ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲୋଭନୀୟ ପ୍ରତିଶ୍ରୁତି। ନଚେତ ଉତ୍ତରପ୍ରଦେଶରେ ବିଜେପି ଖରାପ ପ୍ରଦର୍ଶନ କରିବାର କିଛି କାରଣ ନଥିଲା। ଅନ୍ୟ ସବୁ ରାଜ୍ୟରେ ଏଭଳି ଭାବେ ମହିଳା ଭୋଟରମାନେ ନିର୍ଣ୍ଣାୟକ ହେଉଛନ୍ତି। ଏହା ଏକ ବଡ଼ ରାଜନୈତିକ କୌଶଳ ହୋଇଛି। ବିକାଶ, ସୁଶାସନ ମୂଲ୍ୟହୀନ ହୋଇଯାଇଛି। ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ସରକାର ଯଦି କଠୋର ପଦକ୍ଷେପ ନିଅନ୍ତି ତେବେ ପରବର୍ତ୍ତୀ ନିର୍ବାଚନରେ ଏହାକୁ ପରାଜୟର ସାମନା କରିବାକୁ ପଡ଼ିବ। ଲୋକେ ଚାହୁଁଛନ୍ତି ସେମାନଙ୍କର କ'ଣ ବ୍ୟକ୍ତିଗତ ଫାଇଦା ହେବ। ସେମାନେ ତାକୁ ଭୋଟ ଦେବେ। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ବା ସ୍ୱାଗତଯୋଗ୍ୟ ନୁହେଁ। ଆଗକୁ ସଂସଦ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାର ପ୍ରଭାବ ଅପରିସୀମ ହେବ। ସେଥିପାଇଁ ମହିଳାମାନଙ୍କୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ତଥା ଅଧିକାର ସମ୍ପର୍କରେ ସଚେତନ ହେବାକୁ ପଡ଼ିବ। ସେମାନଙ୍କୁ କେହି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିବା ଅନୁଚିତ। ମହିଳାମାନେ ସେଥିପାଇଁ ସୁଯୋଗ ଦେବା ଅନୁଚିତ। ସେମାନେ ସ୍ୱାଧୀନ ଭାବେ ଚିନ୍ତା କରିବା ଏବଂ ନିଜସ୍ୱ ନିଷ୍ପତ୍ତି ନେବା ଶିଖନ୍ତୁ। କେହି ସେମାନଙ୍କ ଅଧିକାରକୁ ଅପହରଣ ନକରନ୍ତୁ।

# ଆମ ଦେଶ ଇଣ୍ଡିଆ ନା ଭାରତ ?



**ଗୋପାଳ ମହାପାତ୍ର**




ଆମ ସମ୍ବିଧାନର ଅନୁଚ୍ଛେଦ ୧(୧) ରେ ଦେଶର ନାମ "ଇଣ୍ଡିଆ ଦ୍ୟାଟଇଜ୍ ଭାରତ" ବୋଲି ଉଲ୍ଲେଖ ରହିଛି। ଏହାର ଅର୍ଥ ହେଉଛି ଆମ ଦେଶର ମୂଳ ପ୍ରାଚୀନ ନାମ "ଭାରତ" କୁ ବିକଳ୍ପ ନାମ ଭାବେ ଉଲ୍ଲେଖ କରାଯାଇଛି। ପରିଣାମ ସ୍ୱରୂପ ଭାରତର ସମ୍ବିଧାନ " ଇଣ୍ଡିଆ ର ସମ୍ବିଧାନ" ପାଲଟିଗଲା ଏବଂ ସବୁ ସ୍ଥାନରେ "ଇଣ୍ଡିଆ" ଶବ୍ଦର ପ୍ରୟୋଗ ଏବଂ ପ୍ରଚାର କରାଗଲା। ଆମ ସଂସ୍କୃତି ଏବଂ ସଭ୍ୟତା ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ଅଟେ। ଏପରିକି ଦେଶର ବାସ୍ତବିକ୍ ନାମ ଭାରତବର୍ଷ ଅଟେ। ପୁରାଣ ଏବଂ ଗୀତା ଭଳି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏଦେଶକୁ ଭାରତ ବୋଲି ବର୍ଣ୍ଣନା କରାଯାଇଛି। ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତ ହୋଇଛି ବୋଲି ଅନେକଙ୍କ ମତ। ସମ୍ରାଟ ଭରତ ଥିଲେ ରାଜା ଦୁଷ୍ମନ୍ତ ଏବଂ ରାଣୀ ସକୁନ୍ତଳାଙ୍କ ସୁପୁତ୍ର। ବିଷ୍ଣୁ ପୁରାଣରେ ଆମ ଦେଶର କ୍ଷେତ୍ରୀୟ ସୀମା ବାବଦରେ ଯାହା ଉଲ୍ଲେଖ କରାଯାଇଛି ତଦନୁସାରେ " ଉତ୍ତରଂ ଯତ୍ - ସମୁଦ୍ରସ୍ୟ ହିମଦେ ସତୈବ ଦକ୍ଷିଣମ୍ ବର୍ଷମ୍ ତଦୁ ଭାରତଂ ନାମ ଭାରତୋ ଯତ୍ର ସନ୍ତତିଃ"। ଅର୍ଥାତ୍ ଉତ୍ତରରେ ସମୁଦ୍ର ଏବଂ ଦକ୍ଷିଣରେ ବରଫାବୃତ୍ତ ପର୍ବତ, ମଧ୍ୟରେ ଯେଉଁ ଦେଶ ରହିଛି ତାକୁ ଭାରତ କୁହାଯାଏ। ମହାଭାରତରେ ଆମର ମାତୃଭୂମୀର ଉଲ୍ଲେଖ ଭାରତବର୍ଷ ରୂପରେ କରାଯାଇଛି। ରାଜା ଭରତଙ୍କ ଦ୍ୱାରା ସ୍ଥାପିତ ଏବଂ ଶାସିତ ସାମ୍ରାଜ୍ୟରେ କେବଳ ଯେ ବର୍ତ୍ତମାନର ଭାରତୀୟ ଭୂଭାଗ ଥିଲା ତା ନୁହେଁ ବରଂ ଆଖପାଖର ଅନ୍ୟଦେଶ ବର୍ମା (ବ୍ରହ୍ମଦେଶ), ନେପାଳ, ତିବତ, ଆଫଗାନିସ୍ଥାନ, ଉଦବେକିସ୍ଥାନ, ଋଷ, ଚୀନ, ମାଲେସିଆ, ଇଣ୍ଡୋନେସିଆ ଏବଂ ବର୍ତ୍ତମାନର ଭାରତରୁ ବିଭାଜିତ ପାକିସ୍ଥାନ ଓ ବଙ୍ଗଳାଦେଶ ସାମିଲ ଥିଲା।

କୁହାଯାଇପାରେ ଯେ ଭାରତର ବର୍ତ୍ତମାନ ଇଂରାଜୀ ନାମ ଉତ୍ତର ପଶ୍ଚିମର ପବିତ୍ର ନଦୀ ସିନ୍ଧୁରୁ ହିଁ ଆସିଛି। ପାରସି ମାନେ ଏହି ନଦୀକୁ ସିନ୍ଧୁ ଭାବେ ଉଚ୍ଚାରଣ ନକରି "ହିନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ଏବଂ ୟୁନାନୀ "ଇନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ବୋଲି ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି। ରାଜା ଆଲଫ୍ରେଡ଼ ଓରୋସିୟସ ଅନୁବାଦରେ ଭାରତର ଇଂରାଜୀ ନାମର ପ୍ରୟୋଗ କରିଥିଲେ ବୋଲି ୫ମ ଶତାବ୍ଦିରେ ଲାଟିନରେ ଲେଖାଯାଇଥିବା ବିଶ୍ୱ ଇତିହାସରେ ବର୍ଣ୍ଣିତ ଅଛି। ଏହାପରେ ମୋଗଲ, ଫ୍ରେଞ୍ଚ, ସ୍ପେନିସ, ପର୍ତ୍ତୁଗୀଜ ମାନେ ଭାରତକୁ ଭିନ୍ନ ଭିନ୍ନ ନାମରେ ନାମିତ (ଉଚ୍ଚାରିତ) କରିଥିଲେ। ମୋଗଲ ମାନେ ହିନ୍ଦୁସ୍ଥାନ କହୁଥିଲେ କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତର ଆସିବା ପରେ ନାମ ପରିବର୍ତ୍ତନ କରି ଦେଶର ନାମ ଇଣ୍ଡିଆ କରି ଦେଲେ କାରଣ ଇଂରେଜ ମାନେ ଆମକୁ ରାଜା (କିଙ୍ଗ୍) ଆଲଫ୍ରେଡ଼ଙ୍କ ସମୟରୁ ଇଣ୍ଡିଆ ନାମରେ ଜାଣିଥିଲେ। ୧୮୫୮ ମସିହା ଅଗଷ୍ଟ ମାସରେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଭାରତର ଶାସନର ଦାୟିତ୍ୱ ନେବା ବେଳେ ତତ୍କାଳୀନ ବ୍ରିଟିଶ ସରକାର "ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଅଧିନିୟମ" ଗୃହୀତ କରାଇଥିଲେ ଫଳତଃ ଭାରତର ନାମ ସେବେଠାରୁ ଇଣ୍ଡିଆ ହୋଇଯାଇଥିଲା ଓ ଦେଶ ସ୍ୱାଧିନ ହେବା ପରେ ମଧ୍ୟ ଦେଶର ନାମ ଇଣ୍ଡିଆ ରହିଗଲା।

ବ୍ରିଟିଶ ଉପନିବେଶକ ମାନଙ୍କ ମାନଙ୍କ ଦ୍ୱାରା ଲଦି ଦିଆଯାଇଥିବା "ଇଣ୍ଡିଆ" ନାମ ଗୋଲାମୀର ପ୍ରତୀକ ଅଟେ ଏବଂ ଏହା ଭାରତୀୟ ଲୋକଙ୍କ ଭାବନା, ସ୍ୱାଭିମାନ, ସଂସ୍କୃତି ଏବଂ ସଭ୍ୟତା ଉପରେ ଆଘାତ ନିଶ୍ଚୟ। ସ୍ୱାଧିନତାର ୭୭ ବର୍ଷ ପରେ ମଧ୍ୟ "ଭାରତ" ସ୍ଥାନରେ "ଇଣ୍ଡିଆ" ନାମରେ ଚଳଣି ଜାରି ରହିବା କେବଳ ଯେ ଦୁର୍ଭାଗ୍ୟ ତା ନୁହେଁ ଏହା ଅଲୋକତାନ୍ତ୍ରିକ ଏବଂ ଜନବିରୋଧି ମଧ୍ୟ। କ'ଣ ବିଶ୍ୱମାନଚିତ୍ରରେ "ଭାରତ" ନାମରେ କୌଣସି ଦେଶ ଅଛି? କ'ଣ କେହି ବିଦେଶୀ (ବିଶ୍ୱର ଅନ୍ୟଦେଶର ଲୋକ) "ଭାରତ" ନାମରେ କୌଣସି ଦେଶର ଅସ୍ତିତ୍ୱ ବାବଦରେ ଜାଣିଛନ୍ତି? କ'ଣ ଭାରତ ପରିଭ୍ରମଣରେ ଆସୁଥିବା ବିଦେଶୀ ଜାଣନ୍ତି ଯେ ସେମାନେ "ଭାରତ" ଦେଶରେ ଅଛନ୍ତି? ଭାରତୀୟ ସ୍ୱାଧିନତା ଅଧିନିୟମ ୧୯୪୭ ଅନୁସାରେ "ଇଣ୍ଡିଆ" ତ ସ୍ୱାଧିନ ହୋଇଗଲା ହେଲେ ମହାନ "ଭାରତ" ନାମରେ ଅସ୍ତିତ୍ୱ ହଜିଗଲା। ଯେଉଁ ଦେଶ ମାନେ ସ୍ୱାଧିନ ହେବା ପରେ ତାଙ୍କର ମୂଳ ନାମ ପୁନଃ ସ୍ଥାପିତ କରିଛନ୍ତି ସେମାନେ ହଲେ ଶ୍ରୀଲଙ୍କା, ସୁରିନାମ, ଘାନା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶ। ସ୍ୱାଧିନତା ପୁର୍ବରୁ ଶ୍ରୀଲଙ୍କାର ନାମ ଥିଲା ସିଲୋନ କିନ୍ତୁ ସ୍ୱାଧିନତା ପରେ ହେଲା ଶ୍ରୀଲଙ୍କା। ଡ଼ଚ୍‌ଗୁ ଆନାର ନାମ ସୁରିନାମ, ଗୋଲ୍ଡକୋଷ୍ଟରୁ ଘାନା, ଉତ୍ତର ରୋଡ଼େସିଆରୁ ଜାମ୍ବିଆ ଏବଂ ଦକ୍ଷିଣ ରୋଡ଼େସିଆ ସ୍ୱାଧିନତା ପରେ ଜିମ୍ବାୱେ ହୋଇଥିଲା। ଜାମ୍ବିଆର ସ୍ୱାଧିନ ହେଲା ପରେ ତାର ନାମ ତାଞ୍ଜାନିଆ ଏବଂ ଫାରସର ନାମ ଇରାନ, ମେସୋପଟାମିଆର ଇରାକ, ଫର୍ମାସା ସ୍ୱାଧିନ ହେବା ପରେ ତାଇଓ୍ୟାନ ହେଲା। ସ୍ୱାମ ହେଲା ଥାଇଲାଣ୍ଡ, ବର୍ମା ହେଲା ମ୍ୟାମାର, ହଲାଣ୍ଡ ହେଲା ନେଦରଲ୍ୟାଣ୍ଡ, ଦକ୍ଷିଣ ପଶ୍ଚିମ ଆଫ୍ରିକା ହେଲା ନାମ୍ବିଆ।

ଆମ ଦେଶରେ ଅନେକ ସହରର ନାମକୁ ବଦଳାଯାଇଛି। ବମ୍ବେକୁ ମୁମ୍ବାଇ, କଲକତାକୁ କୋଲକତା, ମାଡ୍ରାସକୁ ଚେନ୍ନାଇ, ବେଙ୍ଗଲୋରକୁ ବେଙ୍ଗାଲୁର, ଆଲହାବାଦ କୁ ପ୍ରୟାଗରାଜ, ଗୁଡ଼ଗାଓଁକୁ ଗୁରୁଗ୍ରାମ, ପଣ୍ଡିଚେରୀକୁ ପୁଡୁଚେରୀ, ବରୋଦା କୁ ବଡ଼ଦୋରା, ତ୍ରିଭେନ୍ଦ୍ରମକୁ ଥିରୁଅନନ୍ତପୁରମ ଓ୍ୟାଲଟିୟରକୁ ବିଶାଖାପାଟଣା, ତାଞ୍ଜୋର କୁତଞ୍ଜାବୁର, କନୟୋରକୁ କାନପୁର, ବାଲିକଟକୁ କୋଟ୍‌କୋଡ଼, କ୍ୟାପ କେମରିନକୁ କନ୍ୟାକୁମାରୀ, ମୋଗଲସରାଇକୁ ଦୀନଦୟାଲ ନଗର, ଓ ହୋସଙ୍ଗାବାଦକୁ ନର୍ମଦାପୁରମ୍ ଭଳି ଆହୁରି ଅନେକ ସହର ଅଛି ଯାହାର ନାମ ପରିବର୍ତ୍ତନ କରାଯାଇଛି। ୨୦୧୧ରେ ଓରିସା ରାଜ୍ୟର ନାମ ପରିବର୍ତ୍ତନ କରାଯାଇ ଓଡ଼ିଶା କରାଯାଇଥିଲା। କେନ୍ଦ୍ର ସରକାର ଏବେ ଆହୁରି ଅନେକ ସହରର ନାମ ପରିବର୍ତ୍ତନ କରିବାକୁ ଯାଉଛନ୍ତି। କେବଳ ଏତିକି ନୁହେଁ ଅନେକ ଗାଁ, ଜିଲ୍ଲା, ରେଳଷ୍ଟେସନ, ସଂସ୍ଥାନ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି। ସ୍ୱାଧିନତା ପ୍ରାପ୍ତିର ୭୫ ବର୍ଷ ପୁରା ହେବା ପରେ "ଆଜାଦୀ ବା ଅମୃତ ମହୋତ୍ସବ" ପାଳନ କରାଯାଉଛି। ଏହି ଅବସରରେ ସଂସଦରେ ସମ୍ବିଧାନର ଅନୁଚ୍ଛେଦ ୧(୧)ରେ ସଂଶୋଧନ କରାଯାଇ ଦେଶର ନାମ "ଇଣ୍ଡିଆ ଦ୍ୟାଟ ଇଜ ଭାରତ" ପରିବର୍ତ୍ତେ "ଭାରତବର୍ଷ ଦ୍ୟାଟ ଇଜ ଭାରତ" ଅଥବା କେବଳ "ଭାରତ" କରାଯିବ ପାଇଁ ସରକାର ଉଦ୍ୟମ କରିବା ଆବଶ୍ୟକ। ଫଳତଃ ଏଇ ମହାନ ଦେଶର ଇଂରାଜୀ ନାମ ଇଣ୍ଡିଆ ସ୍ଥାନରେ ନିଜର ମୂଳ ପ୍ରାଚୀନ ନାମ ଭାରତ ଭାବେ ପରିଚିତ ହୋଇ ପାରିବ।


ରାମଚନ୍ଦ୍ରପୁର, ରଣପୁର

ମୋବାଇଲ:୯୪୩୮୪୮୫୦୯୪


# ମାଣବସା ଗୁରୁବାର



**କାଳି ଦାସ**

ମାର୍ଗଶିର ମାସ ଆସିଗଲେ ଓଡିଶାର ପୁର ପଲ୍ଲୀ ସହର ଓ ବଡ ସହର ସବୁ ଆଡ଼େ ଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖରିତ ହୋଇଥାଏ।ଗୁରୁବାର ରେ ଲକ୍ଷ୍ମୀଙ୍କ ପୂଜା ପାଇଁ ଉପଯୋଗୀ ସାମଗ୍ରୀ ଯେମିତି ଗେଣ୍ଡୁ ଫୁଲ, ଆମ୍ବ ଡାଳ ଅଁଳା ଡାଳ ଓ କଦଳୀ ପତ୍ର ସହିତ ପ୍ରସାଦ ପାଇଁ ପ୍ରଯୁଜ୍ୟ ନଡିଆ, କଦଳୀ ଏବଂ ଅନେକ ସାତ୍ତ୍ୱିକ ପରିବା ର ବିକ୍ରୀ ଆରମ୍ଭ ହୋଇଥାଏ। ପରିବାର ର ସମସ୍ତ ସଦସ୍ୟ ଏହି ଉତ୍ସବ ପାଇଁ ତତ୍ପର ହୋଇଯାଇଥାନ୍ତି ଗୋଟିଏ ପିଢି ପରେ ଅନ୍ୟ ପିଢି ଏହି ପୂଜା ବା ପର୍ବ କୁ ପାଳନ କରିଥାନ୍ତି। ଅନ୍ୟ ପର୍ବପର୍ବାଣି ରେ ଆଧୁନିକତାର ଛାପ ଲାଗି ଯାଇଥିବା ବେଳେ ଲକ୍ଷ୍ମୀ ପୂଜା ତାର ପ୍ରାଚୀନ ପରମ୍ପରା ଠାରୁ ବିଚ୍ଛିନ୍ନ ହୋଇ ପାରିନାହିଁ। ଗୁରୁବାର ଓଡିଆତ୍ୱ କୁ ଧରି ରଖି ପାରିଛି। ମାର୍ଗଶୀର ମାସର ଗୁରୁବାରର ପ୍ରସାଦ ଭିତରକୁ ନୂତନତା ର ସ୍ପର୍ଶ ଆଜି ଯାଏଁ ଲାଗି ପାରିନି। ପିଠା, ପଣା ଘାଣ୍ଟ ତରକାରି ଖେଚେଡ଼ି, ଶାଗ ଆଜି ମଧ୍ୟ ଘରେ ଘରେ ପ୍ରସ୍ତୁତ କରାଯାଉଛି ଏବଂ ଲକ୍ଷ୍ମୀଙ୍କୁ ଭୋଗ କରାଯାଉଛି।

ଓଡିଶାରେ ପ୍ରାୟ ସମସ୍ତେ ମାର୍ଗଶିର ମାସ ର ଗୁରୁବାର ରେ ଲକ୍ଷ୍ମୀ ପୂଜା ପାଳନ କରିଥାନ୍ତି।ଲକ୍ଷ୍ମୀଙ୍କର ପୂଜା ବା ଉପାସନା ବିଭିର୍ନ୍ନ ରାଜ୍ୟ ରେ ଭିର୍ନ ଭିର୍ନ୍ନ ସମୟ ରେ କରାଯାଇଥାଏ।ଉତ୍ତର ଭାରତ ରେ ଦିପାବଳୀ ରେ ଲକ୍ଷ୍ମୀ ଙ୍କୁ ପୂଜା କରାଯାଇଥାଏ।ଲକ୍ଷ୍ମୀଙ୍କୁ ଧନ ଏବଂ ସୌଭାଗ୍ୟ ର ଦେବୀ ବୋଲି ବିଶ୍ୱାସ କରାଯାଏ। ତେଣୁ ପ୍ରତେକ ପରିବାର ରେ ଲକ୍ଷ୍ମୀଙ୍କ ଅନୁଗ୍ରହ ପାଇବାପାଇଁ ଲକ୍ଷ୍ମୀ ପୂଜା କରାଯାଇଥାଏ।ମାର୍ଗଶିର ମାସର ଗୁରୁବାର କୁ ମାଣବସା ଗୁରୁବାର ମଧ୍ୟ କୁହା ଯାଏ।ଭଗବତ ଗୀତା ରେ ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି ଯେ ସିଏ ହେଲେ ମାସମାନଙ୍କ ଭିତରେ ମାର୍ଗଶୀର ମାସ। ତେଣୁ ସବୁ ମାସ ଭିତରେ ଉତ୍ତମ ମାସ ହେଲା ମାର୍ଗଶିର ମାସ। ଆଗ କାଳ ରେ ମାଣ ରେ ଲୋକମାନେ ମାପ ଯୂପ କରୁଥିଲେ। ଏହି ଗୁରୁବାର ଦିନ ଲକ୍ଷ୍ମୀଙ୍କ ପାଖରେ ନୂଆ ଧାନ କୁ ମାଣ ରେ ଭର୍ତ୍ତି କରି ପୂଜା କରାଯାଏ। ଓଡିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଓଡିଶା ର ମୁଖ୍ୟ ଫସଲ ହେଲା ଧାନ।ମାର୍ଗଶିର ମାସ ସମୟ ରେ ଧାନ ଫସଲର ଆମଦାନୀ ହୋଇଥାଏ।ଓଡିଶାର ଲୋକେ ଉତ୍ସାହର ସହ ଲକ୍ଷ୍ମୀ ପୂଜା କରିଥାନ୍ତି। ଧନ ର ଦେବୀ ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଚାହିଁଥାନ୍ତି। ମାହାଲକ୍ଷ୍ମୀ ସଫା ସୁତୁରା କୁ ବେଶ ଭଲ ପାଇଥାନ୍ତି ତେଣୁ ଓଡିଆ ଗୃହୁଣୀ ମାନେ ଘର କୁ ସଫା ସୁତୁରା କରିଥାନ୍ତି। ଲକ୍ଷ୍ମୀ ପାଦ, ପଦ୍ମ ଫୁଲ, ଚିତା କୁ ଲେଖି ଘର କୁ ସଜାଇଥାନ୍ତି। ଘରେ ଘରେ ପିଠା ପଣାର ସୁଅ ଛୁଟେ।

ପଞ୍ଚଦଶ ଓ ଷଷ୍ଟଦଶ ଶତାବ୍ଦୀ ର ଲେଖକ ବଲରାମ ଦାସଙ୍କ ଦ୍ୱାରା ରଚିତ ଲକ୍ଷ୍ମୀ ପୁରାଣ କୁ ଆଧାର କରି ଏହି ଲକ୍ଷ୍ମୀ ପୂଜା କରାଯାଇଥାଏ। ପଞ୍ଚଦଶ ଶତାବ୍ଦୀ ର ରକ୍ଷଣ ଶିଳ ସମାଜ ଭିତରେ ଏକବିଂଶ ଶତାବ୍ଦୀ ର ଚିନ୍ତାଧାରା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଆମ ଦେଶ ର ସ୍ୱାଧୀନତା ସଂଗ୍ରାମ ର ମାହାନାୟକ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା କୁ ଗୋଟିଏ ଅପରାଧ ବୋଲି ମାନିଥିଲେ। କିନ୍ତୁ ଓଡିଶା ରେ ୪୦୦ ବର୍ଷ ଆଗରୁ ଅସ୍ପୃଶ୍ୟତା ବିରୋଧ ରେ ସ୍ୱର ଉଠିଥିଲା ଏବଂ ସେହି ସ୍ୱର ଉଠାଇଥିଲେ ବଳରାମ ଦାସ। କେବଳ ଅସ୍ପୃଶ୍ୟତା ନୁହେ ବରଂ ମହିଳାଙ୍କ ସମ୍ମାନ ପାଇଁ ମଧ୍ୟ ତାଙ୍କ ର ଲେଖାନିମୁନ ଚାଲିଥିଲା।



ମହାଲକ୍ଷ୍ମୀ ପୁରାଣ ର ମୁଖ୍ୟ ନାୟକ ହେଲେ ଜଗନ୍ନାଥ ଓ ନାୟିକା ହେଲେ ସ୍ୱୟଂ ମହାଲକ୍ଷ୍ମୀ। ଏହି ଦୁଇ ଜଣ ହେଲେ ସାଧାରଣ ଓଡିଆ ଘର ର ଗୃହସ୍ତ ଏବଂ ଗୃହିଣୀ। ସାଧାରଣ ଓଡିଆ ଘରେ ଗୃହିଣୀ ଯେପରି ରୋଷେଇ କରେ ମହାଲକ୍ଷ୍ମୀ ରୋଷେଇ କରନ୍ତି ସ୍ୱାମୀ ଓ ଦେଢଶୁରଙ୍କୁ ଖାଇବା କୁ ଦିଅନ୍ତି। ସ୍ୱାମୀ ଓ ଦେଢଶୁରଙ୍କର ଖାଦ୍ୟ ର ରୁଚି ଉପରେ ତାଙ୍କ ର ଜ୍ଞାନ ଥାଏ। ଜଗନ୍ନାଥ ବଡଭାଇ ବଳରାମଙ୍କର ଆଜ୍ଞାଧୀନ ଛୋଟ ଭାଇ। ମାର୍ଗଶିର ମାସ ଗୁରୁବାରରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କ ଠାରୁ ଆଜ୍ଞା ନେଇ ସହର ବୁଲିବାକୁ ଯାଇଥାନ୍ତି। କିନ୍ତୁ ସହର ଓ ଗାଁ ରେ କୌଣସି ସ୍ଥାନ ରେ ଲକ୍ଷ୍ମୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି ଦେଖିବା କୁ ମିଳିନାହି ଶେଷ ରେ ଲକ୍ଷ୍ମୀ ଚଣ୍ଡାଳ ସାହି କୁ ଯାଇଛନ୍ତି ଏବଂ ଚଣ୍ଡାଳ ସାହି ରେ ଶ୍ରୀଆ ଚଣ୍ଡାଳୁଣୀ ନିଜ ଘର କୁ ସଫା ସୁତରା କରି ଲକ୍ଷ୍ମୀଙ୍କ ପାଦ ଓ ପଦ୍ମ ର ଚିତା କରିଛି ତାହା ଦେଖି ଲକ୍ଷ୍ମୀ ଚଣ୍ଡାଳୁଣୀ ଉପରେ ଖୁସି ହୋଇଛନ୍ତି ଓ ବର ଦେଇଛନ୍ତି। ଲକ୍ଷ୍ମୀଙ୍କର ଚଣ୍ଡାଳ ଘର କୁ ଯିବା ବଳରାମ ଜାଣିପାରିଲେ। ବଳରାମଙ୍କୁ ତାହା ଭଲ ଲାଗିନାହିଁ। ବଳରାମ ନିଜ ଛୋଟ ଭାଇ ଜଗନ୍ନାଥଙ୍କୁ ଲକ୍ଷ୍ମୀଙ୍କୁ ତ୍ୟାଗ କରିବା ପାଇଁ କହିଛନ୍ତି। ଜଗନ୍ନାଥ ନିଜ ବଡ ଭାଇଙ୍କ ଆଜ୍ଞା କୁ ମାନି ଲକ୍ଷ୍ମୀଙ୍କୁ ବଡଦେଉଳ ଭିତରେ ପଶେଇଦେଲେନାହି। ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କଥପୋକଥନ ସାଧାରଣ ଓଡିଆ ଘରର ସ୍ୱାମୀ ସ୍ତ୍ରୀଙ୍କ କଥୋପକଥନ ପରି ରହିଛି ସେଇଠି ଦେବତ୍ୱର କୌଣସି ସ୍ଥାନ ନାହି। ଜଗନ୍ନାଥ ବାରମ୍ବାର ଲକ୍ଷ୍ମୀଙ୍କୁ ବଡଦେଉଳ ଛାଡି ଚାଲିଯିବା ପାଇଁ କହିଛନ୍ତି। ଲକ୍ଷ୍ମୀ ଦୁଖ ରେ ଚାଲିଯାଇଛନ୍ତି କିନ୍ତୁ ନାରୀର ସମ୍ମାନ ପାଇଁ ଜଗନ୍ନାଥଙ୍କୁ ଅଭିଶାପ ଦେଇଛନ୍ତି। ଲକ୍ଷ୍ମୀ ଯେହେତୁ ଧନର ଦେବୀ ସିଏ ଜଗନ୍ନାଥଙ୍କ ପାଖରେ ଥିବା ସମସ୍ତ ଧନ କୁ ହରିନେଇଛନ୍ତି। ଲକ୍ଷ୍ମୀଙ୍କ ଅଭିଶାପର ଫଳ ସ୍ୱରୂପ ଜଗନ୍ନାଥଙ୍କୁ ୧୨ ବର୍ଷ ଭୋକ ରେ ରହିବା କୁ ପଡ଼ିଛି ଏବଂ ଶେଷ ରେ ଲକ୍ଷ୍ମୀଙ୍କ ଦ୍ୱାର ରେ ହିଁ ତାଙ୍କୁ ଖାଇବା କୁ ମିଳିଛି। ଏହି ପୁରାଣର ମୂଳ ଲକ୍ଷ୍ୟ ହେଲା ଘରେ ସ୍ତ୍ରୀ କୁ ସମ୍ମାନ ଓ ଅସ୍ପୃଶ୍ୟତାର ଦୂରିକରଣ। ଦୁଇ ଟି ଯାକ ସମସ୍ୟାର ସମାଧାନ ଦୀର୍ଘ ୪୦୦ ବର୍ଷ ପୂର୍ବ ରୁ ବଳରାମ ଦାସ ଚିନ୍ତା କରିଥିଲେ। ଜଗନ୍ନାଥଙ୍କ ଆଗରେ ଲକ୍ଷ୍ମୀଙ୍କ ଏହି ଏକ ମାତ୍ର ଦାବି ଥିଲା ଯେ ବଡଦେଉଳ ରେ ବ୍ରାହ୍ମଣ ଓ ଚଣ୍ଡାଳ ଭିତରେ କୌଣସି ଭେଦ ଭାବ ରହିବ ନାହି। ବ୍ରାହ୍ମଣଙ୍କ ହାତ ରୁ ଚଣ୍ଡାଳ ଛଡେଇ ଖାଇବେ ତାହେଲେ ଲକ୍ଷ୍ମୀ ବଡଦେଉଳ କୁ ଯିବେ ଆଜି ମଧ୍ୟ ଏହା ବଡଦେଉଳ ରେ ପାଳନ କରାଯାଉଛି। ଓଡିଶା ରେ ଏମିତି ଏକ ଉନ୍ନତ ଚିନ୍ତା ଧାରା ଦେଖିଲେ ନିଜ କୁ ଗୌରବାନ୍ୱିତ ମନେ ହୁଏ। ଆଜି ମଧ୍ୟ ମହିଳା ମାନେ ନିର୍ଯ୍ୟାତିତ ଏବଂ ଅସୁରକ୍ଷୀତ ତାହେଲେ ଆମେ ନିଜ କୁ କେଉଁ ଦୃଷ୍ଟି ରୁ ଆଧୁନିକ କହିବା? ପୂର୍ବ ଓଡିଶା ରୁ ପଶ୍ଚିମ ଓଡିଶା ଉତ୍ତର ଓଡିଶା ରୁ ଦକ୍ଷିଣ ଓଡିଶା ସବୁ ଘରେ ଲକ୍ଷ୍ମୀ ପୂଜା କରାଯାଏ। ଲକ୍ଷ୍ମୀ ପୁରାଣ ପଢାଯାଏ କିନ୍ତୁ କେତେ ଲୋକ ତାର ତତ୍ୱ ବୁଝନ୍ତି କହି ହେବନାହି। ଲେଖକ ବଳରାମ ଦାସ କେଉଁ ଉଦେଶ୍ୟ ନେଇ ଏହି ପୁରାଣ ଲେଖିଥିଲେ ଏବଂ ତାଙ୍କ ଉଦେଶ୍ୟ ପୁରା ହେଇପାରିଛି କି ନାହି ଜଣା ନାହି।


ବ୍ରହ୍ମପୁର, ଖୋଢାସିଙ୍ଗ କଳିଙ୍ଗନଗର

ମୋବାଇଲ୍: ୭୨୦୫୧୦୦୮୩୯


# ବଢ଼ିଆ ହେଲା



**ଦିପ୍ତିମୟୀ ନାୟକ**

ପ୍ରତ୍ୟେକ ଲୋକଙ୍କ ଜୀବନରେ କିଏ କେଉଁ ସମସ୍ୟା ଦେଇ ଗତି କରୁଥାଏ ତାହା କାହାକୁ ଜଣା ନଥାଏ। ଅନେକ ସମୟରେ କିଛି ଲୋକ ପିଲାଙ୍କ ସଫଳତା ଦେଖି ବଢିଆ ହେଲା କଥାଟି ବୋଲି କହିଥାନ୍ତି। କାହିଁକି ନା ଏହି ବଢିଆ ହେଲା କଥାଟି ଶୁଣିଲେ ପିଲାର ଆଗ୍ରହ ବଢିବା ସହ ପିଲାର ଖୁସି ଦ୍ୱିଗୁଣିତ ହୋଇଯାଇଥାଏ କିନ୍ତୁ ବର୍ତ୍ତମାନ ସମୟରେ ଏହି ବଢିଆ ହେଲା କଥାଟି ଶୁଣିବା ଅତ୍ୟନ୍ତ ବିରକ୍ତିକର ଲାଗିଲାଣି। କାହିଁକି ନା ଆଗରୁ ଲୋକେ ପିଲାଙ୍କ ସଫଳତା ଦେଖି ବଢିଆ ହେଲା କଥାଟି କହୁଥିଲେ କିନ୍ତୁ ବର୍ତ୍ତମାନ ସମୟରେ ପିଲାଙ୍କ ବିଫଳତା ଦେଖି ବଢିଆ ହେଲା କଥାଟି କହୁଛନ୍ତି। ଯଦି ଆମେ କାହାର ସଫଳତା ଦେଖି ବଢିଆ ହେଲା କଥାଟି କହିପାରୁନେ ତାହାଲେ ତା'ର ବିଫଳତା ବେଳେ ତାକୁ କାହିଁକି ବଢିଆ ହେଲା ବୋଲି କହୁଛେ। ସେମାନେ ଏକଥା ମଧ୍ୟ ଏଥିପାଇଁ କହିଥାଆନ୍ତି ପିଲାଟିଏ ଯଦି ତା କାର୍ଯ୍ୟରେ ସଫଳ ହୋଇଯାଏ। ନିଜ ଲକ୍ଷସ୍ଥଳରେ ପଂହଁଚିଯାଏ ସେତେବେଳେ ଏମାନେ ପିଲାଙ୍କ ମାଧ୍ୟମରେ ସେମାନଙ୍କର ଅସଫଳ କାର୍ଯ୍ୟ ପୂରଣ କରିପାରିବେନି। ଯଦି ଆପଣ ଆପଣଙ୍କ ସଫଳ କାମର ମାଧ୍ୟମ ସେହି ପିଲାଙ୍କୁ ଭାବୁଛନ୍ତି ତେବେ ଆପଣ ସେହି ପିଲାଙ୍କ ପାଇଁ କଣ କରିଛନ୍ତି କେବେ ଭାବିଛନ୍ତି କି। ନା କେବଳ ପିଲାର ବିଫଳତା ଦେଖି ପିଲାଟିକୁ ବଢିଆ ହେଲା କଥା କହିବାକୁ ଚାହିଁ ରହିଛନ୍ତି। ସବୁବେଳେ ନିଜ ପିଲା ନିଜ ପିଲା କହି ସ୍ୱାର୍ଥ ହାସଲ କରୁଥିବା ଲୋକଙ୍କୁ ସୁବିଧାବାଦୀ ଲୋକ କୁହାଯିବନି ତ ଆଉ କଣ କୁହାଯିବ। ଆଜିକାଲି ଦୁନିଆରେ ଅର୍ଥର ଆବଶ୍ୟକତା ସମସ୍ତଙ୍କର ଥାଏ କିନ୍ତୁ ଯିଏ ନିଜ ବୃତ୍ତିଠୁ ଦୂରେଇ ରହିଥାଏ ତାହାର ମଧ୍ୟ କୌଣସି କାରଣ ରହିଥାଏ। କୌଣସି କାରଣ ନଜାଣି ଅନ୍ୟକୁ ପରିହାସ କରି କହିବା ଅନ୍ୟର ଫାଇଦା ଉଠେଇବା କୌଶଳ କେତେ ଭୁଲ ଏକଥା ସେମାନେ ବୁଝନ୍ତିନି। ପିଲାଙ୍କୁ ଖଟେଇବେ ପିଲାଙ୍କ ପାରିଶ୍ରମିକକୁ ନିଜେ ମାରିକି ଖାଇବେ ଆଉ ବାହାର ଦୁନିଆରେ ନିଜକୁ ପ୍ରତିଷ୍ଠିତ ଲୋକ କହିବେ। ଏହି ପ୍ରତିଷ୍ଠିତ ଲୋକମାନେ ହିଁ ଭୁଲିଯାଉଛନ୍ତି ଏମାନଙ୍କୁ ପ୍ରତିଷ୍ଠିତ କରିବାରେ କେତେ କେତେ ପଢୁଆ ପିଲାଙ୍କ ହାତ ଥାଏ ଆଉ ଏମାନେ ପିଲାଙ୍କୁ ଠକିଚାଲିଛନ୍ତି। ନିଜର କହି ଲୁଟି ଚାଲିଛନ୍ତି।



ଚୋରଙ୍କ ଠାରୁ ହୀନ ଲୋକ ଏ ଲୋକ ହୋଇଥାଆନ୍ତି। ସୁବିଧା ଦେଖି ଭାବ ଲଗାଇଥାଆନ୍ତି। ଆଉ ସୁବିଧା ନଥିଲେ ଶିକ୍ଷିତ ପିଲାଙ୍କୁ ବି ଏମାନେ ଅଣଦେଖା କରିଥାଆନ୍ତି।

ତେବେ ଅଣଦେଖା ପିଲାଟି ସେତେବେଳେ ଆପଣାର ଲାଗେ ଯେତେବେଳେ ସେ ଅନ୍ୟ ମାନଙ୍କ ପାଇଁ ବିନା ସ୍ୱାର୍ଥରେ ଖଟିଚାଲେ। ଆଉ ଯେତେବେଳେ ପାରିଶ୍ରମିକ ମାଗିଦିଏ ସେତେବେଳେ ସେ ୱାଟସ ଆପ୍ ଫେସବୁକରୁ ବ୍ଲକ ହୋଇଯାଏ। ଯୋଗାଯୋଗରୁ ମଧ୍ୟ ବିଚ୍ଛିନ୍ନ ହୋଇଯାଏ। କିନ୍ତୁ କାମ ବେଳେ ପୁଣି ଏ ପିଲା ନିଜର ହୋଇଯାଆନ୍ତି। ଯେମିତି ଶୋଷ କଲେ ମଣିଷ ପାଣି ପାଖକୁ ଧାଇଁ ଯାଏଁ ଆଉ ଶୋଷ ମେଣ୍ଟିଗଲେ ସେହି ପାଣିକୁ ହିଁ ଅପରିଷ୍କାର କରିବାକୁ ଲାଗେ। ଠିକ ସେମିତି ଆଜିକାଲି କିଛି ଲୋକ ନିଜ ଆବଶ୍ୟକତାବେଳେ ଅନ୍ୟଙ୍କୁ ନିଜର କହି ନିଜ କାମ ହାସଲ କରୁଛନ୍ତି ଆଉ କାମ ସରିଲେ ଅଣଦେଖା କରୁଛନ୍ତି। ଥରେ ଭାବନ୍ତୁ କେହି କାହାକୁ ଗୁରୁତ୍ୱ ନଦେଉଥିଲେ କେହି କାହା କଥା ଶୁଣନ୍ତେନି ଆପଣଙ୍କୁ ଅନ୍ୟମାନେ ସେତିକି ଗୁରୁତ୍ୱ ଦିଅନ୍ତି ବୋଲି ଆପଣଙ୍କ କଥା ସେମାନେ ଶୁଣନ୍ତି। ସବୁଠାରୁ ଦୁଃଖର କଥା ଯେତେବେଳେ ଆମେମାନେ ସେମାନଙ୍କୁ ଆମ ନିଜର ଭାବୁ ଆମ ଆବଶ୍ୟକତା କଣ ଥାଏ କିଛି କହି ନଥାଉ। ଜୀବନ ସହ ସଂଘର୍ଷକଲାଭଳି ନିଜ କର୍ମକ୍ଷେତ୍ରରେ ଗୋଡ଼ ଟଣା ଲୋକଙ୍କ ଆଗରେ ଯେତେବେଳେ ଆମେ ବାରମ୍ବାର ଅସଫଳ ହୋଇଥାଉ ସେତେବେଳେ କଣ ଏହି ଦୁଃଖ କମ ଥାଏ। ଏ ଦୁଃଖ ମଣିଷକୁ ତା ଲକ୍ଷସ୍ଥଳରେ ପଂହଁଚିବାକୁ ଦିଏନି। ମନର ଇଚ୍ଛା ମନରେ ରୁହେନି। ଜୀବନରେ ଯେତକ ସମସ୍ୟା ଥାଏ ଏ ସମସ୍ୟା ସବୁଠାରୁ ବଡ଼ ସମସ୍ୟା ଭଳି ଲାଗିଥାଏ ଆଉ ଏହି ସମୟରେ ଯେତେବେଳେ ଆମକୁ କେହି କୁହନ୍ତି ତୁମ କାମ କେମିତି ଚାଲିଛି ସେତେବେଳେ ଯଦି ଗୋଟେ ଉତ୍ତର ଥାଏ କିଛି କାମ ନାହିଁ ଘରେ ବସିଛି। ସୁଯୋଗ ଅପେକ୍ଷାରେ ଅଛି କଷ୍ଟ ଜାରି ରହିଛି ସେତେବେଳେ ଯଦି କିଛି ଲୋକ କୁହନ୍ତି ବଢିଆ ହେଲା ସତରେ ଭାରି ବିରକ୍ତିକର ଲାଗେ। ଯେମିତି ଏମାନେ ଚାହିଁ ଥାଆନ୍ତି ଏମାନେ ଏମିତି ନିଜ କାର୍ଯ୍ୟରେ ଅସଫଳ ହୁଅନ୍ତୁ ଆଉ ଏମାନଙ୍କ ସବୁ କାର୍ଯ୍ୟର ମାଧ୍ୟମ ଏହି ପିଲା ହୋଇଯାଆନ୍ତୁ।

ତେବେ ବଢିଆ ହେଲା କଥା ସେତେବେଳେ କୁହନ୍ତୁ ଯେତେବେଳେ ଆପଣ ଅନ୍ୟର ମଙ୍ଗଳ ଚାହୁଁଥିବେ। ଅନ୍ୟକୁ ସାହାସ ଯୋଗେଇ ପାରୁଥିବେ। ଏହି ବଢିଆ ହେଲା କଥା ସବୁଠି ଭଲ ଲାଗେନି କାରଣ ଏହି ବଢିଆ ହେଲା କଥାଟି ବି ସମୟ ସହ ମଣିଷକୁ ଚିହ୍ନେଇ ଦେଇଥାଏ କିଏ କେତେ ଭଲ କାହାର ଚାହିଁଥାଆନ୍ତି। କାହାର ସୁଖ ବେଳେ ଯଦି ଆପଣ ବଢିଆ ହେଲା କଥାଟି କହି ପାରୁନାହାଁନ୍ତି କାହା ଦୁଃଖ ବେଳେ କାହିଁକି କାହାକୁ ବଢିଆ ହେଲା କଥାଟି କହୁଛନ୍ତି। ଅନ୍ୟକୁ ସାନ୍ତ୍ୱନା ମୂଳକ କଥା କୁହନ୍ତୁ ଆପଣ ଯଦି ଅନ୍ୟକୁ କୌଣସି କ୍ଷେତ୍ରରେ ସାହାଯ୍ୟ କରି ପାରୁ ନାହାଁନ୍ତି ତାହେଲେ ଆପଣଙ୍କ ସୁବିଧା ଅନୁଯାୟୀ ଯଦି ଆପଣ କାହାଠୁ କିଛି ସାହାଯ୍ୟ ମାଗୁଛନ୍ତି ତେବେ ବଢିଆ ହେଲା କଥାଟି ନକହି ତାଙ୍କୁ ସାହାଯ୍ୟ ମାଗନ୍ତୁ ଦେଖିବେ ସେ ମଧ୍ୟ ଖୁସି ହୋଇଯିବେ ଆପଣଙ୍କ ସହ ଦୁଇପଦ କଥା ହୋଇ ଆପଣଙ୍କ ଅସଫଳ କାର୍ଯ୍ୟ ସଫଳ କରିଦେବେ। ତେଣୁ ସବୁବେଳେ ସ୍ଥାନ, କାଳ, ପାତ୍ର ଦେଖି କଥା କହିବା ଶିଖନ୍ତୁ। ଉପର ମନରେ ଭଲ ହୋଇ ଭିତର ମନରେ ଇର୍ଷା ଭାବ ରଖନ୍ତୁନି। ସବୁବେଳେ ସମସ୍ତେ ସମସ୍ତଙ୍କର ଭଲ ଚିନ୍ତା କରନ୍ତୁ ଭଲରେ ଭଲ କୁହନ୍ତୁ। ଅନ୍ୟର ସମସ୍ୟା ବେଳେ ସେମାନଙ୍କ ପାଖରେ ଠିଆ ନହୋଇପାରିଲେ ବି ସେମାନଙ୍କୁ ସାନ୍ତ୍ୱନା ମୂଳକ କଥା କୁହନ୍ତୁ।


ଅନ୍ଧାରୁଆ, ଭୁବନେଶ୍ୱର

ମୋବାଇଲ୍: ୯୦୯୦୬୬୧୫୮୬

### ରାଜ୍ୟସଭାରେ ଅନାସ୍ଥା ପ୍ରସ୍ତାବ ଆଲୋଚନା

# ଧନଖଡ଼ଙ୍କ ଉପରେ ବର୍ଷିଲେ ବିରୋଧୀ



**ନୂଆଦିଲ୍ଲୀ, ୧୧।୧୨:** ରାଜ୍ୟସଭା ଅଧ୍ୟକ୍ଷ ତଥା ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସରକାରଙ୍କ ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି। ରାଜନୈତିକ ଚିନ୍ତାଧାରା ନେଇ ସେ କାର୍ଯ୍ୟ କରୁଛନ୍ତି ଏବଂ ଗୃହର ମର୍ଯ୍ୟାଦାହାନି କରୁଛନ୍ତି। ଅତୀତରେ ଦେଶର ଉପ-ରାଷ୍ଟ୍ରପତି କେବେ ଏଭଳି କାର୍ଯ୍ୟ କରୁନଥିଲେ। ରାଜ୍ୟସଭାରେ ଅଚଳାବସ୍ତଥା ସୃଷ୍ଟିରେ ସେ ମୁଖ୍ୟ ଭୂମିକା ନେଇଛନ୍ତି ବୋଲି ରାଜ୍ୟସଭା ;ର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ କାର୍ଗେ କହିଛନ୍ତି। ବୁଧବାର ରାଜ୍ୟସଭାରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ଖାର୍ଗେ ନିଜ ବକ୍ତବ୍ୟ ରଖି କହିଛନ୍ତି ଯେ, ଦୀର୍ଘ ବର୍ଷ ଧରି ସେ ସଂସଦର ଉଭୟ ଗୃହର ସଦସ୍ୟଭାବେ କାର୍ଯ୍ୟ କରିଛନ୍ତି। କିନ୍ତୁ ରାଜ୍ୟସଭା ଅଧ୍ୟକ୍ଷଙ୍କ ଏଭଳି ପକ୍ଷପାତିତା ସେ କେବେ ଅନୁଭବ କରି ନାହାଁନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଆଚରଣ ଏବଂ ଉଚ୍ଚାରଣ ନିହାତି ଆପତ୍ତିଜନକ ଏବଂ ସେ ହିଁ ଗୃହରେ ହଟ୍ଟଗୋଳ ନିମନ୍ତେ ଦାୟୀ। ସେ ତାଙ୍କ ଦାୟିତ୍ୱ ନିର୍ବାହରେ ବିଫଳ ହୋଇଛନ୍ତି। ଲୋକସଭାର ବାଚସ୍ପତି ଏବଂ ରାଜ୍ୟସଭାର ଅଧ୍ୟକ୍ଷ ସବୁ ବେଳେ ଦଳୀୟ ରାଜନୀତିର ଊର୍ଦ୍ଧ୍ୱରେ ରହି କାମ କରିବା କଥା। କିନ୍ତୁ ଏ କ୍ଷେତ୍ରରେ ଜଗଦୀପ ଧନଖଡ଼ ଅତ୍ୟନ୍ତ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି। ତେଣୁ ସେ ତାଙ୍କ ପଦରେ ରହିବାର ନୈତିକ ଅଧିକାର ହରାଇଛନ୍ତି। ଗୃହର ବିଶ୍ୱାସ ସେ ହରାଇଛନ୍ତି। ସେ ବିରୋଧୀ ଦଳର ସଦସ୍ୟମାନଙ୍କୁ ନିଜ ବକ୍ତବ୍ୟ ରକିବାକୁ ସୁଯୋଗ ଦେଉ ନାହାଁନ୍ତି। ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି ବୋଲି ଖାର୍ଗେ ଅଭିଯୋଗ କରିଛନ୍ତି। ନିଜ ପଦୋନ୍ନତି ପାଇଁ ସେ ସରକାରଙ୍କ ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି ଯାହା ଦେଶର ଉପରାଷ୍ଟ୍ରପତିଙ୍କ ପାକରେ ଶୋଭା ପାଉନି ବୋଲି ଖାର୍ଗେ କହିଛନ୍ତି।

ଆଲୋଚନାରେ ଭାଗ ନେଇ ଶିବସେନା (ଉଦ୍ଧବ ଠାକରେ)ସଦସ୍ୟ ସଞ୍ଜୟ ରାଉତ ଜଗଦୀପ ଧନଖଡ଼ଙ୍କୁ କଟୁ ସମାଲୋଚନା କରିଥିଲେ ଯେ, ଧନଖଡ଼ ରାଜ୍ୟସଭା ନୁହେଁ, ଏକ ସର୍କସ ପାର୍ଟୀ ଚଳାଇବା ପରି କାର୍ଯ୍ୟ କରୁଛନ୍ତି। ସମାଜବାଦୀ ପାର୍ଟି ସଦସ୍ୟ ଅୱଧ ପ୍ରସାଦ କହିଥିଲେ, ଗୃହର ସଦସ୍ୟମାନଙ୍କ ସାମଗ୍ରୀକ ମତାମତକୁ ଦୃଷ୍ଟିରେ ରଖି ଧନଖଡ଼ ତାଙ୍କ ଆଚରଣରେ ସଂଶୋଧନ କରିବେ ବୋଲି ଆଶା। ସେହି ଦଳର କପିଲ ସିବଲ ତାଙ୍କ ବକ୍ତବ୍ୟରେ ବିଜେପିକୁ ସମାଲୋଚନା କରି କହିଥିଲେ ଯେ, ସଂସଦରେ ଯାହା ଚାଲିଛି ତାହା ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ।

### ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଯୌତୁକ ନିରୋଧ ଆଇନର ଦୁରୁପଯୋଗ ବନ୍ଦ କର

**ନୂଆଦିଲ୍ଲୀ, ୧୧।୧୨:** ମହିଳାଙ୍କ ସୁରକ୍ଷା ନିମନ୍ତେ ସରକାର ଯୌତୁକ ନିରୋଧ ଆଇନ ପ୍ରଣୟନ କରିଥିବା ବେଳେ ଅନେକ ସମୟରେ ଏହାର ଦୁରୁପଯୋଗ ଅଭିଯୋଗ ଆସୁଛି ଏବଂ ନିର୍ଦ୍ଦୋଷ ବ୍ୟକ୍ତି ଏଥିରେ ଦଣ୍ଡିତ ହେବାର ନଜିର ରହିଛି। ଏହା ଦ୍ୱାରା ସେମାନଙ୍କର ସାମାଜିକ ସ୍ଥିତି ଏବଂ ସମ୍ମାନ ହାନି ହେଉଛି। ତେଣୁ ଏହି ଆଇନର ଦୁରୁପଯୋଗ ବନ୍ଦ ହେବା ଜରୁରୀ ବୋଲି ମତ ଦେଇଛନ୍ତି ସୁପ୍ରିମକୋର୍ଟ। ଏଭଳି ମାମଲାରେ ଅଭିଯୋଗର ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲେ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ବି ଭି ନାଗରତ୍ନ ଏବଂ ଜଷ୍ଟିସ ଏନ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ, ଆଇନ



ସବୁ ବେଳେ ନାଗରିକର ସୁରକ୍ଷା ଏବଂ ନ୍ୟାୟ ପାଇଁ ଉଦ୍ଦିଷ୍ଟ। ଏହା ଦ୍ୱାରା କାହା ପ୍ରତି ଅନ୍ୟାୟ ଏବଂ ନିର୍ଦ୍ଦୋଷଙ୍କୁ ଦଣ୍ଡିତ କରାଯିବା ଆଇନର ଦୁରୁପଯୋଗ। ଯୌତୁକ ନିରୋଧ ଆଇନର ଦୁରୁପଯୋଗ ସମ୍ପର୍କରେ ଖଣ୍ଡପୀଠ କହିଛନ୍ତି ଯେ, ଘରୋଇ କଳିରୁ ଅନେକ ସମୟରେ ଜଣେ ମହିଳା କେବଳ ତାଙ୍କ ସ୍ୱାମୀ ନୁହେଁ, ତାଙ୍କ ପରିବାରର ସମସ୍ତ ବ୍ୟକ୍ତିଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ଏକ ପରିବାରର ନିର୍ଦ୍ଦୋଷ ବ୍ୟକ୍ତି ମାନେ ଏଥିରେ ଅନିଚ୍ଛା ସତ୍ତ୍ୱେ ପକ୍ଷଭୁକ୍ତ ହୋଇ ଯାଉଛନ୍ତି ଏବଂ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଆଇପିସିର ଧାରା ୪୯୮(କ)ର ବ୍ୟାପକ ଦୁରୁପଯୋଗ ହେଉଛି ବୋଲି ଖଣ୍ଡପୀଠ କହିଛନ୍ତି। ବ୍ୟକ୍ତିଗତ କ୍ରୋଧ, ପ୍ରତିହିଂସା ଏବଂ ପ୍ରତିଶୋଧ ପରାୟଣତାରେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡିତ ହେଉଛନ୍ତି। ତେଣୁ ଏହାର ପ୍ରତିକାର ନିମନ୍ତେ ଆଇନରେ ନିରାକରଣ ବ୍ୟବସ୍ଥା ରହିବା ଉଚିତ ବୋଲି ଖଣ୍ଡପୀଠ ମତବ୍ୟକ୍ତ କରିଛନ୍ତି।

## ଛତିଶଗଡ଼ରେ ଏନକାଉଣ୍ଟର: ଜଣେ ମାଓବାଦୀ ନିହତ, ଦୁଇ ଯବାନ ଆହତ

**ରାୟପୁର, ୧୧।୧୨:** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଏନକାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଛି। ଅନ୍ୟ ପକ୍ଷରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଦୁଇଜଣ ଡିଆରଜି ଯବାନ ଆହତ ହୋଇଛନ୍ତି। ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ କହିଛନ୍ତି। ଗତ ରବିବାର ମାଓବାଦୀ ବିଜାପୁର ଜିଲ୍ଲାରେ ପୋଲିସ ଇନଫର୍ମର ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା କରିଥିଲେ।

## ନେତୃତ୍ୱ ପ୍ରସଙ୍ଗରେ ସମର୍ଥନ ପାଇଁ ମମତାଙ୍କ କୃତଜ୍ଞତା

**କୋଲକାତା, ୧୧।୧୨:** ଇଣ୍ଡିଆ ବ୍ଲକର ନେତୃତ୍ୱ ପ୍ରସଙ୍ଗରେ ସମର୍ଥନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ସପ୍ତାହରେ ମମତା ଏକ ନ୍ୟୁଜ ଚାନେଲକୁ ସାକ୍ଷାତକାର ଦେବା ଅବସରରେ କହିଥିଲେ ଯେ, ଇଣ୍ଡି ମେଣ୍ଟକୁ ସେ ଆରମ୍ଭ କରିଥିଲେ। ଏବେ ଯେଉଁମାନେ ଏହାର ନେତୃତ୍ୱ ନେଉଛନ୍ତି ସେମାନେ ଏହାକୁ ଠିକ ବାଟରେ ପରିଚାଳନା କରୁ ନାହାଁନ୍ତି। ମେଣ୍ଟରେ ଉପଯୁକ୍ତ ସମନ୍ୱୟ ନାହିଁ କିମ୍ବା ଏହା ସଠିକ ଦିଗରେ ଚାଲୁନି। ବିଜେପିକୁ କ୍ଷମତାଚ୍ୟୁତ କରିବାରେ ଏହା ବିଫଳ ହୋଇଛି। ଏଥିପାଇଁ ମେଣ୍ଟ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା ରହିଛି। ଯଦି ସୁଯୋଗ ମିଳେ ତେବେ ସେ ଏହାର ନେତୃତ୍ୱ ନେବାକୁ ପ୍ରସ୍ତୁତ ବୋଲି ମମତା କହିଥିଲେ। ତାଙ୍କୁ ସମାଜବାଦୀ ପାର୍ଟୀ ପକ୍ଷରୁ ତତ୍କାଳ ସମର୍ଥନ କରାଯାଇଥିବା ବେଳେ ପରେ ଏନସିପି ନେତା ଶରଦ ପାୱାର ଏବଂ ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ ମମତାଙ୍କୁ ସମର୍ଥନ କରିଛନ୍ତି ଏବଂ ସେ ଇଣ୍ଡିମେଣ୍ଟର ନେତୃତ୍ୱ ନେବାକୁ ଯୋଗ୍ୟ ବୋଲି କହିଛନ୍ତି। କଂଗ୍ରେସ ଓ ବାମପନ୍ଥୀ ଏଥିନେଇ ସତର୍କତା ଅବଲମ୍ବନ କରିଛନ୍ତି। ଯଦି ମମତାଙ୍କ ନେତୃତ୍ୱକୁ କଂଗ୍ରେସ ବିରୋଧ କରେ ତେବେ ସେଥିରେ କିଛି ଫରକ ପଡ଼ିବନି ବୋଲି ଲାଲୁ କହିଛନ୍ତି। ଇଣ୍ଡିଆ ବ୍ଲକର ତିନି ପ୍ରମୁଖ ଦଳର ସମର୍ଥନ ପରେ ମେଣ୍ଟ ନେତୃତ୍ୱ ପରିବର୍ତ୍ତନ ସପକ୍ଷରେ ହାୱା ସୃଷ୍ଟି ହୋଇଛି। ଏଥିଲାଗି ମମତା ତାଙ୍କ ସମର୍ଥନକାରୀଙ୍କ ପ୍ରତି କୃତଜ୍ଞ ବୋଲି କହିଛନ୍ତି।

## ଭାରତ-ରୁଷ ସମ୍ପର୍କ ସମୁଦ୍ରଠୁ ଗଭୀର: ରାଜନାଥ

**ନୂଆଦିଲ୍ଲୀ, ୧୧।୧୨:** ରୁଷ-ଭାରତ ସମ୍ପର୍କ ପର୍ବତଠାରୁ ଉଚ୍ଚ ଓ ଗଭୀର ସମୁଦ୍ରଠାରୁ ଆହୁରି ଗଭୀର। ମସ୍କୋ ଗସ୍ତରେ ଯାଇ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟି ଏକଥା କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। କ୍ରେମଲିନରେ ଦୁଇ ନେତାଙ୍କ ଦେଖା ସାକ୍ଷାତ ହୋଇଛି। ଏହି ସମୟରେ ଉଭୟ ନେତା ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଭାରତ-ରୁଷ ଆନ୍ତଃ ସରକାରୀ କମିଶନଙ୍କ ୨୧ତମ ଅଧିବେଶନ ଅବସରରେ ପୁଟିନଙ୍କ ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ରାଜନାଥ ସିଂହ। ଏହି ସମୟରେ ସେ କହିଥିଲେ, ଭାରତ ସବୁବେଳେ ରୁଷ ସହ ବନ୍ଧୁତା ରଖି ଆସିଛି। ସବୁବେଳେ ରୁଷ ସହ ଠିଆ ହୋଇଛି ଓ ଆଗକୁ ବି ଏହି ସମର୍ଥନ ଜାରି ରହିବ। ପୁଟିନ୍ ଓ ରାଜନାଥ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିପୁଳ ଭାଗିଦାରୀ ସମ୍ଭାବନା ରହିଛି ଓ ମିଳିତ ପ୍ରୟାସରେ ଉଲ୍ଲେଖନୀୟ ଫଳାଫଳ ମିଳିବ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ପୁଟିନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଥିଲେ ରାଜନାଥ ସିଂହ।

## ବିଜେପି ଓ କଂଗ୍ରେସକୁ ଟିଏମ୍‌ସି ସାଂସଦଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୧୧।୧୨:** ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନିମନ୍ତେ ବିଜେପି ଓ କଂଗ୍ରେସ ଦାୟୀ। ସେମାନେ ନିଜ ଇଚ୍ଛାରେ ଗୃହକୁ ଚଳାଉଛନ୍ତି। ଯେତେବେଳେ ଚାହିଁବେ ଗ୍ୟହ ମୁଲତବି ରଖୁଛନ୍ତି। ଅନ୍ୟ ଦଳର ବିଶେଷ କରି ଛୋଟ ଛୋଟ ଆଞ୍ଚଳିକ ଦଳର ସାଂସଦମାନେ ନିଜ ବକ୍ତବ୍ୟ ରଖିବାକୁ ଗୃହରେ ସୁଯୋଗ ପାଉ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି ଟିଏମସି ସାଂସଦ କଲ୍ୟାଣ ବାନର୍ଜୀ। ସଂସଦର ଚଳିତ ଶୀତକାଳୀନ ଅଧିବେଶନ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଉଭୟ ଗୃହ ଗୋଟିଏ ଦିନ ବି ଠିକ ଭାବେ ଚାଲିପାରିନି। ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁ ଗୃହ ବାରମ୍ବାର ମୁଲତବି ହେଉଛି। ଏପରିକି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ସମ୍ଭବ ହୋଇପାରୁନି। ସାଂସଦ ମାନେ ନିଜ ବକ୍ତବ୍ୟ ରଖିବାର ସୁଯୋଗ ପାଉ ନାହାଁନ୍ତି। ଅଡାନୀ ପ୍ରସଙ୍ଗଠାରୁ ଆରମ୍ଭ କରି ମଣିପୁର ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ।ସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଅନ୍ୟମାନଙ୍କ କଥା ଶୁଣିବାକୁ ସେମାନେ ପ୍ରସ୍ତୁତ ନାହାଁନ୍ତି। ସଂସଦୀୟ ଗଣତନ୍ତ୍ରକୁ ଏହି ଦୁଇ ମୁଖ୍ୟ ଜାତୀୟ ଦଳ ଧ୍ୱଂସ କରିଛନ୍ତି। ଅନ୍ୟର ଅଧିକାରକୁ ଅପହରଣ କରିଛନ୍ତି। ନିଜ ଇଚ୍ଛାମତେ ସେମାନେ ଯେତେବେଳେ ଚାହିଁବେ ସେତେବେଳେ ଗୃହକୁ ଅଚଳ କରୁଛନ୍ତି। ଏହି ଦୁଇ ଦଳର ଇଚ୍ଛାରେ ଗୃହ ଚାଲୁଛି।

### ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା

## ୪ ଜଣଙ୍କ ନାଁରେ ଏତଲା

**ବେଙ୍ଗାଲୁରୁ, ୧୧।୧୨:** ବେଙ୍ଗଲୁରୁର ବହୁ ଚର୍ଚ୍ଚିତ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ ୪ ଜଣଙ୍କ ନାଁରେ ଦାଏର ହୋଇଛି ଏତଲା। ଅତୁଲଙ୍କ ପତ୍ନୀ, ପତ୍ନୀଙ୍କ ପରିବାର ଓ ମାନସିକ ନିର୍ଯାତନା ଅଭିଯୋଗରେ ବିଚାରପତିଙ୍କ ନାଁରେ ବି କର୍ଣ୍ଣାଟକରେ ଏଫଆଇଆର ରୁଜୁ ହୋଇଛି। ମୃତ ଅତୁଲଙ୍କ ଭାଇ ବିକାଶ କୁମାର ବେଙ୍ଗଲୁରର ମରାଠାହାଲି ପୁଲିସ ଥାନାରେ ଏତଲା ଦେଇଛନ୍ତି। ବିକାଶଙ୍କ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଏନଏସର ଧାରା ୧୦୮ ଆତ୍ମହତ୍ୟା ପାଇଁ ଉସୁକେଇବା ଭଳି ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଅତୁଲ ସୁଭାଷ, ୨୪ ପୃଷ୍ଠାର ସୁସାଇଡ୍ ନୋଟ୍ ଓ ଦେଢ ଘଣ୍ଟାର ଭିଡିଓ ମେସେଜ୍ ଛାଡି ଜୀବନ ହାରିଛନ୍ତି। ଆକସେଞ୍ଚର ଭଳି ପ୍ରତିଷ୍ଠିତ ଆଇଟି କଂପାନୀରେ ଚାକିରୀ କରୁଥିବା ସତ୍ତ୍ୱେ ତାଙ୍କ ପତ୍ନୀ ନୀକିତା ଏକାଥରକେ ଛାଡ଼ପତ୍ର ସେଟେଲମେଣ୍ଟ ପାଇଁ ୩ କୋଟି ଟଙ୍କା ଦାବି କରୁଥିଲେ। ଯାହାକୁ ନେଇ ମାନସିକ ଚାପରେ ରହୁଥିଲେ ଅତୁଲ। ଲୋକମାନେ ଅତୁଲ ସୁଭାଷଙ୍କ ପାଇଁ ନ୍ୟାୟ ଦାବି କରୁଛନ୍ତି। ଯିଏ ଅତୁଲଙ୍କ କାହାଣୀ ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇଯାଉଛି। ୩୪ ବର୍ଷୀୟ ଅତୁଲ, ମୂଳତଃ ବିହାରର, ବେଙ୍ଗାଲୁରୁରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ସ୍ତ୍ରୀ ନିକିତା ସିଙ୍ଘାନିଆ ଏବଂ ଶାଶୁଙ୍କ ବିରୋଧରେ ଅତୁଲ ଗୁରୁତର ଅଭିଯୋଗ କରିଛନ୍ତି। ଅତୁଲ କହିଛନ୍ତି ଯେ ତାଙ୍କ ସ୍ତ୍ରୀ ତାଙ୍କ ଦ୍ୱାରା ଅର୍ଜନ କରିଥିବା ଟଙ୍କା ତାଙ୍କ ବିରୋଧରେ ବ୍ୟବହାର କରନ୍ତି। ଏଭଳି ପରିସ୍ଥିତିରେ ସେ ଏହାର ମୂଳଦୁଆକୁ ନଷ୍ଟ କରିବାକୁ ଯାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅତୁଲ ତାଙ୍କ ୪ ବର୍ଷର ପୁଅ ପାଇଁ ଏକ ବିଶେଷ ଉପହାର ଏବଂ ଚିଠି ମଧ୍ୟ ଛାଡିଛନ୍ତି।

### ମାର୍ଶଲ ଲ'କୁ ନେଇ ହଙ୍ଗାମା

# ରାଷ୍ଟ୍ରପତିଙ୍କ ଅଫିସ୍‌ରେ ପଶିଲା ପୁଲିସ୍

**ସିଓଲ, ୧୧।୧୨:** ଦକ୍ଷିଣ କୋରିଆରେ ମାର୍ଶଲ ଲ'କୁ ନେଇ ଜାରି ରହିଛି ହଙ୍ଗାମା। ଏହାକୁ ନେଇ ରାଜନୈତିକ ଅଶାନ୍ତି ଦେଖାଦେଇଛି। ଏହାରି ଭିତରେ ପୁଲିସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ପଶିଛି। ରାଷ୍ଟ୍ରପତି ୟୁନ୍ ସୁକ୍-ୟୋଲଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାର ଯାଞ୍ଚ ପାଇଁ ତାଙ୍କ ଅଫିସ୍‌ରେ ଚଢ଼ାଉ କରିଛି ପୁଲିସ। ତେବେ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରପତି ୟୁନ୍‌ଙ୍କୁ ଗିରଫ କରାଯାଇ ନାହିଁ କି ତାଙ୍କୁ ପଚରାଉଚରା କରାଯାଇ ନାହିଁ।

ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ତଦନ୍ତ ମାମଲାରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ, ଜାତୀୟ ପୁଲିସ ଏଜେନ୍ସି, ସିଓଲ ମହାନଗର ନିଗମ ପୁଲିସ ଏଜେନ୍ସି ଏବଂ ଜାତୀୟ ବିଧାନସଭା ସୁରକ୍ଷା ସେବା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲା ଦେଶର ସୁରକ୍ଷା ଏବଂ ପ୍ରଶାସନିକ ବ୍ୟବସ୍ଥା ସହ ଜଡିତ ଏବଂ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ବୋଲି ଅନୁସନ୍ଧାନକାରୀ ଦଳ କହିଛି। ଡିସେମ୍ବର ୯ ତାରିଖରେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ଉପରେ ପ୍ରତିବନ୍ଧକ ଲାଗିଥିଲା। ରାଷ୍ଟ୍ରପତି ୟୁନ




ସୁକ୍ ୟୋଲଙ୍କ ମାର୍ଶାଲ ଲ' ବିରୋଧରେ ତଦନ୍ତ ଆରମ୍ଭ ହେବା ପରେ ତାଙ୍କ ବିଦେଶ ଯାତ୍ରା ଉପରେ ରୋକ୍ ଲଗାଇଛି ନ୍ୟାୟ ମନ୍ତ୍ରାଳୟ। ନ୍ୟାୟ ମନ୍ତ୍ରାଳୟ କହିଛି, ରାଷ୍ଟ୍ରପତିଙ୍କ ମାର୍ଶଲ ଲ' ଦେଶକୁ ଅରାଜକତା ଭିତରକୁ ଠେଲି ଦେଇଥିଲା। ମାର୍ଶଲ ଲ'କୁ ଗୋଟିଏ ସପ୍ତାହ ନପୁରୁଣୁ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ୟୁନ ସୁକ୍ ୟୋଲଙ୍କୁ ହଟାଇବା ପାଇଁ ବିରୋଧୀ ସାଂସଦ ମାନେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି।

ରାଷ୍ଟ୍ରପତି ଡିସେମ୍ବର ୩ ତାରିଖ ରାତିରେ ଅଚାନକ ଦେଶରେ ମାର୍ଶଲ ଲ' ଲାଗୁ କରିବାକୁ ଘୋଷଣା କରିଥିଲେ ଏବଂ ସଂସଦକୁ ସ୍ୱତନ୍ତ୍ର ସୁରକ୍ଷାବଳ ଏବଂ ହେଲିକପ୍ଟର ପଠାଇଥିଲେ। ବିରୋଧୀ ସାଂସଦ ସମେତ ତାଙ୍କ ପାର୍ଟିର ସାଂସଦ ଏହାକୁ ଅସ୍ୱୀକାର କରିବା ପରେ ମାର୍ଶଲ ଲ' ଫେରାଇ ନେବାକୁ ବାଧ୍ୟ ହୋଇଥିଲେ। ଏବେ ୟୁନ୍‌ଙ୍କୁ ସତ୍ତାରୁ ହଟାଇବା ପାଇଁ ବିରୋଧୀ ତାଙ୍କ ବିରୋଧରେ ପୁଣି ଥରେ ସଂଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି।ସେପଟେ ତାଙ୍କ ବିରୋଧ ଅପରାଧିକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଦକ୍ଷିଣ କୋରିଆ ପୁଲିସ। ସେପଟେ ମାର୍ଶଲ ଲ'କୁ ବିରୋଧ କରି ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ସିଓଲ୍‌ରେ ବଢ଼ିବାରେ ଲାଗିଛି ବିରୋଧ ପ୍ରଦର୍ଶନ। ରାଷ୍ଟ୍ରପତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ତାଙ୍କୁ ସତ୍ତାରୁ ହଟାଇବା ଦାବିରେ ସଂସଦ ବାହାରେ ଶହ ଶହ ଲୋକ ଏକାଠି ହୋଇଛନ୍ତି।

## ସୁପ୍ରିମକୋର୍ଟରୁ ସିସୋଦିଆଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୧।୧୨:** ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ମନୀଷ ସିସୋଦିଆଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଏକ୍ସାଇଜ୍ ପଲିସି ମାମଲା ସହ ଜଡିତ

**ମଦ ଦୁର୍ନୀତି ମାମଲା**

ଦୁର୍ନୀତି ଏବଂ ମନି ଲଣ୍ଡରିଂ ମାମଲାରେ ଜାମିନ ସର୍ତ୍ତ ବଦଳାଇବାକୁ ମନୀଷ ସିସୋଦିଆ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଛନ୍ତି। ଜାମିନ ସର୍ତ୍ତ ଅନୁଯାୟୀ ତାଙ୍କୁ ସପ୍ତାହରେ ଦୁଇଥର ଯାଞ୍ଚ ଏଜେନ୍ସି କାର୍ଯ୍ୟାଳୟରେ ହାଜର ହେବାକୁ ପଡୁଥିଲା। ସିସୋଦିଆଙ୍କ ଅନୁରୋଧ କ୍ରମେ ଆଜି କୋର୍ଟ ଏହି ସର୍ତ୍ତ



ହଟାଇ ଦେଇଛନ୍ତି। ତେବେ ସିସୋଦିଆଙ୍କୁ ନିୟମିତ ଶୁଣାଣିରେ ଯୋଗଦେବାକୁ କୋର୍ଟ କହିଛନ୍ତି। ମନୀଷ ସିସୋଦିଆ ଟ୍ୱିଟ୍ କରି କୋର୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସିସୋଦିଆ ଟ୍ୱିଟରେ ଲେଖିଛନ୍ତି, ଜାମିନ ସର୍ତ୍ତ ହଟାଇ ଆଶ୍ୱସ୍ତି ପ୍ରଦାନ କରିଥିବାରୁ ମାନ୍ୟବର ସୁପ୍ରିମକୋର୍ଟଙ୍କୁ ହୃଦୟରୁ କୃତଜ୍ଞତା। ଏହି ନିଷ୍ପତ୍ତି କେବଳ ନ୍ୟାୟପାଳିକା ଉପରେ ମୋର ବିଶ୍ୱାସକୁ ଆହୁରି ଦୃଢ଼ କରେ ନାହିଁ, ବରଂ ଆମର ସାମ୍ବିଧାନିକ ମୂଲ୍ୟବୋଧର ଶକ୍ତି ମଧ୍ୟ ପ୍ରତିଫଳିତ କରେ। ମୁଁ ସର୍ବଦା ନ୍ୟାୟପାଳିକା ଏବଂ ସମ୍ବିଧାନ ପ୍ରତି ମୋର କର୍ତ୍ତବ୍ୟକୁ ସମ୍ମାନ କରୁଥିବି।

ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର୍ ମାମଲାରେ ମନୀଷ ସିସୋଦିଆ ଗିରଫ ହେବା ପରେ ୯ ଅଗଷ୍ଟ ୨୦୨୪ରେ ସୁପ୍ରିମ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଏକ୍ସାଇଜ୍ ପଲିସି ମାମଲାରେ ଶୁଣାଣି ଶୀଘ୍ର ଶେଷ ହେବାର ଆଶାରେ ଅଭିଯୁକ୍ତଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାର୍ ପଛରେ ରଖାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ କୋର୍ଟ କହିଥିଲେ।

## ସିରିଆରୁ ୭୫ ଭାରତୀୟ ଉଦ୍ଧାର



**ନୂଆଦିଲ୍ଲୀ, ୧୧।୧୨:** ଅଶାନ୍ତ ସିରିଆରୁ ଉଦ୍ଧାର ହେଲେ ୭୫ ଭାରତୀୟ। ଲେବାନନ ରାସ୍ତା ଦେଇ ଏମାନେ ସମସ୍ତେ ଭାରତ ଫେରୁଛନ୍ତି। ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବୟାନରେ କୁହାଯାଇଛି ସିରିଆରେ ଜଟିଳ ସ୍ଥିତିକୁ ନଜରରେ ରଖି ସେଠାରୁ ୭୫ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ଭାରତୀୟମାନେ ସୁରକ୍ଷିତ ଭାବେ ଲେବାନନରେ ପହଞ୍ଚି ସାରିଛନ୍ତି। ସେଠାରୁ ସମସ୍ତେ ବିମାନରେ ଭାରତ ଆସିବେ। ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସିରିଆରେ ଥିବା ବାକି ଭାରତୀୟମାନେ ଭାରତୀୟ ଦୂତାବାସ ସହ ସଂପର୍କରେ ରହିବା ଲାଗି ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ରବିବାର ସିରିଆ ରାଜଧାନୀ ଡାମସକସକୁ ନିଜ ଦଖଲକୁ ନେଇଥିଲେ ବିଦ୍ରୋହୀ ସେନା। ଏଥିସହ ସିରିଆରେ ବସର-ଅଲ-ଅସଦଙ୍କ ୨୪ ବର୍ଷର ଏକଛତ୍ରବାଦ ଶାସନର ଅନ୍ତ ଘଟିଥିଲା। ରାଜଧାନୀକୁ ବିଦ୍ରୋହୀ କବଜା କରିବା ପରେ ସିରିଆ ରାଷ୍ଟ୍ରପତି ବସର-ଅଲ-ଅସଦ ଦେଶ ଛାଡ଼ି ଚାଲିଯାଇଛନ୍ତି।

## ସଂସଦ ଚାଲିବା ଜରୁରୀ: ରାହୁଲ

**ନୂଆଦିଲ୍ଲୀ, ୧୧।୧୨:** ଇଣ୍ଡିଆ ମେଣ୍ଟର କମାଣ ସମ୍ଭାଳିବାକୁ ନେଇ ଦୁଇ ସହଯୋଗୀ ଦଳ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଭିତରେ ବାକ୍ ଯୁଦ୍ଧ ଜାରି ରହିଛି। ଆଉ ଦୁଇ ଦଳ ମଧ୍ୟରେ ବିବାଦ ଏବେ ସଂସଦରେ ମଧ୍ୟ ତେଜିବାକୁ ଲାଗିଲାଣି। ଆଦାନୀ ସମେତ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟର ସାଂସଦମାନେ ସଂସଦ ବାହାରେ ଜାରି ରଖିଥିବା ବିରୋଧ ବୁଧବାର ମଧ୍ୟ ଗୃହକୁ ଅଚଳ କରିଛି। ଯାହାକୁ ନେଇ କଂଗ୍ରେସକୁ କଟାକ୍ଷ କରିଛି ତୃଣମୂଳ କଂଗ୍ରେସ।

**କଟାକ୍ଷ କଲା ଟିଏମ୍‌ସି**

ସଂସଦର ଅଚଳାବସ୍ଥା ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଗୃହ କାର୍ଯ୍ୟ ସୁନିଶ୍ଚିତ କରିବାକୁ ଆମେ ଚେଷ୍ଟା କରୁଛୁ। ଗୃହରେ ଚର୍ଚ୍ଚା ହେବା ଉଚିତ୍। ୧୩ ତାରିଖରେ ସମ୍ବିଧାନ ଉପରେ ବିତର୍କ ହେବା ଉଚିତ୍। ସେମାନେ ମୋ ଉପରେ କିଛି ବି ଅଭିଯୋଗ କରନ୍ତୁ, କିନ୍ତୁ ଆଲୋଚନା ହେବା ଉଚିତ୍। ରାହୁଲ କହିଛନ୍ତି ଯେ ଆଦାନୀଙ୍କ ଉପରେ ଆଲୋଚନା କରିବାକୁ କେନ୍ଦ୍ର ସରକାର ଚାହୁଁନାହାଁନ୍ତି। ସେମାନେ ଆଦାନୀ ପ୍ରସଙ୍ଗରୁ ଦେଶର ନଜର ହଟାଇବାକୁ ଚାହୁଁଛନ୍ତି। ଆମେ କିନ୍ତୁ ଛାଡିବୁ ନାହିଁ। ସେମାନେ ଆମ ଉପରେ ନାନା ଅଭିଯୋଗ କରିବେ, କିନ୍ତୁ ଗୃହ କାର୍ଯ୍ୟ ଚାଲିବା ଜରୁରୀ। ତେବେ ତାଙ୍କ ଉପରେ ବିଜେପି ସାଂସଦ ଲଗାଇଥିବା ମିଥ୍ୟା ଅଭିଯୋଗ ରେକର୍ଡରୁ ହଟାଇବା ପାଇଁ ସେ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଦାବି କରିଥିବା କହିଛନ୍ତି। ସେପଟେ ଗୃହର ଅଚଳାବସ୍ଥା ନେଇ ରାହୁଲଙ୍କୁ କଟାକ୍ଷ କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ। ଗୃହ କିପରି ଚାଲିବ ବା ନଚାଲିବ ଏହା ଉଭୟ କଂଗ୍ରେସ ଓ ବିଜେପିର ଇଚ୍ଛା ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ସମାନେ ନିଷ୍ପତ୍ତି କରୁଛନ୍ତି ଗୃହ କେମିତି ଓ କେତେଦିନ ଚାଲିବ। ଏହା ଉଚିତ ନୁହେଁ। ସଂସଦରେ ବିଜେପି ଓ କଂଗ୍ରେସ ସାଂସଦମାନେ କହିବାକୁ ଅଧିକ ସମୟ ପାଉଛନ୍ତି। ଅନ୍ୟ ଦଳଗୁଡ଼ିକୁ ସେତିକି ସୁଯୋଗ ମିଳୁନାହିଁ।

## ରାଜନାଥଙ୍କୁ ଗୋଲାପ ସହ ତ୍ରିରଙ୍ଗା ଦେଲେ

**ନୂଆଦିଲ୍ଲୀ, ୧୧।୧୨:** ଟି-ଶାର୍ଟ, ବ୍ୟାଗ୍ ପରେ ଏବେ ଗୋଲାପ ଫୁଲ। ବିରୋଧର ନୂଆ ନୂଆ ଷ୍ଟାଇଲ୍ ଆପଣାଉଛନ୍ତି ବିରୋଧୀ। କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସଂସଦ ପରିସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଦେଇଛନ୍ତି ଗୋଲାପ ଫୁଲ। କେବଳ ସେତିକି ନୁହେଁ ତାଙ୍କ ହାତରେ ଜାତୀୟ ପତାକାକୁ ମଧ୍ୟ ଧରାଇଛନ୍ତି। ଚଳିତ ସଂସଦ ଅଧିବେଶନରେ କଂଗ୍ରେସ କ୍ରମାଗତ ଭାବରେ ସରକାରଙ୍କୁ ଘେରିବାରେ ଲାଗିଛି। ଆଦାନୀ ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ କଂଗ୍ରେସ ପ୍ରତିଦିନ ନୂଆ ଢଙ୍ଗରେ ସଂସଦ ବାହାରେ ବିରୋଧ କରୁଛି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଏହି ବିରୋଧ ପ୍ରଦର୍ଶନ କରାଯାଉଛି। ଆଜି ବି ଅନେକ କଂଗ୍ରେସ ନେତା ଏହି ବିରୋଧ ପ୍ରଦର୍ଶନ ଜାରି ରଖିଛନ୍ତି।

ତେବେ ଏତିକି ବେଳେ ସଂସଦ ବାହାରେ ବିରୋଧ ପ୍ରଦର୍ଶନବେଳେ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ରାଜନାଥ ସିଂହ ସଂସଦ ଭିତରକୁ ପ୍ରବେଶ କରୁଥିବା ବେଳେ ତାଙ୍କୁ ରାହୁଲ ଗାନ୍ଧି ଗୋଲାପ ଫୁଲ ଓ ତ୍ରିରଙ୍ଗା ପତକା ଦେଇ ନୂଆ ଷ୍ଟାଇଲରେ ବିରୋଧ ପ୍ରଦର୍ଶନ କରିଛନ୍ତି। ରାଜନାଥ ସିଂହ ତାଙ୍କ କାରରୁ ଓହ୍ଲାଇବା ମାତ୍ରେ ରାହୁଲ ଗାନ୍ଧି ତୁରନ୍ତ ତାଙ୍କ ଆଗକୁ ଚାଲି ଆସିଥିଲେ। ଏହି ସମୟରେ ରାଜନାଥ ସିଂହ ଏବଂ ରାହୁଲଙ୍କ ମଧ୍ୟରେ କିଛି ସେକେଣ୍ଡ ପାଇଁ କଥାବାର୍ତ୍ତା ହୋଇଥିଲା। କିନ୍ତୁ ରାହୁଲ ତାଙ୍କୁ ତ୍ରିରଙ୍ଗା ଓ ଗୋଲାପ ଦେବା ମାତ୍ରେ ରାଜନାଥ ଏହାକୁ ନ ନେଇ ହସି ହସି ଆଗକୁ ଚାଲି ଯାଇଥିଲେ। ଏହି ସମୟରେ କଂଗ୍ରେସ ନେତା, ବିଜେପି ନେତା ଏବଂ ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀମାନେ ମଧ୍ୟ ହସୁଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଏହି ଘଟଣାର ପୂରା ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନଡିଏ ସାଂସଦ ଏବଂ ମନ୍ତ୍ରୀମାନଙ୍କୁ ଗୋଲାପ ଓ ତ୍ରିରଙ୍ଗା ପ୍ରଦାନ କରି କଂଗ୍ରେସ ନୂଆ ଢ଼ଙ୍ଗରେ ବିରୋଧ କରିଛି। ବିରୋଧୀ ଦଳର ସାଂସଦମାନେ ବିଜେପି ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କଂଗ୍ରେସ ସାଂସଦ ସୁଖଦେବ ଭାଗବତ ସଂସଦକୁ ବିଜେପି ସରକାର 'ଲଜୱନ୍ତୀ' (ଲାଜକୁଳି ଲତା)ରେ ପରିଣତ କରିଥିବା ଅଭିଯୋଗ କରିଛନ୍ତି।

# ଆକସ୍ମିକ ମୃତ୍ୟୁ ପାଇଁ କରୋନା ଟିକା ଦାୟୀ ନୁହେଁ: ସ୍ୱାସ୍ଥ୍ୟ ମନ୍ତ୍ରୀ

**ନୂଆଦିଲ୍ଲୀ, ୧୧।୧୨:** ଦେଶରେ ଦିନକୁ ଦିନ ହଠାତ୍ ମୃତ୍ୟୁ ହେବା ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ଯୁବପିଢ଼ିମାନେ ଏହାର ଅଧିକ ଶିକାର ହେଉଛନ୍ତି। ତେବେ ଆକସ୍ମାତ ମୃତ୍ୟୁ ପାଇଁ କରୋନା ଟିକା ଦାୟୀ ନୁହେଁ। ଏହାପଛରେ କରୋନା ଟିକାର କୌଣସି ଭୂମିକା ନାହିଁ। କରୋନା ଟିକାକୁ ନେଇ ଏଭଳି କିଛି ବଡ଼ ବୟାନ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏହାକୁ ନେଇ ସେ ସଂସଦରେ ସ୍ପଷ୍ଟିକରଣ ରଖିଛନ୍ତି। ଦେଶରେ କରୋନା ସଙ୍କଟ ପରେ ହଠାତ୍ ମୃତ୍ୟୁ ସଂଖ୍ୟା ବୃଦ୍ଧି ହେବା ନେଇ ଅନେକ ରିପୋର୍ଟରେ ଦାବି କରାଯାଇଥିଲା। ଏବେ ଏହାକୁ ନେଇ ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନର ରିପୋର୍ଟକୁ ସରକାର ସଂସଦ ଏବଂ



କୋର୍ଟରେ ଉପସ୍ଥାପନ କରିଛନ୍ତି। କୋଭିଡ ଟିକା ଯୋଗୁ ଯୁବପିଢ଼ିଙ୍କ ମଧ୍ୟରେ ଆକସ୍ମିକ ମୃତ୍ୟୁ ହେବାର ଆଶଙ୍କା ବଢ଼ୁନି ବରଂ ଏହି ବିପଦ ହ୍ରାସ ପାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ମଙ୍ଗଳବାର ରାଜ୍ୟସଭାରେ ସ୍ପଷ୍ଟିକରଣ ରଖିଛନ୍ତି। ପୂର୍ବରୁ କୋଭିଡ ଟିକା ପାଇଁ ଯୁବପିଢିଙ୍କ ହଠାତ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟ ଆସିଥିଲା । କିନ୍ତୁ ଆଇସିଏମଆର ଷ୍ଟଡି ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୨୦୨୧ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ୧୮ରୁ ୪୫ ବର୍ଷୀୟ ଲୋକଙ୍କ ମଧ୍ୟରେ ହଠାତ୍ ମୃତ୍ୟୁ ହୋଇଥିଲା। ଏଭଳି ୭୨୯ ଲୋକଙ୍କ ହଠାତ୍ ମୃତ୍ୟୁ ପରେ କୋଭିଡ ଟିକା ଉପରେ ପ୍ରଶ୍ନ ଉଠିଥିଲା।

ଏହାପରେ ଆଇସିଏମ୍‌ଆର୍ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ଟି ହସ୍ପିଟାଲକୁ ନେଇ ରିସର୍ଚ୍ଚ କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, କୋଭିଡ -୧୯ ଟିକାର ଅତି କମରେ ଗୋଟିଏ ଡୋଜ କିମ୍ବା ଦୁଇଟି ଡୋଜ ନେବା ବିନା କାରଣରେ ଆକସ୍ମିକ ମୃତ୍ୟୁ ହେବାର ସମ୍ଭାବନାକୁ ହ୍ରାସ କରିଥାଏ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଭ୍ୟାକ୍‌ସିନ୍‌ର ସାଇଡ୍ ଇଫେକ୍ଟକୁ ଟ୍ରାକ୍ କରିବା ପାଇଁ 'ଆଡଭାନ୍ସ ଇଭେଣ୍ଟ ଫଲୋଇଂ ଇମ୍ୟୁନାଇଜେସନ' (ଏଇଏଫ୍‌ଆଇ) ନାମକ ଏକ ଦୃଢ଼ ସର୍ଭେଲେନ୍ସ ସିଷ୍ଟମ ତିଆରି କରାଯାଇଥିଲା। ସେ କହିଛନ୍ତି ଯେ ଟିକାକରଣ କେନ୍ଦ୍ରରେ ଆନାଫାଇଲକ୍ସିସ୍ କିଟ୍ ଉପଲବ୍ଧ କରାଯାଏ ଏବଂ ଟିକାକରଣ ପରେ ବ୍ୟକ୍ତିଙ୍କୁ ବାଧ୍ୟତାମୂଳକ ଭାବେ ୩୦ ମିନିଟ୍ ପର୍ଯ୍ୟନ୍ତ ନଜରରେ ରଖାଯାଏ। ଏଇଏଫ୍‌ଆଇ ବିଷୟରେ ସଚେତନତା ସୃଷ୍ଟି କରିବାକୁ ନାଡ୍ଡା କହିଛନ୍ତି ଯେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସହ ଜଡିତ ମାମଲାଗୁଡ଼ିକର ରିପୋର୍ଟ ବୃଦ୍ଧି ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସଚେତନତା ପ୍ରସାର ପାଇଁ ସରକାର ସୋଶାଲ ମିଡିଆର ମଧ୍ୟ ବ୍ୟବହାର କରୁଛନ୍ତି।

# ବ୍ରିସ୍‌ବେନ୍ ଟେଷ୍ଟ ପୂର୍ବରୁ ନେଟ୍‌ସରେ ଝାଳ ବୁହାଇଲେ କୋହଲି-ରୋହିତ

**ଆଡିଲେଡ୍, ୧୧।୧୨:** ପିଙ୍କ୍ ବଲ୍ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ଭାରତ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନେତୃତ୍ୱରେ ବ୍ୟାଟରମାନେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ନେଟ୍ ସେସନରେ ରେଡ୍‌ବଲ ପ୍ରସ୍ତୁତିରେ ବିଶେଷ ଧ୍ୟାନ ଦେଇଛନ୍ତି। ଅନ୍ୟପକ୍ଷରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ଆଗୁଆ ବ୍ରିସବେନ୍ ଗସ୍ତ କରିଛି। ରେଡ୍‌ବଲ୍‌କୁ କିପରି ରକ୍ଷଣାତ୍ମକ ଖେଳିବା ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ ତାହାର ଟେକ୍‌ନିକ୍ ହାସଲ କରିବା ଲାଗି ଭାରତୀୟ ବ୍ୟାଟରମାନେ ତା’ ଉପରେ ମନୋନିବେଶ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି। ଗତ ୧୨ଟି ଇନିଂସରେ ସେ ମାତ୍ର ୧୪୨ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଗୋଟିଏ ଅର୍ଦ୍ଧ ଶତକ (୫୨) ରହିଛି। ପୁତ୍ର ଜନ୍ମ ପରେ ସେ ଦଳ ସହିତ ଯୋଗଦେଇଥିଲେ। ସେ କିପରି ତାଙ୍କ ଲୟ ଫେରିପାଇବେ ସେଥିଲାଗି ସେ ନେଟ୍ସରେ ଉଭୟ ଭାରତୀୟ ପେସର ଓ ସ୍ପିନରଙ୍କ ବୋଲିଂର




ସାମ୍ନା କରିଥିଲେ। ରୋହିତ ବ୍ୟାଟିଂ ଅର୍ଡରରେ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସେ ୩ ଓ ୬ ରନ କରିଛନ୍ତି। ପ୍ରଥମ ଇନିଂସରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ୍ସ କମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଅନ୍ୟପକ୍ଷରେ କେ.ଏଲ୍ ରାହୁଲ ତାଙ୍କ ଡିଫେନ୍ସ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ରିଷଭ ପନ୍ତ କିଛି ପିକ୍ ଅପ୍ ଶଟ୍ ଖେଳିଥିଲେ। ଓପନିଂ ଟେଷ୍ଟରେ ଭାରତର ୨୯୫ରନର ବିପୁଳ ବିଜୟରେ ୧୬୧ ରନ କରିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ଆକ୍ରମଣାତ୍ମକ ଶଟ୍ ଖେଳିଥିଲେ। ବୋଲିଂ ଅଭ୍ୟାସ କରିଥିବା ବେଳେ ମାନେ ହେଲେ ହର୍ଷିତ ରାଣା, ଅକାଶ ଦୀପ, ଯଶ ଦୟାଲ ଏବଂ ସ୍ପିନର ତ୍ରୟ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଓ୍ୱାଶିଂଟନ ସୁନ୍ଦର। ଏମାନଙ୍କ ବ୍ୟତୀତ କେତେଜଣ ଥ୍ରୋ ଡାଉନ୍ ସ୍ପେସାଲିଟେ ମଧ୍ୟ ବୋଲିଂ କରିଥିଲେ। ଭାରତର ଦୁଇ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଏବଂ ସିମ୍ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଖରାପ ଲକ୍ଷ୍ୟ କରାଯାଇଥିଲା। ଭାରତୀୟ ଦଳ ବୁଧବାର ବ୍ରିସ୍‌ବେନରେ ପହଞ୍ଚିବ ବୋଲି ଯୋଜନା ରହିଛି।



## ଗୁଗଲ୍‌ରେ ଭିନେଶ୍‌ଙ୍କୁ ସର୍ବାଧିକ ସର୍ଚ୍ଚ କରିଛନ୍ତି ଲୋକେ

**ନୂଆଦିଲ୍ଲୀ,୧୧।୧୨:** ୨୦୨୪ରେ ଗୁଗଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଭାରତୀୟ ତାଲିକାରେ କ୍ରୀଡା ତାରକାମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। କୌଣସି ରାଜନେତା କିମ୍ବା କୌଣସି ଚଳଚ୍ଚିତ୍ର ତାରକା କିମ୍ବା ବ୍ୟବସାୟୀ ଏହି ତାଲିକାରେ ଶୀର୍ଷରେ ରହି ନାହାଁନ୍ତି। ଶ୍ରେଷ୍ଠ ୧୦ ଜଣଙ୍କୁ ପାଞ୍ଚ ଜଣ ଖେଳାଳି ଅନ୍ତର୍ଭୁକ୍ତ ଅଛନ୍ତି, କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଲା ବିରାଟ କୋହଲି ଏବଂ ରୋହିତ ଶର୍ମା କିମ୍ବା ଏମଏସ ଧୋନୀଙ୍କ ପରି ବଡ କ୍ରିକେଟ ତାରକା ଏହି ତାଲିକାରୁ ବାଦ ପଡିଛନ୍ତି।

ବହୁ ଖୋଜା ଯାଇଥିବା ଭାରତୀୟ ତାଲିକାରେ ମହିଳା ରେସଲର ଭିନେଶ ଫୋଗେଟ ଶୀର୍ଷରେ ଅଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭିନେଶ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲ ମ୍ୟାଚ ପୂର୍ବରୁ ଓଜନ ସମସ୍ୟା ହେତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା, ଯାହା ତାଙ୍କ ତଥା ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଝଟକା ଥିଲା। ଏହା ପରେ ଭିନେଶ ରାଜନୀତିରେ ପ୍ରବେଶ କରି ହରିୟାଣାର ଜୁଲାନା ବିଧାନସଭା ଆସନ ଜିତି ଜଣେ ବିଧାୟକ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କର ସଫଳତା ତାଙ୍କୁ ଗୁଗ୍‌ଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବ୍ୟକ୍ତିଙ୍କ ତାଲିକାର ଶୀର୍ଷକୁ ନେଇଛି। କ୍ରୀଡ଼ା ବ୍ୟକ୍ତିଙ୍କ ଦୃଷ୍ଟିରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ଆଇପିଏଲରେ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସକୁ ଅଧିନାୟକ କରିଥିଲେ ଏବଂ ଟି-୨୦ ବିଶ୍ୱକପ ୨୦୨୪ ଜିତିବାରେ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ବ୍ୟାଟ୍ସମ୍ୟାନ ଶଶାଙ୍କ ସିଂ ଏବଂ ଅଭିଷେକ ଶର୍ମା ମଧ୍ୟ ଗୁଗଲରେ ବହୁତ ସର୍ଚ୍ଚ କରିଥିଲେ। ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ ସେନ ମଧ୍ୟ ଦଶମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ନାମ ରାଜନେତା ନୀତୀଶ କୁମାର ଏବଂ ଚିରାଗ ପାସଓ୍ୱାନ, ଅଭିନେତା ପଓ୍ୱନ କଲ୍ୟାଣ, ପୁଣମ ପାଣ୍ଡେ ଏବଂ ରାଧିକା ମର୍ଚ୍ଚାଣ୍ଟ ଅନ୍ତର୍ଭୁକ୍ତ।

୨୦୨୪ରେ କ୍ରୀଡା ସହ ଜଡିତ ସବୁଠାରୁ ଟ୍ରେଣ୍ଡିଂ ସର୍ଚ୍ଚଗୁଡ଼ିକ ହେଲା ଇଣ୍ଡିଆନ ପ୍ରିମିୟର ଲିଗ ଏବଂ ଟି-୨୦ ବିଶ୍ୱକପ। ଏହି ଦୁଇଟି ଘଟଣା ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏଥି ସହିତ, ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଗୁଗ୍‌ଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବିଷୟ ମଧ୍ୟରେ ପଞ୍ଚମ ସ୍ଥାନ ପାଇଛି।




## ଭେଙ୍କଟେଶଙ୍କ ‘ପିଏଚ୍‌ଡି’ ପ୍ରେମ

**କୋଲକାତା, ୧୧।୧୨:** ନିକଟରେ ଶେଷ ହୋଇଥିବା ଆଇପିଏଲ୍ ମେଗା ନିଲାମରେ ବିସ୍ଫୋରକ ବ୍ୟାଟର୍ ଭେଙ୍କଟେଶ ଆୟରଙ୍କୁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୨୩.୭୫ କୋଟି ଟଙ୍କାରେ କିଣିଛି। ଭାରତୀୟ କ୍ରିକେଟ୍ ଦଳରୁ ଦିନିକିଆ ଓ ଟ୍ୱେଣ୍ଟି-୨୦ ଖେଳି ଦରମା ବାବଦରେ ବିସିସିଆଇରୁ ସେ ମଧ୍ୟ କୋଟିକୋଟି ଟଙ୍କା ପାଇଛନ୍ତି। କ୍ରିକେଟ୍ ପଡ଼ିଆରେ ବର୍ଷସାରା ବ୍ୟସ୍ତ ରହୁଥିଲେ ବି ପାଠପଢ଼ାକୁ ହେଳା କରି ନାହାନ୍ତି ଆୟର। ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରି ସାରିଥିବା ଆୟର ଉଚ୍ଚଶିକ୍ଷିତ। ଏପରିକି ସଂପ୍ରତି ସେ ପିଏଚ୍‌ଡି କରୁଛନ୍ତି। ୨୯ବର୍ଷୀୟ ଆୟର ଏବେଠୁ କ୍ରିକେଟ୍ ପରବର୍ତ୍ତୀ ଜୀବନ କଥା ଚିନ୍ତା କରିବା ସହ ପରିବାରର ଇଚ୍ଛାକୁ ସମ୍ମାନ ଜଣାଇ କ୍ରିକେଟ୍ ସହ ପାଠପଢ଼ା ବି ଜାରି ରଖିଛନ୍ତି। ମଧ୍ୟପ୍ରଦେଶର ଏହି ସଫଳ କ୍ରୀଡ଼ା ତାରକା ପଢ଼ାପଢ଼ି ଓ ଖେଳ ଭିତରେ ଅତୁଳନୀୟ ସମତୁଲ ରକ୍ଷା କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବି ପାଲଟିଛନ୍ତି। ଏକ ସାକ୍ଷାତକାର ଅବସରରେ ସେ କହିଛନ୍ତି, ମୁଁ ମଧ୍ୟପ୍ରଦେଶର ଏକ ଛୋଟିଆ ଗାଁରୁ ଆସିଛି। ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଛି। ମୋ ପରିବାର ଲୋକ ସବୁବେଳେ ପଢ଼ାପଢ଼ିକୁ ଗୁରୁତ୍ୱ ଦେଇଥା’ନ୍ତି। ଏଣୁ ସେମାନଙ୍କ ଉଚ୍ଛା ଓ ଆଗ୍ରହକୁ ସମ୍ମାନ ଜଣାଇ ମୁଁ କ୍ରିକେଟ୍ ଖେଳିବା ସହ ଉଚ୍ଚଶିକ୍ଷା ଲାଭ କରିବା ଜାରି ରଖିଛି। ଏବେ ମୁଁ ଅର୍ଥଶାସ୍ତ୍ରରେ ପିଏଚ୍‌ଡି କରୁଛି।

## କାମ୍ବ୍ଲି ନିଜର ଧ୍ୟାନ ରଖନ୍ତୁ, ଆମେ ତାଙ୍କ ଦେଖାଶୁଣା କରିବୁନି: କପିଳଦେବ

**ନୂଆଦିଲ୍ଲୀ, ୧୦।୧୨:** ଭାରତୀୟ କ୍ରିକେଟ ଟିମର ପୂର୍ବତନ ଖେଳାଳି ବିନୋଦ କାମ୍ବ୍ଲିଙ୍କୁ ନେଇ ଏବେ ଅନେକ ଚର୍ଚ୍ଚା। ମାନସିକ ଏବଂ ଶାରୀରିକ ଭାବେ ତାଙ୍କ ଅବସ୍ଥା ଖରାପ ବୋଲି କୁହାଯାଉଛି। ଏହାସହିତ ତାଙ୍କ ଆର୍ଥିକ ଅବସ୍ଥା ମଧ୍ୟ ବହୁତ ଖରାପ ରହିଛି। ତେଣୁ କ୍ରିକେଟ ଜଗତର ଅନେକ ଖେଳାଳି ତାଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି। ହେଲେ କପିଳ ଦେବ ବିନୋଦ କାମ୍ବ୍ଲିଙ୍କୁ ନେଇ ବଡ ବୟାନ ଦେଇଛନ୍ତି। କପିଳ ଦେବ କହିଛନ୍ତି, ଆମେ ସମସ୍ତେ ତାଙ୍କୁ ସହାୟତା କରିବା ପାଇଁ ରହିଛୁ। ସୁନୀଲ ଗାଭାସ୍କର ପ୍ରଥମରୁ ତାଙ୍କୁ ସହାୟତା କରିବା ପାଇଁ କହିଛନ୍ତି। ଯଦି ସେ ନିଜର ଧ୍ୟାନ ନିଜେ ନ ରଖିବେ, ତେବେ ଆମେ କେମିତି ରଖିବୁ। ସୁନୀଲ ଗାଭାସ୍କର କାମ୍ବ୍ଲିଙ୍କୁ ନିଜ ‘ପୁଅ’ ଭଳି ମାନନ୍ତି। ସେ ଆଶା ରଖିଛନ୍ତି ଯେ, କାମ୍ବ୍ଲି ବହୁତ ଜଲଦି ନିଜ ଗୋଡ଼ରେ ଠିଆ ହେବେ। ୧୯୮୩ ବିଶ୍ୱକପ୍ ବିଜେତା ଟିମର ସଦସ୍ୟମାନେ ଏମିତି କ୍ରିକେଟରମାନଙ୍କ



ସହାୟତା ପାଇଁ ଏକଜୁଟ ହେବେ। ‘୧୯୮୩ର ଟିମ୍ ଯୁବ ଖେଳାଳିମାନଙ୍କୁ ନେଇ ବହୁତ ସଚେତନ। ଯଦି ଆପଣ ସେମାନଙ୍କ ବୟସ ଦେଖିବେ, ତା’ ହେଲେ ଆମମାନଙ୍କ ମଧ୍ୟରୁ କିଛି ଜଣଙ୍କ ପାଇଁ ସେ ପୁଅ ଭଳି। ଖାସ୍ କରି, ଯେତେବେଳେ ଭାଗ୍ୟ ସେମାନଙ୍କ ହାତ ଛାଡ଼ି ଦିଏ, ଆମେ ସମସ୍ତେ ବହୁତ ଚିନ୍ତିତ ରହିଥାଉ। ମୁଁ ସାହାଯ୍ୟ ଶବ୍ଦ ପସନ୍ଦ କରେ ନାହିଁ’। ସେ ଆହୁରି କହିଛନ୍ତି, ‘୮୩ ଟିମ୍ ଯାହା କରିବାକୁ ଚାହୁଁଛି, ତାହା ହେଉଛି ତାଙ୍କର ଯତ୍ନ ନେବା। ଆମେ ବିନୋଦ କାମ୍ବ୍ଲିଙ୍କ ଯତ୍ନ ନେବାକୁ ଚାହୁଁଛୁ ଏବଂ ତାଙ୍କୁ ତାଙ୍କ ଗୋଡ଼ରେ ଛିଡ଼ା କରାଇବାରେ ସାହାଯ୍ୟ କରିବାକୁ ଚାହୁଁଛୁ’।

## ସଚିନଙ୍କ ରେକର୍ଡକୁ ରୁଟ୍ ବିପଦ

**ଲଣ୍ଡନ, ୧୧।୧୨:** ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ଏବେ ଚମତ୍କାର ଫର୍ମ ଦେଇ ଗତି କରୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ସେ ନିଜ ୩୬ତମ ଶତକ ଅର୍ଜନ କରିଛନ୍ତି। ଏହା କରି ରୁଟ୍, ମାଷ୍ଟର୍ ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ସର୍ବାଧିକ ଟେଷ୍ଟ୍ ରନ୍ ରେକର୍ଡକୁ ଭାଙ୍ଗିବାର ପ୍ରବଳ ଦାବିଦାର ଭାବେ ଉଭା ହୋଇଛନ୍ତି। ରୁଟ୍ ଏବେ ସର୍ବକାଳୀନ ସର୍ବାଧିକ ଟେଷ୍ଟ୍ ରନ୍ ସଂଗ୍ରହକାରୀ ତାଲିକାରେ ସଚିନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କଠାରୁ ମାତ୍ର ୪୯୨ ରନ୍ ପଛରେ ରହିଛନ୍ତି। ଏବେକାର ଗତିରେ ରନ୍ କଲେ ଯାହାକୁ ସେ ଖୁବ୍‌ଶୀଘ୍ର ହାସଲ କରିନେବେ ବୋଲି ଆଶା କରାଯାଉଛି। ସଚିନଙ୍କଠାରୁ ମଧ୍ୟ ରୁଟ୍ ଏବେ ମାତ୍ର ୩,୦୩୫ ରନ୍ ପଛରେ ରହିଛନ୍ତି। ଶତକରେ ସଚିନଙ୍କ ୫୧ ଶତକ ବିଶ୍ୱ ରେକର୍ଡଠାରୁ ୧୪ଟି ପଛରେ ରହିଛନ୍ତି। ସଚିନ ୨୦୦ ଟେଷ୍ଟ୍ ଖେଳିଥିଲା ବେଳେ ରୁଟ୍ ତାଙ୍କଠାରୁ ୪୯ ଟେଷ୍ଟ୍ କମ୍ ଖେଳିଛନ୍ତି।

ଏଭଳି ସ୍ଥିତିରେ ଇଂଲଣ୍ଡର ଅନ୍ୟତମ ପୂର୍ବତନ ଅଧିନାୟକ ମାଇକେଲ ଭନ୍ କହିଛନ୍ତି ଯେ ସଚିନଙ୍କ ରେକର୍ଡ କେବଳ ରୁଟ୍ ହିଁ ଭାଙ୍ଗି ପାରିବେ। ରୁଟ୍ ଖେଳିଥିବା ୧୫୧ ଟେଷ୍ଟ୍ ଏବଂ ସଚିନଙ୍କ ପ୍ରଥମ ୧୫୧ ଟେଷ୍ଟର ପ୍ରଦର୍ଶନକୁ ତୁଳନା କଲେ ଏହା ମଧ୍ୟ ସମ୍ଭବ ହେବା ଭଳି ମନେ ହେଉଛି। ରୁଟ୍ ସଂପ୍ରତି ୧୫୧ ଟେଷ୍ଟ୍ ଖେଳି ୧୨,୮୮୬ ରନ୍‌ରେ ରହିଛନ୍ତି। ଯାହା ତାଙ୍କୁ ସର୍ବକାଳୀନ ସର୍ବାଧିକ ଟେଷ୍ଟ୍ ରନ୍ ସଂଗ୍ରହକାରୀଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ରଖୁଛି। ଗତ ଚାରି ବର୍ଷ ହେବ ତାଙ୍କ ସମସାମୟିକ ବିରାଟ କୋହଲି, କେନ୍ ୱିଲିୟମସନ୍ ଓ ଷ୍ଟିଭେନ୍ ସ୍ମିଥ କେହି ବି ସ୍ଥିର ପ୍ରଦର୍ଶନ ଦେଇ ନଥିଲେ ମଧ୍ୟ ଏହି ସମୟ ଭିତରେ ରୁଟ୍‌ଙ୍କ ରନ୍ ଅମଳ ଜାରି ରହିଛି। ବରଂ ବଢ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୨୧ ମସିହାଠାରୁ ରୁଟ୍ ୫୪ ଟେଷ୍ଟ୍ ଖେଳି ୫୬.୨୫ ହାରରେ ୧୯ ଶତକ ସହ ୫,୦୬୩ ରନ୍ କରିଛନ୍ତି। ବିଶ୍ୱ କ୍ରିକେଟ୍‌ର ଅନ୍ୟ କୌଣସି ଖେଳାଳି ଏହି ସମୟ ଚକ୍ର ଭିତରେ ଏତେ ରନ୍ କରି ନାହାନ୍ତି।

୧୫୧ ଟେଷ୍ଟ୍ ପରେ ରୁଟ୍ ଓ ସଚିନଙ୍କ ପରିସଂଖ୍ୟାନ ଉପରେ ନଜର ପକାଇଲେ ଜଣାପଡ଼େ ଯେ ସଚିନଙ୍କଠାରୁ ରୁଟ୍ ୩୦ ଅଧିକ ପାଳି ଖେଳିଛନ୍ତି। ସେହିଭଳି ସଚିନ ନିଜ ୧୫୧ତମ ଟେଷ୍ଟ୍ ପରେ କରିଥିବା ୧୧,୯୩୯ ରନ୍‌ଠାରୁ ଯଥେଷ୍ଟ ଆଗରେ ରହିଛନ୍ତି। ରୁଟ୍‌ଙ୍କ ରନ୍ ସଂଗ୍ରହ ହାର ୫୦.୯୩ଠାରୁ ସଚିନ (୫୪.୦୨) କିନ୍ତୁ ଆଗରେ ରହିଛନ୍ତି। ସଚିନ (୩୬) ମଧ୍ୟ ରୁଟ୍ (୩୩)ଙ୍କଠୁ ଅଧିକ ଶତକ ହାସଲ କରିଛନ୍ତି। ଅର୍ଦ୍ଧଶତକରେ ଅବଶ୍ୟ ରୁଟ୍ ୬୪/୪୯ରେ ଆଗୁଆ ରହିଛନ୍ତି। ୧୫୧ ଟେଷ୍ଟ୍ ପରେ ସଚିନ ବିଦେଶ ମାଟିରେ ୮୭ ଟେଷ୍ଟ୍ ଖେଳି ୫୩.୭୦ ହାର ଏବଂ ୨୩ ଶତକ, ୨୮ ଅର୍ଦ୍ଧଶତକ ବଳରେ ୬,୮୨୧ ରନ୍ କରିଛନ୍ତି। ସମାନ ସଂଖ୍ୟକ କ୍ୟାରିୟର ଟେଷ୍ଟ୍ ମ୍ୟାଚ୍ ପରେ ରୁଟ୍ ବିଦେଶ ମାଟିରେ ୭୩ ଟେଷ୍ଟ୍ ଖେଳି ୪୭.୬୬ ହାର, ୧୫ ଶତକ ଓ ୩୨ ଅର୍ଦ୍ଧଶତକ ସହାୟତାରେ ୬,୧୨୮ ରନ୍ କରିଛନ୍ତି। ଘରୋଇ ପ୍ରଦର୍ଶନକୁ ବିଚାରକୁ ନେଲେ ସଚିନ ୧୫୧ ଟେଷ୍ଟ୍ ପରେ ୬୪ ଘରୋଇ ମ୍ୟାଚ୍ ଖେଳି ୫୪.୪୪ ହାର, ୧୬ ଶତକ ଓ ୨୧ ଅର୍ଦ୍ଧଶତକ ସହ ୫,୧୧୮ ରନ୍ କରିଛନ୍ତି। ରୁଟ୍ ଘରେ ୭୮ ମ୍ୟାଚ୍ ଖେଳି ୫୪.୯୪




ହାର, ୨୧ ଶତକ ଓ ୩୨ ଅର୍ଦ୍ଧଶତକ ବଳରେ ୬୭୫୮ ରନ୍ କରିଛନ୍ତି।

ଅନ୍ୟଏକ ମଜାଦାର କଥା ହେଲା ୧୫୧ ଟେଷ୍ଟ୍ ଖେଳିବା ବେଳକୁ ସଚିନ ପ୍ରତି ୬ ପାଳିରେ ଗୋଟିଏ ଶତକ ଅର୍ଜନ କରୁଥିଲେ। ୨୪୬ ପାଳିରୁ ୩୯ ଶତକର ମାଇଲ୍‌ଖୁଣ୍ଟ ଛୁଇଁ ସାରିଥିଲେ। ଅନ୍ୟପକ୍ଷରେ ରୁଟ୍ ପ୍ରତି ୮ ପାଳିରେ ଗୋଟିଏ ଶତକ ଅର୍ଜନ କରିଛନ୍ତି। ୨୭୬ ପାଳି ଖେଳି ୩୬ ଶତକ ଅର୍ଜନ କରିଛନ୍ତି। ଏଣୁ ଅର୍ଦ୍ଧଶତକକୁ ଶତକରେ ରୂପାନ୍ତର କରିବାରେ ରୁଟ୍‌ଙ୍କଠାରୁ ସଚିନ ଢେର ଆଗରେ ରହିଛନ୍ତି। ସ୍ଥିରତା ଦୃଷ୍ଟିରୁ ବି ସଚିନ ଆଗରେ ରହିଛନ୍ତି। ସଚିନ ପାଳି ପିଛା ୪୮ ରନ୍ କରିଥିଲା ବେଳେ ରୁଟ୍ ୪୬ ରନ୍ କରିଛନ୍ତି। ୧୫୧ଟେଷ୍ଟ୍ ପରେ ରୁଟ୍ ହୁଏତ ଅଧିକ ରନ୍ କରିଥାଇ ପାରନ୍ତି, ହେଲେ ଶତକ, ସ୍ଥିରତା ଓ ଦକ୍ଷତା ଦୃଷ୍ଟିରୁ ସଚିନ ଆଗରେ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋହନଙ୍କ...

ଅନ୍ୟାନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି। ସେ ନିଜର ସାହିତ୍ୟ ମାଧ୍ୟମରେ ସମାନତା, ମହିଳା ସଶକ୍ତୀକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରୁଥିଲେ। ସୁବ୍ରମଣ୍ୟ ଭାରତୀ ବଳିଷ୍ଠ ଲେଖା ମାଧ୍ୟମରେ ଯୁବ ସମାଜ ମଧ୍ୟରେ ଜାତୀୟତାର ଭାବ ଉଦ୍ରେକ କରି ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣା ଦେଉଥିଲେ। ତାଙ୍କର ସଙ୍ଗୀତ ‘ଆଚାମିଲାଇ ଆଚାମିଲାଇ’ ଯୁବ ସମାଜକୁ ଭୟମୁକ୍ତ ହୋଇ, ରୂଢ଼ିବାଦୀ ପରମ୍ପରାକୁ ପଛରେ ପକାଇ ଆଗକୁ ବଢ଼ିବା ପାଇଁ ପ୍ରେରିତ କରୁଥିଲା। ଯୁବ ସମାଜ ପାଖରେ ସୁବ୍ରମଣ୍ୟ ଭାରତୀଙ୍କ ଜୀବନୀରୁ ଯଥେଷ୍ଟ କିଛି ଶିଖିବାର ସୁଯୋଗ ରହିଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ନାୟକ ଓ ନାୟିକାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ ପାଇଁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରହିଛି। ଭାଷା, ସାହିତ୍ୟ ସହିତ ସମାଜ ଗଠନରେ ତାଙ୍କ ଅବଦାନ ବିଷୟରେ ଦେଶବାସୀଙ୍କୁ ଜଣାଇବା ନିମନ୍ତେ ୨୮ ସେପ୍ଟେମ୍ବର ୨୦୨୩ ରୁ ଆରମ୍ଭ କରି ୧୧ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ୭୫ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରାଯାଇଥିଲା। କଳା ଓ ସଂସ୍କୃତିର ପୂଜାରୀଙ୍କୁ କାଳର କରାଳ ଗର୍ଭରେ ଲୀନ ହେବାକୁ ନ ଦେବା ପାଇଁ ମୋଦିଜୀ ପ୍ରତିଜ୍ଞାବଦ୍ଧ। ଏହି ମିଶନ୍ ସର୍ଦ୍ଦାର ପଟେଲଙ୍କ ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମା ସ୍ଥାପନ ଠାରୁ ଆରମ୍ଭ ହୋଇଛି।

ଓଡିଶାରେ ମଧ୍ୟ ଆମ ସରକାର ମୋଦୀଜୀଙ୍କ ଏହି ଭିଜନ୍‌କୁ ସାକାର କରିବାକୁ ଚେଷ୍ଟାରତ ହୋଇ ମାଧୋ ସିଂଙ୍କ ନାମରେ ମେଧାବୃତ୍ତି ଆରମ୍ଭ କରିବା, ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଏକ ବର୍ଷ ବ୍ୟାପୀ ଜୟନ୍ତୀ ପାଳନ, ଗୋଦାବରୀଶ ମିଶ୍ରଙ୍କ ନାମରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିବା ଇତ୍ୟାଦି ଅନେକ କାର୍ଯ୍ୟକ୍ରମକ ଗ୍ରହଣ କରିଛନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାକୁ ପାଠ୍ୟକ୍ରମରେ ସାମିଲ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାଷାର ବିକାଶକୁ ଆମେ ପ୍ରାଥମିକତା ଦେଉଛୁ। ଆମ ସରକାର ବିଦ୍ୟାର୍ଥୀଙ୍କୁ ଡାକ୍ତରୀ ଏବଂ ବୈଷୟିକ ଶିକ୍ଷା ଭଳି କଠିନ ପାଠ୍ୟକ୍ରମକୁ ଆଞ୍ଚଳିକ ଭାଷାରେ ପଢିବାର ସୁଯୋଗ ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଆଜି ଭାରତୀୟ ଭାଷା ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷର ଭାରତୀୟ ଭାଷା ମହୋତ୍ସବର ବିଷୟବସ୍ତୁ ହେଉଛି ‘ଭାଷା ମାଧ୍ୟମରେ ଏକତା’। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଆମ ଐତିହ୍ୟର ବିବିଧତାକୁ ଜାଣିବା ପାଇଁ ଏଭଳି ଭାଷା ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାରାଯାଇଥିଲା। ପୋଷ୍ଟର ମେକିଙ୍ଗରେ ଯାଜପୁର ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ନପୂର୍ଣ୍ଣା ମିଶ୍ର ପ୍ରଥମ ପୁରସ୍କାର, ଭଦ୍ରକ ଏଲ.ଏନ.କେ.ଏସ୍ ହାଇସ୍କୁଲର ଅମୀୟ ଦାସ ଓ ଖୋର୍ଦ୍ଧା ବି.ଏମ୍ ହାଇସ୍କୁଲର ବିଷ୍ଣୁପ୍ରସାଦ ଦାସ ଦ୍ୱିତୀୟ ପୁରସ୍କାର, ବାଲେଶ୍ୱର ଟାଉନ ସରକାରୀ ହାଇସ୍କୁଲର ସମିର ବେହେରା ଓ ବରଗଡ଼ ନିଶାମଣୀ ସରକାରୀ ହାଇସ୍କୁଲ ସାଇନନ୍ଦନ ସାହୁ ତୃତୀୟ ପୁରସ୍କାର ପାଇଥିଲେ। ଜର୍ଣ୍ଣାଲ ମେକିଙ୍ଗ ପାଇଁ କଟକ ଜିଲ୍ଲା ପ୍ରଥମ, ସମ୍ବଲପୁର ଦ୍ୱିତୀୟ ଓ ନୟାଗଡ଼ ତୃତୀୟ ପୁରସ୍କାର ପାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ କନ୍‌ଭେନ୍‌ସନ୍ ହଲରେ ପ୍ରଦର୍ଶିତ ହୋଇଥିବା ଓଡିଶାର ବିଭିନ୍ନ ଭାଷା, ବିଶେଷ କରି ଆଦିବାସୀ ଭାଷାଗୁଡିକର ପୁସ୍ତିକା ଓ ବର୍ଣ୍ଣମାଳାଗୁଡିକୁ ମୁଖ୍ୟମନ୍ତ୍ରୀ ଦେଖିଥିଲେ।

### ଅଧାରୁ...

ଉତ୍ତର ସରକାରଙ୍କ ପକ୍ଷରୁ ଲିଖିତ ଆକାରରେ ଦିଆଯାଇଛି। ତା’ଛଡ଼ା ବିଧାୟକମାନଙ୍କର ୨୨୯୫ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୨୧୯୧ଟି ପ୍ରଶ୍ନର ଲିଖିତ ଉତ୍ତର ମଧ୍ୟ ସରକାର ଦେଇଛନ୍ତି । ବିରୋଧୀ ଦଳ ଦ୍ୱାରା ଆଗତ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରିଥିବାବେଳେ ୨ଟି ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା। ଗୃହରେ ୮ଟି ସିଏଜି ରିପୋର୍ଟ ସମେତ ୧୦ଟି ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପିତ ହୋଇଛି । ଅନ୍ୟପକ୍ଷରେ ପୁଳାପୁଳା ପ୍ରସଙ୍ଗ ଥିଲେ ମଧ୍ୟ ଦୁଇ ପ୍ରମୁଖ ବିରୋଧୀ ଦଳ ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଗୃହରେ ଉତଥାପନ କରିବାରେ ସକ୍ଷମ ହୋଇପାରି ନ ଥିଲେ। ବିରୋଧୀ ଦଳଗୁଡ଼ିକର ସାମାନ୍ୟ ହଟ୍ଟଗୋଳ ଭିତରେ ବି ଶାସକ ଦଳ ଚଳିତ ଅଧିବେଶନକୁ ବେଶ୍ ସୁରୁଖୁରୁରେ ସମ୍ପାଦନ କରିବାରେ ସକ୍ଷମ ହୋଇଥିଲେ। କେତେକ ସମୟରେ ଶାସକ ଦଳ ମଧ୍ୟରେ ସମନ୍ୱୟ ଅଭାବରୁ ଗୃହରେ ସରକାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗତ ୩ଦିନ ଧରି ଦ୍ୱିତୀୟାର୍ଦ୍ଧରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନ ଥିବା ଏବଂ ଶାସକ ଦଳର ସଦସ୍ୟମାନେ ନିଜ ସରକାରକୁ ଅଡୁଆରେ ପକାଇବା ଭଳି ଗୃହରେ ପ୍ରଶ୍ନ କରିବା ମଧ୍ୟ ଶାସକ ବିଜେପି ମଧ୍ୟରେ ସମନ୍ୱୟ ଓ ଅଭିଜ୍ଞତାର ଅଭାବ ପରିଲକ୍ଷିତ ହୋଇଥିଲା। ଗୃହରେ ଶେଷ ଦୁଇଦିନ ରାଜଧାନୀରେ ମିଶନ ଶକ୍ତି ମହିଳାଙ୍କ ଧାରଣାକୁ ନେଇ ବିଜେଡିର ହଟ୍ଟଗୋଳ କରିଥିଲେ ମଧ୍ୟ ସରକାର ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥିଲେ।

### ଧରାପଡ଼ିଲା...

ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍) ପାରାଦୀପକୁ ୩୧୪ କୋଟି ୩ ଲକ୍ଷ ଟଙ୍କା ଛାଡ କରାଯାଇଛି। ଏଥିସହ ଅନୁଗୁଳରେ ଥିବା ଜିନ୍ଦଲ ଷ୍ଟିଲ ଏବଂ ପାଓ୍ୱାର ଲିମିଟେଡ (ଜେଏସପିଏଲ)କୁ ୧୦୩ କୋଟି ୧୬ ଲକ୍ଷ ଟଙ୍କା ବିଦ୍ୟୁତ ଶୁଳ୍କ ଛାଡ କରାଯାଇଛି। ଏହି ଛାଡ ବ୍ୟତୀତ ଏକକାଳୀନ ସମାଧାନ ଯୋଜନା, ୨୦୨୨ ଅନ୍ତର୍ଗତ ୩୬ଟି ଶିଳ୍ପ ପାଇଁ ୧୩୨୪ କୋଟି ୮୩ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ଛାଡ କରିଛନ୍ତି। ଏହି ଯୋଜନା ଅଧୀନରେ ସରକାର ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ୟୁନିଟ୍ ପାଇଁ ୫୫୦ କୋଟି ୧୨ ଲକ୍ଷ ଟଙ୍କା, ଆଇଏମଏଫଏ ଲିମିଟେଡ ଚୌଦ୍ୱାର ପାଇଁ ୪୪୦କୋଟି ୧୨ ଲକ୍ଷ ଏବଂ କେନ୍ଦ୍ରୀୟ ପିଏସୟୁ ନ୍ୟାସନାଲ ଆଲୁମିନିୟମ କମ୍ପାନୀ (ନାଲକୋ) ପାଇଁ ୨୦୩ କୋଟି ୯୧ ଲକ୍ଷ ଟଙ୍କା ଛାଡ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜେଏସପିଏଲ ଅନୁଗୁଳକୁ ୩୫ କୋଟି ୭୬ ଲକ୍ଷ ଟଙ୍କା, ଆଦିତ୍ୟ ଆଲୁମିନିୟମ ଲିମିଟେଡ, ସମ୍ବଲପୁରକୁ ୧୭କୋଟି ୭୯ ଲକ୍ଷ ଟଙ୍କା, ଟାଟା ଷ୍ଟିଲ ଲିମିଟେଡ, କଳିଙ୍ଗନଗରକୁ ୧୬ କୋଟି ଟଙ୍କା ଏବଂ ବେଦାନ୍ତ ଲିମିଟେଡ ଲାଞ୍ଜିଗଡକୁ ୧୦କୋଟି ୧୩ ଲକ୍ଷ ଟଙ୍କା ଛାଡ କରାଯାଇଛି।

ସେହିଭଳି ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୧୦୯ ଟି ଶିଳ୍ପ ବିରୋଧରେ ୧୦୯୬ କୋଟି ୩୨ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ବିଚାରାଧୀନ ଅଛି ବୋଲି ସିଂ ଦେଓ କହିଛନ୍ତି। ସର୍ବ ବୃହତ ବକେୟା ରାଶି ୨୮୫ କୋଟି ୨ ଲକ୍ଷ ଟଙ୍କା ଅନୁଗୁଳ ଜିଲ୍ଲାର ତାଳଚେର ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାଓ୍ୱାର ଲିମିଟେଡ ଉପର ରହିଛି ଏବଂ ଯାଜପୁର ଭିସା ଷ୍ଟିଲ ଲିମିଟେଡ ୨୪୬ କୋଟି ଟଙ୍କା ଦେଇ ନାହିଁ।

ସେହିଭଳି, ଢେଙ୍କାନାଳ ଭିତ୍ତିକ ଜିଏମଆର କମଳଙ୍ଗା ଏନର୍ଜି ଲିମିଟେଡ, ମୈଥାନ ଇସ୍ପାତ ନିଗମ ଲିମିଟେଡ, ଯାଜପୁର ଏବଂ ଶ୍ୟାମ ମେଟାଲିକ ଆଣ୍ଡ ଏନର୍ଜି ଲିମିଟେଡ, ସମ୍ବଲପୁର ଯଥାକ୍ରମେ ୧୭୯ କୋଟି ୩୫ ଲକ୍ଷ, ୮୫କୋଟି ୩୧ଲକ୍ଷ ଏବଂ ୮୩ କୋଟି୨୫ ଲକ୍ଷ ଟଙ୍କା ବିଲ ପୈଠ କରିନାହାଁନ୍ତି।

ବିଚାରାଧୀନ ବିଦ୍ୟୁତ୍ ଦେୟ ସହିତ ଅନ୍ୟ ଶିଳ୍ପଗୁଡିକ ମଧ୍ୟରେ ଓସଓ୍ୱାଲ୍ କେମିକାଲ୍ସ ଏବଂ ଫର୍ଟିଲାଇଜର୍ସ ଲିମିଟେଡ୍, ପାରାଦୀପ ଉପରେ ୭୯କୋଟି ୯୫ ଲକ୍ଷ ଟଙ୍କା, ଏମ୍‌ଏନ୍‌ଏସ୍, ପାରାଦୀପ ଉପରେ ୫୬ କୋଟି ଟଙ୍କା, ଭାସ୍କର ଷ୍ଟିଲ୍ ଏବଂ ଫେରୋ ଆଲୋଇସ୍, ସୁନ୍ଦରଗଡ ଉପରେ ୨୩ କୋଟି ୬୭ ଲକ୍ଷ ଟଙ୍କା ଏବଂ ୟଜଦାନୀ ଷ୍ଟିଲ୍ ଆଣ୍ଡ ପାଓ୍ୱାର ଲିମିଟେଡ୍, ଯାଜପୁର ଉପରେ ୧୩ କୋଟି ୬୮ ଲକ୍ଷ ଟଙ୍କା ବକେୟା ରହିଛି।

### ଏକାଠି...

ଚାକିରି ନବୀକରଣ କରି ନ ଥିଲ ବୋଲି ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗରେ କଂଗ୍ରେସ ବିଜେଡି ହାତ ଛାଡି ଦେଇଥିଲା। ବିଜେଡିକୁ ଦୋଷ ଦେବା ସହିତ ବିଜେପିକୁ ଅନୁରୋଧ କରିଥିଲା। ଯାହା ଫଳରେ ବିଜେଡି ଏହି ପ୍ରସଙ୍ଗରେ ଏକ ପ୍ରକାର ଅକଳରେ ପଡ଼ିଯାଇଥିଲା। ତେବେ ଅଧିବେଶନ କାଳରେ ଆଳୁ ଦରକୁ ନେଇ ଜୋରଦାର ଆଲୋଚନା ହୋଇଥିଲା। ଆଳୁ ଦର ବୃଦ୍ଧିକୁ ନେଇ ବିରୋଧି ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ହାମ୍‌ଲା କରିଥିବାବେଳେ କଂଗ୍ରେସ କିନ୍ତୁ ମଉକା ଦେଖି ବିଜେଡିକୁ ସମାଲୋଚନା କରିବାକୁ ପଛାଉନଥିଲା। ଭାଷଣ ପ୍ରସଙ୍ଗରେ ୨୪ବର୍ଷରେ କାହିଁକି ଆଳୁ ଫଳାଇ ପାରିଲନି ବୋଲି ପଚାରି ଦେଉଥିଲା। ମଉକା ଦେଖି ସରକାରୀ ଦଳର ସଦସ୍ୟମାନେ ବି ବିଜେଡିକୁ ଆଳୁ ପ୍ରସଙ୍ଗରେ ଘେରିଥିଲେ। ଯେଉଁଥିପାଇଁ ସାଧାରଣଲୋକଙ୍କର ଏହି ପ୍ରସଙ୍ଗଟିରେ ସରକାର ଅକଳରେ ପଡ଼ିପାରି ନ ଥିଲେ।

ବିଧାନସଭାରେ ବିଜେଡି ମୁଖ୍ୟ ବିରୋଧିଦଳ ହୋଇଥିବାବେଳେ କଂଗ୍ରେସର ୧୪ଜଣ ସଦସ୍ୟ ବି କିଛି କମ୍ ନଥିଲେ। ସରକାରଙ୍କୁ ଘେରିବାରେ କଂଗ୍ରେସ ପ୍ରାୟତଃ ଆଗରେ ରହିଥାଏ। ହେଲେ ଚଳିତ ଅଧିବେଶନରେ କଂଗ୍ରେସ ନେତାମାନେ ଗୃହ ମଧ୍ୟରେ ଯେଭଳି ନିଜ ନିଜ ଭିତରେ ଲଢ଼ିଲେ ତାହା ଦଳର ରଣନୀତିକୁ ଦୁର୍ବଳ କରିଦେଲା। ଦଳର ମୁଖ୍ୟ ସଚେତକ ଡାକ୍ତର ସି ଏସ ରାଜନ ଏକ୍କା ଓ ବିଧାୟକ ଦାଶରଥୀ ଗମାଙ୍ଗ ଏଭଳି ଭାବେ ଲଢ଼ିଲେ ଯେ ତାଙ୍କୁ ବୁଝାଇବାକୁ ଦଳର ଦୁଇ ତିନିଦଳ ବିଧାୟକ ଲାଗି ପଡ଼ିଲେ। ଗୋଟିଏ ପଟେ ବିଭିନ୍ନ ପ୍ରସଙ୍ଗରେ ବିଜେଡିକୁ କଂଗ୍ରେସ ଶତ ପ୍ରତିଶତ ସମର୍ଥନ ନକରିବା ଓ ଅନ୍ୟ ପଟେ ନିଜ ନିଜ ଭିତରେ ଲଢ଼ିବା ଯୋଗୁଁ ଚଳିତ ଶୀତ ଅଧିବେଶନରେ ବିରୋଧି ଏକତା ଦେଖିବାକୁ ମିଳିଲା ନାହିଁ। ସରକାରୀ ଦଳର ରଣନୀତି ଆଗରେ ବିରୋଧିଙ୍କ ରଣନୀତି ପ୍ରଭାବଶାଳୀ ହୋଇପାରିଲା ନାହିଁ। ଯାହାର ଫାଇଦା ଶାସକଦଳ ପାଇଥିବା ଦେଖିବାକୁ ମିଳିଲା।

### ରାଜପଥରେ...

ପ୍ରୟାସ ଜାରି ରଖିବାକୁ ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶରେ ସମସ୍ତ ଆରଟିଓଙ୍କୁ ଯୁଗ୍ମ ପରିବହନ ଆୟୁକ୍ତ (ସଡ଼କ ସୁରକ୍ଷା) ଚିଠି ଲେଖିଛନ୍ତି। ଶୀତ ଋତୁରେ କୁହୁଡ଼ି ଯୋଗୁଁ ରାସ୍ତାର ଦୃଶ୍ୟମାନ୍ୟତା ହ୍ରାସ ପାଏ, ଯାହା ସଡ଼କ ଦୁର୍ଘଟଣାର କାରଣ ପାଲଟେ। ସେହିଭଳି ଏହି ସମୟରେ ବଣଭୋଜି ଯୋଗୁଁ ଜଙ୍ଗଲ, ଘାଟି ରାସ୍ତାରେ ଯାନ ଚଳାଚଳ ସଂଖ୍ୟା ବୃଦ୍ଧିପାଏ। ଚାଳକଙ୍କ ଅନଭିଜ୍ଞତା, ଅସାବଧାନତା, ଆଖି ଲାଗିଯିବା, ଭୁଲ୍ ସ୍ଥାନରେ ପାର୍କିଂ କରିବା, ସଡ଼କ ସୁରକ୍ଷା ନିୟମ ପାଳନରେ ତ୍ରୁଟି ଦୁର୍ଘଟଣାକୁ ଆମନ୍ତ୍ରଣ କରେ। ଏସବୁ ବ୍ୟତୀତ ପଥ ସମ୍ମୋହନ ବା ରୋଡ ହିପ୍ନୋସିସ୍ ମଧ୍ୟ ଦୁର୍ଘଟଣାର କାରଣ ସାଜୁଛି। ଏ ବିଷୟକୁ ଗମ୍ଭୀରତାର ସହ ଗ୍ରହଣ କରି ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି।

### ରାଜା ସାହେବ...

ନାହିଁ କାହିଁକି? କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଓ୍ୱାଲଟିଅର ଡିଭିଜନ ପାଇଁ ଓଡ଼ିଶାକୁ ୧୦ ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ଓଡ଼ିଶାରୁ ଯାଇଥିଲେ ବି ଓଡ଼ିଶାର ସ୍ୱାର୍ଥକୁ ଦେଖୁନାହାନ୍ତି ରେଳମନ୍ତ୍ରୀ। ଓଡ଼ିଶାର ଖଣି ଲୁଣ୍ଠନ ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଏ ସଂକ୍ରାନ୍ତରେ ଦୃଷ୍ଟି ଦିଅନ୍ତୁ ନଚେତ ବରଦାସ୍ତ କରାଯିବ ନାହିଁ।

### ୧୩୮୬ କୋଟି...

ପ୍ରଦାନ କରିଛି। ଏହି ପୁଞ୍ଜି ନିବେଶ ପ୍ରସ୍ତାବ ଗୁଡ଼ିକ ରାଜ୍ୟର ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ଆଣିବା ସହ ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ଼ କରିବ ଏବଂ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସ ଫଳରେ ସବୁଜ ଶକ୍ତି ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷା ଦିଗରେ ସ୍ଥିର ହୋଇଥିବା ଦୀର୍ଘସ୍ଥାୟୀ ଲକ୍ଷ୍ୟ ପୂରଣ ସହିତ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ।

# ଚିନ୍ତା ବଢ଼ାଇଲାଣି ବ୍ରାଉନ ସୁଗାର



● ହୁଣ୍ଡି ଲୁଟୁଛନ୍ତି ନିଶାଡୀ

● ୩ଶହ ଟଙ୍କାରେ ମିଳୁଛି ପୁଡିଆ

**କାକଟପୁର/ଅସ୍ତରଙ୍ଗ,୧୨।୧୨(ସଂଚାର ବ୍ୟୁରୋ):** ଚିନ୍ତା ବଢ଼ାଇଲାଣି ଡ୍ରଗ୍ସ ମାଫିଆଙ୍କ କାରନାମା। ଏହି ବ୍ରାଉନସୁଗାର ବେପାର ଏବେ ଏମିତି ବଢ଼ିଲାଣି ଯେ ଗାଁ ଗାଁରେ ଅଶାନ୍ତ ହେଲାଣି ବାତାବରଣ। ମଦ ନିଶାକୁ ଛାଡି ଏହି ଡ୍ରଗ୍ସ ନିଶାରେ ସାମିଲ ହେବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳ ସମେତ ତାଳଦା ବିଜୁ ସେତୁ, ବାଉରିଆକଣ, ଶିଖରଘାଟ ରୋଡ଼, ଖଣ୍ଡାସାହି, ଉକୁଳେଇ, ନଗର, ଆଳସାହି, ଅସ୍ତରଙ୍ଗ, ନୂଆଗଡ, ସରିପୁର, କାକଟପୁର ବଜାର ଅଞ୍ଚଳରେ ଏହି ବ୍ରାଉନ ସୁଗାର କାୟା ବିସ୍ତାର କଲାଣି। ନିଶା ସେବନକାରୀଙ୍କ ଲାଗି ପ୍ରତିଦିନ ଟଙ୍କା ଆବଶ୍ୟକ। ଜିଲ୍ଲାରେ ଆତଜାତ ହେଉଥିବା ଡ୍ରଗ୍ସ ମାଫିଆମାନେ ଏହି ନିଶା ସେବନକାରୀଙ୍କୁ ଟାର୍ଗେଟ କରି ଏମିତି ଅଭ୍ୟସ୍ତ କରିଦେଲଣି ଯେ, ଯେମିତି ହେଉ ସନ୍ଧ୍ୟାବେଳେ ଡ୍ରଗ୍ସ ନ ମିଳିଲେ ଏମାନେ ପାଗଳ ହୋଇଯାଉଛନ୍ତି। ଏପରିକି କିସ୍ତି ଅନୁସାରେ ଡ୍ରଗ୍ସର ବାକିଆ ପେମେଣ୍ଟ ନେଉଛନ୍ତି ଛୋଟ ବେପାରୀ। ଏହି କିସ୍ତି ସମୟ ହୋଇଗଲା ବେଳକୁ ବେପାରୀଙ୍କର ଆକଟ ଯୋଗୁଁ ପାଗଳ ପ୍ରାୟ ହୋଇ ଏହି ନିଶାଡୀ ମାନେ ମଠ ମନ୍ଦିରର ହୁଣ୍ଡୀବାକ୍ସ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ଯେଉଁଥିପାଇଁ ମନ୍ଦିର ବାହାରେ ଓ ମନ୍ଦିର ଭିତରେ ରହୁଥିବା ହୁଣ୍ଡୀବାକ୍ସରୁ ଖୁଚୁରା ପଇସା ଓ ଟଙ୍କାକୁ ବି ଲୁଟିଚାଲିଛନ୍ତି ଏହି ନିଶାଡୀ। ଗତ ଏକ ମାସ ତଳେ କାକଟପୁର ଓ ଅସ୍ତରଙ୍ଗ ବ୍ଲକଅଞ୍ଚଳ ରେ ଏହି ଲୁଟେରାଙ୍କ ଆତଜାତ ବେଶୀ ମାତ୍ରାରେ ଦେଖା ଯାଉଛି। କିଛି ଦିନ ପୂର୍ବେ କାକଟପୁର ନୟାହାଟ ମୁଖ୍ୟ ରାସ୍ତା ନିକଟସ୍ଥ ଜଙ୍ଗଲବୋରି ପଂଚାୟତ ନିକଟରେ ଥିବା ହନୁମାନ ମନ୍ଦିର ରୁ ନିଶାଡୀ ଭାଙ୍ଗି ଲୁଟିଥିଲେ। କାକଟପୁର ଥାନା ଅଞ୍ଚଳର ବାଉରିଆକଣ ଓ ନୂଆଗଡ ଥାନା ଅଞ୍ଚଳର ଝାଡ଼ଲିଙ୍ଗ ମନ୍ଦିର ରୁ ସାଉଣ୍ଡ ସେଟ ଶହ ଏକାଧିକ ସ୍ଥାନରେ ଲୁଟିଲେଣି। ଚୋରି ବଡ଼ ଧରଣର ହେଉ ନଥିଲେ ବି ସମସ୍ତ ମନ୍ଦିରକୁ ମିଶାଇ ଲକ୍ଷାଧିକ ମୂଲ୍ୟର ସୁନା ଓ ରୂପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏହି ଚୋରି ପଛରେ ଅଭ୍ୟସ୍ତ ନିଶାଖୋର ମାନେ ଜଡିତ ବୋଲି ପାରିପାଶ୍ୱିକ ଅବସ୍ଥା ବୟାନ କରୁଛି। ବିଭିନ୍ନ ମନ୍ଦିର ରୁ ଗ୍ରିଲ କବାଟ ଭାଙ୍ଗି ଠାକୁର ଏବଂ ଠାକୁରାଣୀ ଙ୍କ ସୁନା ଓ ରୂପା ଅଳଙ୍କାର ନେଇ ଯାଉଛନ୍ତି। କେବଳ ସେତିକି ନୁହେଁ ଏମାନେ ମନ୍ଦିର ପୂଜାରେ ବ୍ୟବହାର ହେଉଥିବା କଂସା ଓ ପିତଳ ସାମଗ୍ରୀ ଏପରିକି ଘଣ୍ଟ ମଧ୍ୟ ଛାଡୁ ନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଅବାଧ ବ୍ରାଉନସୁଗାର କାରବାର ବଢିବାରେ ଲାଗିଛି।ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ପୋଲିସ ପ୍ରଶାସନ ଏହା ପ୍ରତି ନଜର ଦେବାକୁ।

## ନିୟମିତ ହେଲେ ୮୪ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ



**ବୋରିଗୁମ୍ମା,୧୨।୧୨(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୮୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଚାକିରି ନିୟମିତ କରାଯାଇଛି। କୋରାପୁଟ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ନିଆଯାଇଛି। ୨୦୧୮ ରୁ କାର୍ଯ୍ୟରେ ଯୋଗ ଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନାରାୟଣପାଟଣା ବ୍ଲକ ଶିକ୍ଷା ଅଧିକାରୀ ସଚିନ ମଲ୍ଲିକ ସମସ୍ତଙ୍କୁ ଆଦେଶ ପତ୍ର ପ୍ରଦାନ କରିଛନ୍ତି। ନିୟମିତ ହୋଇଥିବା ସମସ୍ତ ୮୪ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଲେବଲ-୫(ଏ) ପ୍ରାଥମିକ କ୍ୟାଡରରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ପଣ୍ଡା, ସୁବାଷ ଚନ୍ଦ୍ର ମାଝୀ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମୃତ୍ୟୁଞ୍ଜୟ ପଣ୍ଡା , ସମ୍ପାଦକ ଏନ କାମେଶ୍ୱର ରାଓ , ସନ୍ତୋଷ କୁମାର ନାୟକ, ରବୀନ କୁମାର ସାହୁ, ମଳୟ ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ ଓ ମିଳନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ତରଫରୁ ନିୟମିତ ହୋଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ନିର୍ଦ୍ଧାରିତ ସମୟ ଭିତରେ କନିଷ୍ଠ ଶିକ୍ଷକରୁ ନିୟମିତ କରାଯାଇଥିବାରୁ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ କୋରାପୁଟ । ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆଶାକର୍ମୀଙ୍କୁ ମାରିଦେବାକୁ ପୂର୍ବତନ ସରପଞ୍ଚଙ୍କ ବାପାଙ୍କ ଧମକ



**ଦଶରଥପୁର,୧୧।୧୨(ସଂଚାର ବ୍ୟୁରୋ):** ଦଳିତ ମହିଳାଙ୍କ ଉପରେ ପୂର୍ବତନ ସରପଞ୍ଚ ଓ ତାଙ୍କ ବାପାଙ୍କ ଅଶାଳୀନ ବ୍ୟବହାର ସହ ଜୀବନରୁ ମାରିଦେବା ପାଇଁ ଧମକ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକସ୍ତ ଚଷାଖଣ୍ଡ ପଞ୍ଚାୟତରେ। ସୂଚନା ଅନୁସାରେ ଚଷାଖଣ୍ଡ ପଞ୍ଚାୟତର ସଞ୍ଜୁଲତା ମଲ୍ଲିକ ଜଣେ ଆଶାକର୍ମୀ ହୋଇଥିବା ବେଳେ ସେ ଜଣେ ଦଳିତ ମହିଳା ଅଟନ୍ତି। ସେ ଗାଁରେ ବୁଲି ନିଜର ଡିୟୁଟି କରୁଥିବା ସମୟରେ ତାଙ୍କୁ ଚଷାଖଣ୍ଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ମହଲାଙ୍କ ବାପା ରବୀନ୍ଦ୍ର ମହଲା ହଟାତ ଗାଁ ମଝିରେ କୌଣସି କାରଣ ନଥାଇ ହଟାତ ସଞ୍ଜୁଲତାଙ୍କୁ ଆକ୍ରମଣ କରିବାକୁ ଯାଇ ମାଡ଼ ମାରିବା ସହ ଅଶ୍ଳୀଶ ଭାଷା କହିଥିବା ନେଇ ସଞ୍ଜୁଲତାଙ୍କ ପକ୍ଷରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଛି ।ଏମିତିକି ପୂର୍ବତନ ସରପଞ୍ଚ ସୁବାସ ମହଲା ମଧ୍ୟ ସଞ୍ଜୁଲତାଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରିଆସୁଥିବା ନେଇ ସଞ୍ଜୁଲତା ଅଭିଯୋଗ କରିଛନ୍ତି । ସଞ୍ଜୁଲତା ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଅଭିଯୋଗ ଆଧାରରେ ମଙ୍ଗଳପୁର ପୋଲିସ ବିଭିନ୍ନ ଧାରାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏତଲା ଦରଜ କରିବା ସହ ପୋଲିସ ସତ୍ୟାସତ୍ୟ ଅନୁଧ୍ୟାନ ଜାରି ରଖିଛି।

## ପାର୍କିଂ ସ୍ଥଳରେ ଦୋକାନ ନିର୍ମାଣକୁ ନେଇ ଉଠିଲା ପ୍ରଶ୍ନ



**ବ୍ରହ୍ମପୁର,୧୧।୧୨(ସଂଚାର ବ୍ୟୁରୋ):** ସହରର ମଧ୍ୟ ଭାଗରେ ଅବସ୍ଥିତ ଶତାଧିକ ବର୍ଷର ବ୍ରହ୍ମପୁର ଟାଉନ୍ ହଲ୍ ସମ୍ମୁଖରେ ରେ ଥିବା ପାର୍କିଂ ସ୍ଥଳରେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ନୂଆଁ ଦୋକାନ ଗୃହ ନିର୍ମାଣ କାହା ସ୍ୱାର୍ଥରେ ଓ କାହିଁକି ତିଆରି କରାଯାଉଛି ବୋଲି ପ୍ରଶ୍ନ ଉଠିଛି। ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା ଏନେଇ ପ୍ରଶ୍ନ ଉଠାଇଛନ୍ତି। କିଛିଦିନ ତଳେ ମହାନଗର ନିଗମ ତରଫରୁ କୁହାଯାଇଥିଲା ଯେ ଟାଉନ୍ ହଲ୍ ରୋଡ଼କୁ ସମ୍ପ୍ରସାରଣ କରାଯିବ,ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଟାଉନ୍ ହଲ୍ ଆଗରେ ଥିବା ଦୋକାନ ଗୃହକୁ ସେଠାରୁ ହଟେଇ ଦିଆଯାଇ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାର ଆବଶ୍ୟକତା ରହିଛି କିନ୍ତୁ ସେମାନଙ୍କୁ ସେଠାରୁ ହଟେଇ ଟାଉନ୍ ହଲ୍ ସମ୍ମୁଖରେ ଥିବା ପାର୍କିଂ ସ୍ଥଳରେ ଦୋକାନ ଗୃହ କରି ସେମାନଙ୍କୁ ଭଡ଼ା ଆକାରରେ ଦେଲେ ବ୍ରହ୍ମପୁର ଟାଉନ୍ ହଲ୍ ତାର ସୌନ୍ଦର୍ଯ୍ୟ ହରେଇବା ସହ ପ୍ରାୟ ଚାରିଶହ ଲୋକଙ୍କ ବସିବା ପାଇଁ କ୍ଷମତା ରଖିଥିବା ଏହି ସଭାଗୃହ ପାର୍କିଂ ଅଭାବରେ 'ନୋ-ମ୍ୟାନ ଜୋନ' ରେ ପରିଣତ ହେବ । ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଟାଉନ୍ ହଲ୍ ରେ ପାର୍କିଂର ଅଭାବ ଯୋଗୁଁ ମୁଖ୍ୟ ରାସ୍ତାରେ ନାହିଁ ନଥିବା ଭିଡ ଦେଖାଦେବା ସହ ଦୁର୍ଘଟଣା ମାନ ଘଟୁଛି। ତେବେ ଟାଉନ୍ ହଲ୍ ସମ୍ମୁଖରେ ଥିବା ପାର୍କିଂ ସ୍ଥଳରେ ଦୋକାନ ଗୃହ ନିର୍ମାଣ କରି ଭଡ଼ା ଦେବାକୁ ପୌର ପରିଷଦରେ ନିଷ୍ପତି ହୋଇଛି କି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ବ୍ରହ୍ମପୁର ସହରର ଥିବା ଅସମ୍ଭାଳ ଟ୍ରାଫିକ ସମସ୍ୟାକୁ ସୁଧାରିବା ପରିବର୍ତ୍ତେ ମହାନଗର ନିଗମ ସହରର ସବୁଠାରୁ ବଡ ଅବରୋଧକାରୀ ବୋଲି ସେ ଅଭିଯୋଗ କରିଛନ୍ତି । ବିକାଶ ପରିବର୍ତ୍ତେ,ସହରର ମୁଖ୍ୟ ରାସ୍ତାରେ ଡ୍ରେନ୍ ଉପରେ ଦୋକାନ ଘର କରି ଭଡ଼ା ଆଦାୟ କରିବା ମ୍ୟୁନିସପାଲିଟିର ମୂଖ୍ୟକାମ ହୋଇଛି କିନ୍ତୁ ସହରର ଟ୍ରାଫିକ ବ୍ୟବସ୍ଥାର ସୁଧାର ପାଇଁ ଆବଶ୍ୟକ ହେଉଥିବା ପାର୍କିଂ ବ୍ୟବସ୍ଥା ଯୋଗାଇବାରେ ମହାନଗର ନିଗମ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

## ଓଡିଶା ପେଣ୍ଟର୍ସ ସଂଘ ତରଫରୁ ତିର୍ତ୍ତୋଲ ବିଡିଓଙ୍କୁ ଦାବିପତ୍ର



**ଜଗତସିଂହପୁର:୧୧।୧୨(ସଂଚାର ବ୍ୟୁର):** ତିର୍ତ୍ତୋଲ ଅଧୁନା ରାଜ୍ୟରେ ବିଭିର୍ନ ବିଭାଗ ତରଫରୁ ଲୋକ ସଚେତନତା ସୃଷ୍ଟି ପାଇଁ ଓ ରାଜପଥ ପାର୍ଶ୍ୱ କାନ୍ଥ କଳା ସଂସ୍କୃତି ପ୍ରଚାର ପ୍ରସାର ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ କରାଯାଉ ଥିବା ବେଳେ ଏହାକୁ ପରିପୃଷ୍ଠ କରୁଥିବା ଚିତ୍ର ଶିଳ୍ପୀ ଉଚିତି ପାରି ଶ୍ରମିକ ରୁ ବଂଚିତ ହେବାରୁ ଏବେ ନିଜର ହକ ଦାବି ପାଇବା ପାଇଁ ଅଲ ଓଡିଶା ପେଣ୍ଟର ୱାର୍କରସ ଆସୋସିଏସନ ଜଗତସିଂହପୁର ଶାଖା ର ବିଭିର୍ନ ବ୍ଲକ ର ପ୍ରତିନିଧି ଓ ଜିଲ୍ଲା କର୍ମକର୍ତ୍ତା ପ୍ରଶାସନ ର ଦ୍ୱାରସ୍ତ ହୋଇ ଦାବିପତ୍ର ପ୍ରଦାନ କରୁଛନ୍ତି। ତିର୍ତ୍ତୋଲ କୁମାର ଉତ୍ସବ ସମିତି ସଭାଗୃହରେ ପେଣ୍ଟର୍ସ ଆସୋସିଏସନ କର୍ମକର୍ତ୍ତା ମାନେ ମିଳିତ ହୋଇ ଏକ ସଭା କରିଥଲେ । ତିର୍ତ୍ତୋଲ ଅଂଚଳର ବିଭିନ କାର୍ଯ୍ୟାଳୟ ଯଥା, ମେଡିକାଲ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ପାନୀୟ ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଆଦିଙ୍କୁ ନିଜର ଦାବି ପତ୍ର ପ୍ରଦାନ ସହିତ ତିର୍ତ୍ତୋଲ ବ୍ଲକରେ ପହଂଚି ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ସରକାର ସଚେତନତା ଉଦେଶ୍ୟ ରେ ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ଠିକାଦାର ଓ ଅଫିସର ଙ୍କ ମଧୁ ଚନ୍ଦ୍ରିକା ରେ ବାଟ ମାରଣା ହେଉଥିବାରୁ ଖରାବର୍ଷା ରେ ଖଟି ପେଟ ପୋଶି ବାକୁ ଏହି ଚିତ୍ର କଳା ବୃତ୍ତିକୁ ଆବୋରି ନେଇ ଥିବା କଳାକାର ମାନେ ପରିବାର ଭରଣ ପୋଷଣ କରିବାରେ ଅକ୍ଷମ ବୋଲି ଅଭିଯୋଗ ଆଣିଛନ୍ତି ଯାହାର ପ୍ରତିବାଦ ସ୍ୱରୂପ ରାଜ ରାସ୍ତାକୁ ଓହ୍ଲାଇବା ନିମନ୍ତେ ବାଧ୍ୟ ହେଲେଣି । ଏମାନଙ୍କୁ ସିଧା ସଳଖ କାମ ଦେବା, କଳାକାର ମାନ୍ୟତା ଦେବାସହ ପେଣ୍ଟିଙ୍ଗ କାର୍ଯ୍ୟରୁ ଠିକାଦାର କୁ ହଟାଇବା ଲାଗି ଜଗତସିଂହପୁର ଜିଲ୍ଲା ଉପ ସଭାପତି ଲୋକନାଥ ଦାସ, ଜିଲ୍ଲା ତଥା ରାଜ୍ୟ ସଂଯୋଜକ ପ୍ରଭାତ ନଳିନୀ କାଣ୍ଡି, ମୋହନ ଚରଣ ଦାସ, ସମ୍ପାଦକ ଜ୍ୟୋତି ପ୍ରକାଷ ରାଏ, ସହ ସମ୍ପାଦକ ମନୋଜ ସାହୁ, ତିର୍ତ୍ତୋଲ, ଏରସମା, ରଘୁନାଥପୁର ଆଦି ବ୍ଲକ ସଙ୍ଗଠନ ସମ୍ପାଦକ ଓ ସଭ୍ୟ ମାନେ ମିଳିତ ହୋଇ ଏହି ଦାବି କରିଛନ୍ତି ।

## ପାର୍କିଂ ଫି ଆଦାୟକୁ ନେଇ ଗଣ୍ଡଗୋଳ, ଚାରି ଗିରଫ



**ହିଞ୍ଜିଳିକାଟୁ,୧୧।୧୨(ସଂଚାର ବ୍ୟୁରୋ):** ପାର୍କିଂ ଫି' ଆଦାୟକୁ ନେଇ ମଙ୍ଗଳବାର ସନ୍ଧ୍ୟା ବେଳେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ପରିସରରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଆହତ ବ୍ରହ୍ମପୁର ଗେଟ୍ ବଜାର ଅଞ୍ଚଳର ନାରାୟଣ ବେହେରାଙ୍କ ଲିଖିତ ଅଭିଯୋଗ ଆଧାରରେ ହିଞ୍ଜିଳି ପୁଲିସ କେସ ନଂ ୧୦୦୬/୨୪ରେ ମାମଲା ରୁଜୁ କରିବା ସହ ଚାରି ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହିଞ୍ଜିଳିକାଟୁ ପୌରାଞ୍ଚଳର ସଞ୍ଜୟ ଦାସ, ବିକାଶ ବେହେରା, ବଳିଆ ଦାସ ଓ ରାମକୃଷ୍ଣ ଦାସ ବୋଲି ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏହି ଘଟଣାରେ ନାରାୟଣଙ୍କ ବ୍ୟତୀତ ତାଙ୍କର ଅନ୍ୟ ତିନିଜଣ ସାଙ୍ଗ ଶୁଭମ ବିଷୋୟୀ, ଚିଦାନନ୍ଦ ପଟ୍ଟନାୟକ ଓ ଚିନ୍ମୟାନନ୍ଦ ପଟ୍ଟନାୟକ ମଧ୍ୟ ଆହତ ହୋଇଛନ୍ତି।

## ରାଧା ମଦନ ମୋହନ ମନ୍ଦିରରେ ଗୀତା ଯଜ୍ଞ ସମାପନ



**ବାଲିଆପାଳ,୧୧।୧୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତର କଚୁଆପଡ଼ା ଗ୍ରାମରେ ଥିବା ରାଧା ମଦନ ମୋହନ ମନ୍ଦିରରେ ବୁଧବାର ଗୀତା ଜୟନ୍ତି ଅବସରରେ ଗୀତା ଯଜ୍ଞ ଏକ ଭକ୍ତି ମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଉଛି । ପ୍ରତ୍ୟେକ ଦିନ ପରି ବ୍ରାହ୍ମ ମୁହୂର୍ତ୍ତରୁ ମନ୍ଦିରର ନିତିକ୍ରାନ୍ତି ଆରମ୍ଭ ହୋଇ ରାଧା ମଦନ ମୋହନଙ୍କ ଠାରେ ଦର୍ଶନ ଆଳତୀ ଓ ଭୋଗ ଲାଗିବା ପରେ ପୂର୍ବାହ୍ନ ଆଠଟାରୁ ଏକ ଭବ୍ୟ ପରିବେଶ ମଧ୍ୟରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ଦୁଇଟା ସମୟରେ ଶେଷ ହୋଇଥିଲା। ଯଜ୍ଞ ଶେଷରେ ଭକ୍ତ ମାନେ ଗୀତା ଜନ୍ମ ବୃତାନ୍ତର କାହାଣୀ ବ୍ରହ୍ମଚାରୀ ମାନଙ୍କ ଠାରୁ ଶ୍ରବଣ କରିଥିଲେ। ସତ୍ୟ ଗୌର ହରି ଦାସ ଯଜ୍ଞ କାର୍ଯ୍ୟ ରେ ନିୟୋଜିତ ଥିବା ବେଳେ ଲାବଣ୍ୟ ଗୌର ଦାସ ବ୍ରହ୍ମଚାରି ଙ୍କ ପରିଚାଳନା ରେ ମନ୍ଦିରର ସମସ୍ତ କାର୍ଯ୍ୟ ଚାଲିଥିଲା। ଅକ୍ଷୟ ପ୍ରଭୁ ,ଭବେଶ ପ୍ରଭୁ, ମୃତ୍ୟୁଞ୍ଜୟ ପ୍ରଭୁ, କାର୍ତ୍ତିକ ପ୍ରଭୁ ପ୍ରମୁଖ ନାମ ସଂକୀର୍ତ୍ତନ ରେ ସାମିଲ ଥିଲେ। ମନ୍ଦିରର ପତ୍ରିଷ୍ଠାତା ତା ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

## ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ



**ନବରଙ୍ଗପୁର,୧୧।୧୨(ସଂଚାର ବ୍ୟୁରୋ):** ନବରଙ୍ଗପୁର ସଦର ମହକୁମା ସ୍ଥିତ ମ୍ୟୁନିସିପାଲ ହାଇସ୍କୁଲ ଠାରେ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁ ଙ୍କ ସଭାପତିତ୍ୱ ଏହି ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରେଶମ ଲାଲ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମନୋଜ କୁମାର ବେହେରା,ନବରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ରମେଶ ରାୟ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନା ବାଘ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ବର୍ତ୍ତମାନ ସମୟ ରେ ବିଜ୍ଞାନ ର ଉପକାରିତା ଓ କାର୍ଯ୍ୟକାରିତା ସମ୍ପର୍କରେ ଶିଶୁ ବୈଜ୍ଞାନିକ ମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ନିଜର ବୈଜ୍ଞାନିକ ଚିନ୍ତାଧାରାକୁ ଉନ୍ନତ କରିବା, ଅନ୍ୟଠୁ ସବୁବେଳେ ଶିକ୍ଷା ଗ୍ରହଣ କରିବାରେ ସଙ୍କୋଚ ନ କରିବା,ଗୁରୁଜନଙ୍କ ସମ୍ମାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ର ଉଦ୍ରେକ ସହ ଯୁଗ ସହ ତାଳ ମିଶାଇ ଚାଲିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରଦର୍ଶନୀ ରେ ବ୍ଲକ୍ ସ୍ତରରୁ ସଫଳତା ହାସଲ କରିଥିବା ଶିଶୁ ବୈଜ୍ଞାନିକ ମାନେ ଏଠାରେ ଉତ୍ତୀର୍ଣ୍ଣ ପରେ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ରେ ଭାଗ ନେବେ।

## ପାନୀୟଜଳ ପ୍ରକଳ୍ପ ସମୂହ ଉଦ୍‌ଘାଟିତ

**ଟାଙ୍ଗୀ-ଚୌଦ୍ୱାର,୧୧।୧୨(ସଂଚାର ବ୍ୟୁରୋ):** ଇଣ୍ଟା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଚଷାପଡ଼ା ସ୍ଥିତ ଚନ୍ଦନେଶ୍ୱର ମନ୍ଦିର, ବାଣିପଦା ପଞ୍ଚାୟତର ଦେବୀନଗର ଉ.ପ୍ରା. ବିଦ୍ୟାଳୟ ଓ ପୌରପାଳିକା ୧୭ନଂ ୱାର୍ଡ ନୂଆସାହିସ୍ଥିତ ମଙ୍ଗଳାମନ୍ଦିର ନିକଟରେ ପ୍ରତିଷ୍ଠିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ସୁଇପର କଲୋନୀ ମା ମଙ୍ଗଳା ମନ୍ଦିରର ପୁନଉଦ୍ଧାର କାର୍ଯ୍ୟର ଉଦ୍‌ଘାଟନ କରି ଇଣ୍ଟାର ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ।

## ଅବସର ସମ୍ବର୍ଦ୍ଧନା ହିଁ ଶିକ୍ଷକତାର ମୂଲ୍ୟାୟନ




**ବେତନଟୀ,୧୧।୧୨ (ସଂଚାର ବ୍ୟୁରୋ):** ବେତନଟୀ ଶିକ୍ଷାଜିଲ୍ଲା ଅନ୍ତର୍ଗତ ବର୍ତ୍ତନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାମଂଜରୀ ମହାନ୍ତିଙ୍କୁ ଚାକିରିରୁ ଅବସର ଜନିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ଗତ ନଭେମ୍ବର ୩୦ ତାରିଖରେ ପ୍ରଥମେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା । ବର୍ତ୍ତନା ପ୍ରାଥମିକ ବିଦ୍ୟାଳୟ ପରିଚାଳନା ସମିତି, ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀଗଣଙ୍କ ଦ୍ୱାରା ମିଳିତଭାବେ ୧୦ ତାରିଖରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୃତ୍ୟୁଜଂୟ ଜେନା ଅଧ୍ୟକ୍ଷତା ଏବଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ,ବାଘମରା ଉଚ୍ଚବିଦ୍ୟାଳୟର ଶିକ୍ଷକ ନୀରୋଦ ସୁନ୍ଦର ଜେନା । ମୁଖ୍ୟ ଅତିଥି ରୂପେ ଏ.ବି.ଇ.ଓ .ବସନ୍ତ ମଂଜରୀ ପଟ୍ଟନାୟକ ଏବଂ ମୁଖ୍ୟବକ୍ତାଭାବେ ବେତନଟୀର ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ଗୋଷ୍ଠୀ ସମ୍ବଳ ଅଧିକାରୀ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଯୋଗଦାନ କରିଥିଲେ।ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ମୁଖ୍ୟ କମଳାକାନ୍ତ ଜେନା ଓ ସତୀଶ ଚନ୍ଦ୍ର ସେନାପତି ଏବଂ ସି.ଆର.ସି.ସି. ମିନତୀ ପଣ୍ଡା ଯୋଗଦାନ କରି ପ୍ରତିଭାର ବିକାଶ ସଂପର୍କୀତ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି, ସଂଯୋଜକ ଏବଂ ସମ୍ମାନିତ ଅତିଥିଗଣ ଶ୍ରୀମତୀ ମହାନ୍ତିଙ୍କର ଶିକ୍ଷାଦାନ ପ୍ରଣାଳୀ, କାର୍ଯ୍ୟଦକ୍ଷତା, ବିଦ୍ୟାଳୟ ପରିଚାଳନା ତଥା ଉନ୍ନତୀକରଣରେ ପ୍ରମୁଖ ଭୂମିକା, ନମ୍ର ବ୍ୟବହାର, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହଭାବର ଭୂୟସୀ ପ୍ରଶଂସା କରି ନାନାଦି ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଆଦି ପ୍ରଦାନ ସହ ତାଙ୍କର ସୁସ୍ଥ ଓ ନୀରୋଗ ଦୀର୍ଘ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଚ୍ଚିଦାନନ୍ଦ ମହାନ୍ତି ସହଯୋଗ କରିଥିଲେ । ଶେଷରେ ପୂର୍ବତନ ବିଦ୍ୟାଳୟ କମିଟି ସଭାପତି ଗଣେଶ୍ୱର ବିନ୍ଧାଣୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଦ୍ୱାରା ରୋଷେୟାଙ୍କୁ ନିର୍ଯାତନା ଅଭିଯୋଗ

**ବାଲେଶ୍ୱର,୧୧।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ର ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ଦ୍ୱାରା କାର୍ଯ୍ୟରତ ରୋଷେୟା ଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ରୋଷେୟା ଓ ପିଅନ ଭାବେ ପ୍ରମିଳା ଦେହୁରୀ ୨୦୧୫ ମସିହାରୁ କାର୍ଯ୍ୟକରି ଆସୁଛନ୍ତି । କିନ୍ତୁ ଦୁଃଖର ବିଷୟ ଭକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ରାଉତ ଆଜିକୁ କିଛି ଦିନ ହେବ ଉଦ୍ଦେଶ୍ଯ ମୂଳକ ଭାବେ ଶ୍ରୀମତୀ ଦେହୁରୀଙ୍କୁ ବିଭିନ୍ନ ପ୍ରକାରର ମାନସିକ ନିର୍ଯାତନା ଦେଇଆସୁଛନ୍ତି। ଏହା ସହ ବିଦ୍ୟାଳୟର ୪ ଜଣ ମହିଳା ରୋଷେୟା ଥିବାବେଳେ ୨ ଜଣ ରୋଷେୟା ଙ୍କୁ ତାଙ୍କ ନୀଜ ବସା ଘର ରୋଷେୟାରେ କାର୍ଯ୍ୟ କରାଉଥିବା ସହ ସେମାନଙ୍କୁ ସମସ୍ତ ସୁବିଧା ଦେଉଥିବା ବେଳେ କିନ୍ତୁ ଶ୍ରୀମତୀ ଦେହୁରୀଙ୍କୁ ଏଥିରୁ ବଞ୍ଚିତ କରିବା ସହ ସେ ଜଣେ କିଡ଼ନୀ, ହାର୍ଟ ରୋଗୀ ଥିବାରୁ ଗତ ମଙ୍ଗଳବାର ଦିନ ଦେହ ଭିଷଣ ଖରାପ ଥିବାରୁ ଛୁଟି ମାଗିଥିଲେ ହେଲେ ଛୁଟି ନ ଦେଇ ତାଙ୍କୁ ଛୋଟ ଜାତି (ଭୂମିଜ) କହି ଖରାପ ବ୍ୟବହାର କରିବା ସହ ବିଭିନ୍ନ ଧମକ୍ ଦେଇଥିଲେ। ଏପରିକି ତାଙ୍କୁ ରୋଷେଇ ସାମଗ୍ରୀ ଚୋରି ହେଉଥିବା କହି ତାଙ୍କ ରହୁଥିବା ରୁମରେ ବାକ୍ସ ,ବ୍ୟାଗ ଖୋଜାଖୋଜି କରନ୍ତି। ପୂର୍ବରୁ ଅନେକ ଥର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଲିଖିତ ଜଣାଇଛିକି ଯଦି ମୁଁ କାମ କରୁନାହିଁ ମତେ ଅନେତ୍ର ବଦଳି କରିଦିଅ ତାହାବି କରୁନାହାନ୍ତି ବୋଲି ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ



**ଦଶରଥପୁର,୧୧।୧୨(ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଦଶରଥପୁର ପ୍ରଖଣ୍ଡ ପକ୍ଷରୁ ଆଜି ଶୌର୍ଯ୍ୟ ଦିବସ ପାଳନ ଉପଲକ୍ଷେ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳ ଦଶରଥପୁର ପ୍ରଖଣ୍ଡର ସଂଯୋଜକ ଲୋକନାଥ ଦାସଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳର ଉପସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇ ଶୋଭାଯାତ୍ରାଟିକୁ ଆଗକୁ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ପ୍ରଭୁଦେବ ପଣ୍ଡା, ଦଶରଥପୁର ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳ ସାପ୍ତାହିକ ପ୍ରମୁଖ ଦେବାଶିଷ ଦେବ,ସାପ୍ତାହିକ ସହ ପ୍ରମୁଖ ରାମକୃଷ୍ଣ ଦାସ, କୋଷାଧକ୍ଷ ଆରବି କିଷ୍ଣା ମହାପାତ୍ର ପ୍ରମୁଖଙ୍କ ସହ ପ୍ରାୟ ୨୦୦ ରୁ ଉର୍ଦ୍ଧ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ମଟରସାଇକେଲରେ ମଙ୍ଗଳପୁର ହନୁମାନ ମନ୍ଦିର ଠାରୁ ବାଇକ ରାଲିରେ ମଙ୍ଗଳପୁର ବଜାର ପରିକ୍ରମା କରିବା ସହ ଯାଜପୁର ଅଭିମୁଖେ ବାହାରିଥିଲେ। ହିନ୍ଦୁ ମାନଙ୍କ ଆରାଧ୍ୟ ଦେବତା ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଦିନରେ ବାବ୍ରି ମସଜିଦ ଭାଙ୍ଗିବା ଦିନକୁ ସ୍ମରଣ କରିବା ଓ ହିନ୍ଦୁ ଏକତା ବଜାୟ ରଖିବା ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ମୃତ୍ୟୁଞ୍ଜୟ ମିଶ୍ର କହିଥିଲେ ।

## ବଢ଼ୁଛି ବେଆଇନ ଇଟାଭାଟି

# ରାଜସ୍ୱ ବିଭାଗର ତଞ୍ଚକତା ନା ଅପାରଗତା ?



**ନୀଳଗିରି,୧୧।୧୨(ସଂଚାର ବ୍ୟୁରୋ):** ସମ୍ପ୍ରତି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଞ୍ଚଳରେ ବେଆଇନ ଇଟାଭାଟିର ସଂଖ୍ୟା ବୃଦ୍ଧି ହେଉଥିବା ଦେଖିବାକୁ ମିଳିଛି। ସଂଖ୍ୟାତ୍ମକ ଇଟାଭାଟିର ଅବସ୍ଥିତି ସମ୍ପର୍କରେ କିମ୍ବା ସେମାନଙ୍କୁ ଏନଓସି ମିଳିନଥିଲେ ହେଁ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଏହି ଇଟାଭାଟି ଗଢ଼ା ଯାଉଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଅଞ୍ଚଳବାସୀ ପ୍ରଦୂଷଣରେ ବେଶ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ବିଶେଷକରି ନୀଳଗିରି ବ୍ଲକ ଅଧୀନ ସଜନାଗଡ଼, ମିତ୍ରପୁର, କାଂଶ, ଅଯୋଦ୍ଧା, ଛତ୍ରପୁର, ବରହମପୁର ପ୍ରଭୃତି ଆରଆଇ ସର୍କଲ ଅଧୀନରେ ଏହି ବେଆଇନ ଇଟାଭାଟି ଗଢ଼ି ଉଠିଛି। ତେବେ ଏହି ଇଟାଭାଟି ଗଢ଼ିବା ରାଜସ୍ୱ ବିଭାଗର ତଞ୍ଚକତା ନା ଅପାରଗତା ସେନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ସର୍ବସାଧାରଣ ସ୍ଥାନ, ଗୋଚର, ରାସ୍ତା ଓ ସ୍କୁଲ ପାଶ୍ୱର୍ରେ ଏହି ଭାଟିମାନ ଗଢ଼ି ଉଠିଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ହେଁ ପ୍ରଶାସନ ସବୁ ଜାଣି କିଛି ନଜାଣିବା ପରି ଅଭିନୟ କରୁଥିବା ଅଭିଯୋଗ ଉଠିଛି । ସେହିପରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଲୋକ ଦେଖାଣିଆଭାବେ ରାଜସ୍ୱ ବିଭାଗ ପକ୍ଷରୁ ତଞ୍ଚକତା କରାଯାଇ ଉକ୍ତ ଭାଟି ଗୁଡିକରେ ଜୋରିମାନା ଆଦାୟ କରାଯାଉଥିବା ଜଣାଯାଇଛି। ଭାଟି ମାଲିକ ଗୋଟିଏ ରାଉଣ୍ଡରେ ୫୦ଲକ୍ଷରୁ ଅଧିକ ଇଟା ବ୍ୟବସାୟ କରୁଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ମାତ୍ର ୫୦ହଜାରରୁ ଲକ୍ଷେ ଟଙ୍କା ଜୋରିମାନା କରାଯାଉଥିବା ଚର୍ଚ୍ଚା ହେଉଛି। ସମୁଦ୍ରକୁ ଶଙ୍ଖେ ଜୋରିମାନା ହେଉଥିବା ଯୋଗୁ ଭାଟିମାଲିକ ମାଲେମାଲ ହେଉଥିବା ବେଳେ ଅଞ୍ଚଳବାସୀ କିନ୍ତୁ ଧୂଳି ଧୂଆଁରେ ପ୍ରଦୂଷିତ ହୋଇ ଚାଲିଛନ୍ତି। ଏହି ବେଆଇନ ଇଟାଭାଟି ଗଢ଼ିବା ପଛରେ କାହାର ହାତ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ହେଲେ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ କାରଣ ଦର୍ଶାଅ ନୋଟିସ ଜାରି କଲେ ଜୋରିମାନା ଆଦାୟ ହୋଇଥିବା ନେଇ ତଳିଆ ଅଧିକାରୀ ଓ କର୍ମଚାରୀମାନେ ଉତ୍ତର ଦେଇ ତଞ୍ଚକତାପୂର୍ବକ ଖସି ଯାଉଥିବା ଅଭିଯୋଗ ହୋଇଛି। କେବଳ ଚିମିନି ନୁହଁ ବରଂ ଗାଁ ଗହଳିରେ ସଂଖ୍ୟାଧିକ ଚଦର ଇଟାଭାଟି ମଧ୍ୟ ଗଢ଼ି ଉଠିଛି। ରାଜ୍ୟ ସରକାର ନାଳିଇଟା ବଦଳରେ କଳାଇଟାକୁ ଗୁରୁତ୍ୱ ଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଲଗାଉଥିଲେ ହେଁ ନାଲି ଇଟାଭାଟିର କିନ୍ତୁ ସଂଖ୍ୟା ବୃଦ୍ଧି ହୋଇଚାଲିଛି।

## ପିକକ୍ ଦ୍ୱାରା ମାନବ ଅଧିକାର ଦିବସ




**ବାଲିଅନ୍ତା,୧୧।୧୨(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ର ବାଲିଅନ୍ତା ପଞ୍ଚାୟତର କୋଟକଣା ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚୁରାଲ୍ ସେଣ୍ଟର (ପିକକ୍) ସହାୟତାରେ ମାନବ ଅଧିକାର ଦିବସ ପାଳନ କରାଯାଇଛି। ଏହି ଅବସରରେ ସାରା ବିଶ୍ୱୋରେ ନଭେମ୍ବର ୨୫ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୧୬ ଦିନିଆ ଘରୋଇ ମହିଳା ହିଂସା ବିରୁଦ୍ଧ ଅଭିଯାନ ଚାଲିଥିବା ବେଳେ ଖୋର୍ଦ୍ଧାଜିଲା ବାଲିଅନ୍ତା ବ୍ଲକର ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଯଥା- ବାଲିଅନ୍ତା ଗ୍ରା.ପ , ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ଜୟଦେବ ଗ୍ରାମ ପଞ୍ଚାୟତ , ଭିଙ୍ଗାରପୁର, ବେଣ୍ଟପୁର୍ ଗ୍ରାମ ପଞ୍ଚାୟତ ରେ ପିକକ୍ ବ୍ଲକ୍ ସଂଯୋଜିକା ଉପମା ମହାନ୍ତି ଙ୍କ ପରିଚାଳନାରେ ୧୬ ଦିନିଆ ଘରୋଇ ମହିଳା ହିଂସା ବିରୁଦ୍ଧ ଅଭିଯାନ ଚାଲିଥିଲା ଆଜି ମାନବ ଅଧିକାର ଦିବସରେ ଉଦ୍‌ଯାପନ କରାଯାଇଛି। ଏହି କ୍ୟାମ୍ପେନ୍ ରେ ୱାଡ଼ସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ପ୍ରଣୀମିତ୍ର, କୃଷିମିତ୍ର ଓ ବହୁମାତ୍ରାରେ ଏସ୍. ଏଚ୍.ଜି ଗ୍ରୁପ୍ ର ମହିଳାମାନେ ଯୋଗଦେଇଥିଲେ। ଘରୋଇ ମହିଳା ହିଂସା ବିରୁଦ୍ଧରେ ସ୍ଲୋଗାନ ଦେଇ ପଦଯାତ୍ରା, ହ୍ୟୁମାନଚେନ୍, ଶପଥପାଠ କରିଥିଲେ। ଆଜି ୧୬ ଦିନିଆ ଘରୋଇ ମହିଳା ହିଂସା ଅଭିଯାନର ଉଦଯାପନ ଦିବସ ତଥା ମାନବ ଅଧିକାର ଦିବସ ଅବସରରେ ବାଲିଅନ୍ତା ଗ୍ରାମ ପଂଚାୟତର କୋଟକଣା ଗ୍ରାମରେ ପିକକ୍ ଦ୍ୱାରା ପାଳିତ ହୋଇଛି। ଏଥିରେ ୧୬ ନମ୍ବର୍ ଜୋନ ର ଜିଲ୍ଲା ପରିଷଦ ମାହେସୋର୍ ଦାଶ, କୋଟକଣା ଗ୍ରାମର ୱାଡସଭ୍ୟ ପ୍ରଶାନ୍ତ ଭୋଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରାଉତରାୟ, ୱାଡ଼୍ ସଭ୍ୟା ବନଲତା ଭୋଇ, ଅଙ୍ଗନ୍ୱାଡ଼ି କର୍ମୀ ପ୍ରିୟଦର୍ଶିନୀ ଦାସ, ଆଶା କର୍ମୀ ମନୋରମା ଭୋଇ, ସି ଆର୍ ପି ସୋର୍ଣଲତା ପଟ୍ଟନାୟକ ଓ ଓ ପିକକ୍ ର ବ୍ଲକ୍ ସଂଯୋଜିକା ଉପମା ମହାନ୍ତି ଉପସ୍ଥିତ ଥିଲେ ।

# ସାନ୍ତାଳୀ ଭାଷାରେ ସମାଚାର

## ଧନ୍ୟବାଦ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ଡିଡି ଓଡ଼ିଆ ଚାନେଲ ପକ୍ଷରୁ ସାନ୍ତାଳୀ ସମାଚାର ପ୍ରସାରଣ ଶୁଭାରମ୍ଭ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟା ରେ ଏହା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରୁ ପ୍ରସାରଣ କରାଯାଇଛି। ସାନ୍ତାଳୀ ଭାଷାରେ ସମାଚାର ଆରମ୍ଭ ହେବା ଜାଣି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖୁସି ବ୍ୟକ୍ତ କରିଛନ୍ତି ଏବଂ ଦୂରଦର୍ଶନ ଓ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ନିକଟରେ ବାଙ୍ଗିରିପୋଷିରେ ବିଭିନ୍ନ ରେଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଡିଡି ଓଡ଼ିଆରେ ସାନ୍ତାଳୀ ଭାଷାରେ ସମାଚାର ପ୍ରସାରଣ ସମ୍ପର୍କରେ ସୂଚନା ଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗ୍ରହ କ୍ରମେ ଏହାକୁ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପତ୍ର ସୂଚନା କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଓଡ଼ିଶା ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇ କହିଥିଲେ, ଦୂରଦର୍ଶନରେ ସାନ୍ତାଳୀ ସମାଚାର ଆରମ୍ଭ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ସବୁ ଭାଷା ମହାନ। ସାନ୍ତାଳୀ ସମାଚାର ସାନ୍ତାଳୀ ସମୁଦାୟର ସ୍ୱପ୍ନ ଓ ଆକାଂକ୍ଷାର ପ୍ରତୀକ। ଦୂରଦର୍ଶନ କେନ୍ଦ୍ରର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ (ଯାନ୍ତ୍ରିକ) ନରସିଂହ ଜେଠୀ କହିଥିଲେ, ସାନ୍ତାଳୀ ଭାଷାରେ ସମାଚାର ପ୍ରସାରଣ କରି ଡିଡି ଓଡ଼ିଆ ଚାନେଲ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ସମ୍ମାନିତ ଅତିଥି ଭାବେ ଆଦିବାସୀ ସାମାଜିକ-ଶିକ୍ଷା ଏବଂ ସାଂସ୍କୃତିକ ସଂଗଠନ, ଭୁବନେଶ୍ୱରର ସଭାପତି ହେମନ୍ତ କୁମାର ସୋରେନ ଓ ସାନ୍ତାଳୀ ଭାଷା ବିଶେଷଜ୍ଞ ଚୈତନ୍ୟ ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ପ୍ରଦୀପ କୁମାର ବେହେରା, ପିଆଇବି ଓ ସିବିସିର ଭାରତୀୟ ସୂଚନା ସେବାର ଅଧିକାରୀ, ଦୂରଦର୍ଶନ କେନ୍ଦ୍ରର ଅଧିକାରୀ, କର୍ମଚାରୀଙ୍କ ସହ ସାନ୍ତାଳୀ ସମୁଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ । ଆଞ୍ଚଳିକ ସମାଚାର ପ୍ରଭାଗର ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡ. ଅଭିଷେକ ମିଶ୍ର ସାନ୍ତାଳୀ ସମାଚାର ଆରମ୍ଭର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ବାର୍ତ୍ତା ସମ୍ପାଦକ ସୁଦର୍ଶନ ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ସ୍ଥାନୀୟ ଟିଟିଏସ୍ ବୁଲିଦେଖିଲେ ମନ୍ତ୍ରୀ




**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଟିଟିଏସ୍ ବୁଲି ଦେଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଅବସରରେ ଏକାମ୍ର ବିଧାୟକବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାଶ କୁମାର ବେହେରା, ବହୁ କର୍ପୋରେଟର ଏବଂ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ପରିମଳ ପରିଚାଳନା କିପରି ଚାଲିଛି ଏବଂ ବିଶେଷ କରି ଟିଟିଏସ୍ ଠାରେ ସହରର ଅଳିଆ କିପରି ପ୍ରକ୍ରିୟାକରଣ କରାଯାଉଛି ଏହି ବାବଦରେ ମନ୍ତ୍ରୀଙ୍କୁ ବୁଝାଇଥିଲେ ଡେପୁଟି କମିଶନର ମନୋରଞ୍ଜନ ସାହୁ। ଏହା ସରକାରଙ୍କର ନୀତି ନିୟମ ଅନୁଯାୟୀ କରାଯାଉଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଏବଂ ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସତ୍ୟପାଠ ଦାଖଲ ପରେ,

- ଜାନୁଆରୀ ଶେଷ ସୁଦ୍ଧା ଆରମ୍ଭ ହେବ ପରିବର୍ତ୍ତନ
- ଧିରେ ଧିରେ କମିବ ଟିଟିଏସ୍ ଅଳିଆ

ବିଏମସି ତା ୧୭.୦୫.୨୦୨୩ ରିଖଠାରୁ ଭୁଆଶୁଣୀଠାରେ ବର୍ଜ୍ୟବସ୍ତୁ ପକାଇବା ବନ୍ଦ କରିଛି। ବିଏମସି ଅଞ୍ଚଳରେ ଦୈନିକ ୮୦୦ ମେଟ୍ରିକ୍ ଟନ୍ ବର୍ଜ୍ୟ ସଂଗ୍ରହ ହେଉଛି। ବିଏମସିର ୩୭ ଟିଏସ୍‌ସିରେ ପ୍ରାୟ ୧୨୦ ଟନ୍ ଓଦା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଥିବା ବେଳେ ୧୩୦ ମେଟ୍ରିକ ଟନ୍ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଛି।

ଦୈନିକ ୫୫୦ ମେଟ୍ରିକ ଟନରୁ ଅଧିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହୋଇଥାଏ। ସେଥିମଧ୍ୟରୁ ପ୍ରାୟ ୨୫୦ ମେଟ୍ରିକ ଟନ୍‌ରୁ ୩୦୦ ମେଟ୍ରିକ ଟନ୍ ଓଦା ବର୍ଜ୍ୟବସ୍ତୁ ୱିଣ୍ଡୋ ପଦ୍ଧତି ମାଧ୍ୟମରେ ପ୍ରକ୍ରିୟାକରଣ କରାଯାଇଥାଏ। ପୁନଃଚକ୍ରଣ ବର୍ଜ୍ୟବସ୍ତୁଗୁଡ଼ିକୁ ପ୍ରାଧିକୃତ ପୁନଃଚକ୍ରଣ ସଂସ୍ଥାକୁ ଦିଆଯାଉଛି। ଡିସେମ୍ବର ୨୦୨୩ ରୁ ଏପର୍ଯ୍ୟନ୍ତ ବିଏମସି ୧.୫୦ ଲକ୍ଷ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିଛି। ସେଥିମଧ୍ୟରୁ ୧ ଲକ୍ଷ ମେଟ୍ରିକ ଟନ୍ ଆରଡିଏଫ୍ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାକୁ ଦିଆଯାଇଛି। ଏହାପରେ ମନ୍ତ୍ରୀ ଟି ଟି ଏସ୍‌ର ବିଭିନ୍ନ କାର୍ଯ୍ୟକଳାପ ବୁଲି ଦେଖିଥିଲେ। ଅନ୍ୟ ସହରରେ କିପରି ଭାବରେ ଅଧିକ ଅଳିଆ ପ୍ରକ୍ରିୟାକରଣ କରାଯାଉଛି, ସେଥିପାଇଁ ଅତିଶୀଘ୍ର ଏକ ଟିମ୍ ପରିଦର୍ଶନରେ ଯିବ। ଅତ୍ୟାଧୁନିକ ପ୍ରଯୁକ୍ତିର ଉପଯୋଗ କରି ଭୁବନେଶ୍ୱରକୁ ଦୃଷ୍ଟାନ୍ତରେ ପରିଣତ କରିବାପାଇଁ ତୁରନ୍ତ ପଦକ୍ଷପ ନେବାକୁ କହିଛନ୍ତି ମନ୍ତ୍ରୀ।

ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପଳାଶୁଣୀଠାରେ ୧୫୦ ଟିପିଡି ବିଶିଷ୍ଟ ସୁବିଧା ଜାନୁୟାରୀ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ।

ଓଦା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଅଏଲ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କଂପ୍ରେସଡେ ବାଓ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ଏହା ୨୦୦ ଟିପିଡି ବିଶିଷ୍ଟ ଏବଂ ଏହାକୁ ୩୦୦ ଟିପିଡିକୁ ସଂପ୍ରସାରଣ କରାଯାଇ ପାରିବ। ଦୈନିକ ୫୦୦ କିଗ୍ରା କ୍ଷମତା ବିଶିଷ୍ଟ ମେସିନ ବିଏମସି ପକ୍ଷରୁ ଜାନୁୟାରୀ ୨୦୨୫ ରେ କାର୍ଯ୍ୟକ୍ଷମ ହେବ। ଦୈନିକ ୨୦-୨୫ ମେଟ୍ରିକ ଟନ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣ କରିବା ପାଇଁ ବିଏମ୍‌ସି ପକ୍ଷରୁ ପଳାଶୁଣୀଠାରେ ପ୍ରତିଷ୍ଠା କରାଯାଇଥିବା ବାୟୋମାସ୍ ବ୍ରିକେଟ୍ ପ୍ଲାଣ୍ଟ ଫେବୃଆରୀ ୨୦୨୫ରୁ କାର୍ଯ୍ୟକ୍ଷମ ହେବ।

# ପ୍ରେମିକାକୁ ୬ଖଣ୍ଡ କଲା ଜେଲ ଫେରନ୍ତା ପ୍ରେମିକ



**ଭୁବନେଶ୍ୱର,୧୧।୧୨ (ସଂଚାର ବ୍ୟୁରୋ):** ପ୍ରେମ ଯେତିକି ସୁନ୍ଦର। ଏହାର ସଠିକ୍ ପରିଚାଳନା କରି ନଜାଣିଲେ ତାଠାରୁ ଅଧିକ ଅସୁନ୍ଦର ହୋଇଯାଏ। ଇସ୍ପାତ ନଗର ରାଉରକେଲା ଅଞ୍ଚଳରେ ଏଭଳି ଏକ ନୃଶଂସ ପ୍ରେମ ଓ ହତ୍ୟା ଘଟଣା ସାମ୍ନାକୁ ଆସିଛି। ଜେଲ୍ ଫେରନ୍ତା ପ୍ରେମିକ ପ୍ରତିହିଂସାପରାୟଣ ହୋଇ ନାବାଳିକା ପ୍ରେମିକାକୁ ୬ ଖଣ୍ଡ କରି କାଟି ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ଫିଙ୍ଗିଛି। ପୁଲିସର ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ଧରୁଆଡ଼ିହିର କୁନା କିସାନ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାକୁ ୨୦୧୮ରୁ ଭଲ ପାଇ ଆସୁଥିଲା। କିନ୍ତୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିଲା। ଯେଉଁଥି ପାଇଁ ପ୍ରେମିକାର ଅଭିଯୋଗ କ୍ରମେ ଗତବର୍ଷ ସେ ପୋକ୍‌ସୋ ଆଇନରେ ଜେଲ୍ ଯାଇଥିଲା। ୧୫ ଦିନ ତଳେ କୁନା ଜେଲରୁ ଫେରିବା ପରେ ପ୍ରେମିକା ସହିତ ମିଶିବାକୁ ଚାହିଁଥିଲା। ସେ ଜାଣିବାକୁ ପାଇଥିଲା ଯେ, ପ୍ରେମିକା ଝାରସୁଗୁଡ଼ାରେ ନିଜ ମାଉସୀ ଘରେ ଅଛି। ତେଣୁ ପ୍ରେମିକାକୁ ଭେଟିବା ପାଇଁ ଝାରସୁଗୁଡ଼ା ଯାଇଥିଲା। ଜେଲ୍‌ର ଚାରିକାନ୍ଥ ଭିତରେ ଥାଇ ମଧ୍ୟ ପ୍ରତିଶୋଧର ନିଆଁରେ ଜଳୁଥିବା କୁନା କୌଶଳ କ୍ରମେ ପ୍ରେମିକାକୁ ଡାକି ନେଇଥିଲା। ଘଟଣା ଦିନ ନାବାଳିକା ଆଉ ମାଉସୀ ଘରକୁ ଫେରି ନଥିଲା। ଅନ୍ୟପଟରେ ନାବାଳିକା ନିଖୋଜ ନେଇ ଗତ ୭ ତାରିଖରେ ଥାନାରେ ଏକ ଏତଲା ଦିଆଯାଇଥିଲା। ପୂର୍ବ ଯୋଜନା ଅନୁସାରେ କୁନା ନୃଶଂସକାଣ୍ଡ ଭିଆଇଥିଲା। ସେ ପ୍ରେମିକାକୁ ଅପହରଣ କରି ଧାରୁଆ ଅସ୍ତ୍ରରେ କାଟି ମୃତଦେହ ଖଣ୍ଡଖଣ୍ଡ ବ୍ରାହ୍ମଣୀ ନଦୀ ଓ ଏହା ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଥିଲା। ନାବାଳିକାକୁ ନ ପାଇ ପରିବାର କୁନା ଉପରେ ସନ୍ଦେହ କରିଥିଲେ। ପୁଲିସ ତଦନ୍ତ କରିବାକୁ ଯାଇ କୁନା ନିକଟରେ ପହଞ୍ଚି ଥିଲା। କୁନାକୁ ପଚରାଉଚରା ବେଳେ ସନ୍ଦେହ ସତ ପ୍ରମାଣିତ ହୋଇଥିଲା। ତା' ସ୍ୱୀକାର ଆଧାରରେ ଝାରସୁଗୁଡ଼ା ଓ ରାଉରକେଲା ପୁଲିସ ବ୍ରାହ୍ମଣୀ ନଦୀ ବାଲୁଘାଟ ନିକଟରୁ ନାବାଳିକାର ଗୋଡରୁ ଅଣ୍ଟା ପର୍ଯ୍ୟନ୍ତ, ମୁଣ୍ଡ ଓ ଶରୀରର ଅନ୍ୟ ଅଂଶ ଉଦ୍ଧାର କରିଛି । କୁନା ତାର ପ୍ରେମିକାକୁ ୬ ଖଣ୍ଡ କରିଛି। ହନୁମାନବାଟିକା-ତରକେରା ରାସ୍ତାର ଗାଡ଼ିଆଟୋଲା ନିକଟରୁ ମଧ୍ୟ ଶରୀରର କିଛି ଅଂଶ ଉଦ୍ଧାର ହୋଇଛି। ଅଭିଯୁକ୍ତର ବୟାନ ଆଧାରରେ ସାଇଣ୍ଟିଫିକ ଟିମ୍, ପୁଲିସ ହତ୍ୟାକାଣ୍ଡ କେମିତି ହେଲା ତଦନ୍ତ ଚଳାଇଛି।

# କରୋନାରେ ମୃତ କନଷ୍ଟେବଳଙ୍କ ପତ୍ନୀଙ୍କୁ ମିଳିବ ୫୦ ଲକ୍ଷ



**କଟକ,୧୧।୧୨ (ସଂଚାର ବ୍ୟୁରୋ):** ଡ୍ୟୁଟିରେ ଥାଇ କରୋନା ସଂକ୍ରମିତ ହେବା ସହିତ ପ୍ରାଣ ହରାଇଥିବା ପୁଲିସ କନଷ୍ଟେବଳଙ୍କ ବିଧବା ପତ୍ନୀଙ୍କୁ ୬ ମାସ ଭିତରେ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କୁ ସ୍ୱତନ୍ତ୍ର ପରିବାର ପେନସନ୍ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଅନୁକମ୍ପାମୂଳକ ସହାୟତା ରାଶି ଓ ପେନସନ୍ ପ୍ରଦାନ ପ୍ରସଂଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ପୁଲିସ ଡିଜି ଓ ଅନୁଗୁଳ ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାୟପୀଠ ଭାରତୀ ଶତପଥୀଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ୨୦୨୦, ଅଗଷ୍ଟ ୪ର ବିଜ୍ଞପ୍ତି ଅନୁସାରେ ମୃତ କନଷ୍ଟେବଳ ଡ୍ୟୁଟି କରୁଥିବା ବେଳେ କରୋନା ସଂକ୍ରମଣର ଶିକାର ହୋଇଥିଲେ। କୋଭିଡ ଯୋଦ୍ଧା ଭାବେ ସେ ପ୍ରାଣ ହରାଇଥିଲେ। ତେଣୁ ମୃତ କନଷ୍ଟେବଳଙ୍କ ପତ୍ନୀ ଏହି ବିଜ୍ଞପ୍ତି ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଓ ସ୍ୱତନ୍ତ୍ର ପେନସନ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ, ସତ୍ୟବାଦୀ ଦେହୁରୀ ରିଜର୍ଭ କାର୍ଯ୍ୟାଳୟରେ ଡ୍ୟୁଟି କରୁଥିବା ବେଳେ ୨୦୨୧, ଅଗଷ୍ଟ୨୫ରେ କରୋନା ସଂକ୍ରମିତ ହୋଇଥିଲେ। ସଂକ୍ରମଣ କାରଣରୁ ୨୦୨୧, ଅକ୍ଟୋବର ୧୨ରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସତ୍ୟବାଦୀ ଡ୍ୟୁଟି କରୁଥିବା ବେଳେ କରୋନା ସଂକ୍ରମିତ ହୋଇଥିଲେ ଓ ସଂକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଅନୁଗୁଳ ଏସପିଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଓ ସ୍ୱତନ୍ତ୍ର ପେନସନ୍ ପାଇଁ ଆବେଦନକାରୀ ଦାଖଲ କରିଥିବା ଦରଖାସ୍ତକୁ ରାଜ୍ୟ ଗୃହ ବିଭାଗ ୨୦୨୨, ଜୁଲାଇ ୭ରେ ଖାରଜ କରିଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ନିରଞ୍ଜନ ସିଂହ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଯଶୋବନ୍ତ ନାରାୟଣ ପାଠି ସହାୟତା କରୁଥିଲେ।

# ବିଧାନସଭା ଖବର

### ● ଶୂନ୍ୟକାଳରେ ଉଠିଲା ୧୬ଶ ଅର୍ଥ କମିଶନ୍ ପ୍ରସଂଗ

ନିଘୋଡ଼ ନିଦରେ ଶୋଇପଡିଛନ୍ତି ରାଜ୍ୟ ସରକାର। ଜାନୁଆରୀରେ ବସିବ ୧୬ ତମ ଅର୍ଥ କମିଶନ୍ ବୈଠକ। ହେଲେ ଏଯାଏ ଜିଲ୍ଲା ଯୋଜନା କମିଟି ଗଠନ ହୋଇନି କି ପ୍ରସ୍ତାବ ଆସିନି । ଏନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି । ଫଳରେ ଓଡିଶାର ତାର ପ୍ରାପ୍ୟ ହରାଇବାର ଆଶଙ୍କା ରହିଛି । ଏହା ଉପରେ ଆଗାମୀ ୫ ବର୍ଷର ଖସଡ଼ା ନିର୍ଭର କରେ। ତେଣୁ ସରକାର ଏନେଇ ସଚେତନ ରୁହନ୍ତୁ ବୋଲି ଶୂନ୍ୟକାଳରେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି।

### ● ଖୋଲିବ ୫୮ ଶୀତଳ ଭଣ୍ଡାର

ରବି ଋତୁରେ ଆଳୁ ଚାଷ ପାଇଁ ମୋଟ ୬୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୧୫ ହଜାର ୨୩ ହେକ୍ଟର ଜମି ଆଳୁ ଚାଷ କରିବା ପାଇଁ ଯୋଜନା କରାଯାଇଥିବା ବେଳେ ଆଳୁ ଗଚ୍ଛିତ ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ମଧ୍ୟ କରାଯାଉଛି ବୋଲି ଗୃହରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ପୂର୍ବ ସରକାରଙ୍କୁ କଡା ଆକ୍ରମଣ କରି କେଭି କହିଛନ୍ତି, ପୂର୍ବ ସରକାରଙ୍କ ଆଳୁ ମିଶନ ଫେଲ ମାରିଛି। ଆଉ ଏବେ ଆଳୁ ସଙ୍କଟ ଦେଖାଦେଇଥିବା ବେଳେ ଓଡ଼ିଶାକୁ ଆଳୁ ଦେବାରେ ପଶ୍ଚିମବଙ୍ଗ ବ୍ଲାକମେଲ୍ କରୁଛି । ତେଣୁ ଓଡ଼ିଶାରେ ଆଳୁ ଉତ୍ପାଦନ କରି ନିର୍ଭରଶୀଳ ନହେବାକୁ ସରକାର ବଦ୍ଧପରିକର। ଆଳୁର ଅଭାବ ଭରଣା କରିବାକୁ ରାଜ୍ୟରେ ବିକଳ୍ପ ଚାଷୀ ବିବିଧକରଣ କରିବାକୁ ବିଚାର କରାଯିବ । ରାଜ୍ୟରେ ଆଳୁ ଚାଷ ଓ ଉତ୍ପାଦନ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ପ୍ରତିବର୍ଷ ଯେଉଁ ଆଳୁ ଉତ୍ପାଦନ ହେବ ତାକୁ ମହଜୁଦ ରଖିବାକୁ ରାଜ୍ୟରେ ୫୮ଟି ଶୀତଳ ଭଣ୍ଡାର ଖୋଲିବାକୁ ମଧ୍ୟ ଯୋଜନା କରାଯାଉଛି, ଯାହା ଉଭୟ ବିଦ୍ୟୁତ ଓ ସୌର ଶକ୍ତିରେ ଚାଲିବ। ଗୃହରେ ଉଭୟ ବିଧାୟକ ଅଶ୍ୱିନୀ ପାତ୍ର ଓ ଗଣେଶ୍ୱର ବେହେରାଙ୍କ ଉତ୍ତର ଦେବାକୁ ଯାଇ କନକ ବର୍ଦ୍ଧନ ସିଂଦେଓ ଏହି ଉତ୍ତର ରଖିଛନ୍ତି।

### ● ୫ ଅଳଙ୍କାର ଦୋକାନୀ ବିକୁଥିଲେ ନକଲି ସୁନା

ରାଜ୍ୟର ୫ ଅଳଙ୍କାର ଦୋକାନୀ ବିକୁଥିଲେ ନକଲି ସୁନା। ଗୃହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉତ୍ତର ରଖିଛନ୍ତି। ନକଲି ହଲମାର୍କ ପାଇଁ କୁଚିଣ୍ଡାର ଅମ୍ବିକା ଜୁଏଲର୍ସ ନାଁରେ ମାମଲା ହୋଇଥିଲା। ଏହା ସହ ଜଗତସିଂହପୁର କୁଜଙ୍ଗର ରାଜଶ୍ରୀ ଜୁଏଲର୍ସ, ପୁରୀର ସୁନା ଚାନ୍ଦି ଜୁଏଲର୍ସ ବରଗଡ଼ର ରାଧାକାନ୍ତ, ସମ୍ବଲପୁର ଅଳଙ୍କାର ଜୁଏଲର୍ସ ନାମରେ ମାମଲା ହୋଇଥିଲା। ପରେ ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଥିଲା। ଏ ନେଇ ୨୦୨୨-୨୩ରେ ମାପକ ତ୍ରୁଟି ଯୋଗୁଁ ୬ଟି ମାମଲା ରୁଜୁ, ୨୩୫୦୦ ଜରିମାନା ଆଦାୟ କରାଯାଇଥିଲା। ୨୦୨୩-୨୪ରେ ୬ଟି ମାମଲା, ୧ ଲକ୍ଷ ୫୫ ହଜାର ଏବଂ ୨୦୨୪-୨୫ ନଭେମ୍ବର ସୁଦ୍ଧା ୪ଟି ମାମଲା, ୪୮ ହଜାର ଫାଇନ ଆଦାୟ ହୋଇଛି।

### ● ସାମ୍ବାଦିକଙ୍କୁ ପେନ୍‌ସନ୍ ଦିଆଯାଉ

ବିଧାନସଭାରେ ଉଠିଲା କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟା ପ୍ରସଙ୍ଗ। ପେନସନ ଓ ପିତାମାତାଙ୍କୁ ବୀମା ପ୍ରଦାନ ସହ କିପରି ଉଚିତ ମର୍ଯ୍ୟାଦା ମିଳିବ ସେନେଇ ବିଧାନସଭାରେ ଉଠାଇଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ । ଏହାସହ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ସେ ଦାବି କରିଛନ୍ତି। ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ପୂର୍ବ ସରକାର ସାମ୍ବାଦିକମାନଙ୍କୁ ୫ ଲକ୍ଷ ଟଙ୍କା ବୀମା ରାଶି ଦେଉଥିଲେ। ହେଲେ ସେମାନଙ୍କ ପିତାମାତାଙ୍କ ପାଇଁ କୌଣସି ସୁବିଧା ନାହିଁ। ଏ ସରକାର ସାମ୍ବାଦିକମାନଙ୍କୁ ବୀମା ରାଶି ସହ ତାଙ୍କ ପିତାମାତାଙ୍କୁ ସାମିଲ କରନ୍ତୁ। କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଲୋକସେବା ଭବନକୁ ପ୍ରବେଶ ଅନୁମତି ଦିଆଯାଉ। ଏକ ପ୍ରେସ ଏକାଡେମୀ ଗଠନ କରାଯାଉ। ପ୍ରଶାସନ ସହିତ ସାମ୍ବାଦିକମାନେ ମୁହାଁମୁହିଁ ହେଉଛନ୍ତି। ଭବିଷ୍ୟତରେ ଏମିତି ସ୍ଥିତି ନ ହେବ ଓ ସାମ୍ବାଦିକଙ୍କୁ ମର୍ଯ୍ୟାଦା ମିଳିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

### ● ଶୀତଳ ଭଣ୍ଡାର ପାଇଁ ଘରୋଇ ବିଲ୍ ଲାଗୁ କର

ଆଳୁ ଦରବୃଦ୍ଧି ନେଇ ବିଧାନସଭାରେ ଆଲୋଚନା ଚାଲିଥିବା ବେଳେ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଲେ, କମରସିଆଲ ବିଦ୍ୟୁତ ଯୋଗାଣ ଯୋଗୁଁ ବନ୍ଦ ରହିଲା ଶୀତଳ ଭଣ୍ଡାର। ଏହାକୁ ଘରୋଇ ବିଲରେ ଅନ୍ତର୍ଭୁକ୍ତ କରିବାକୁ ସେ ଦାବି କଣିଥିଲେ। ଗତ ବର୍ଷ ମାର୍ଚ୍ଚରେ ତତ୍କାଳୀନ ଶକ୍ତି ମନ୍ତ୍ରୀ ରଣେନ୍ଦ୍ର ସ୍ୱାଇଁ ଓ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ପ୍ରତାପ ଦେବ ମିଳିତ ଉଦ୍ୟମ କରିଥିଲେ। ସେ ସମୟରେ ୭.୨୦ ଟଙ୍କା କମି ୪.୨୦ ଟଙ୍କା ହେଲା। ଶୀତଳ ଭଣ୍ଡାର ପାଇଁ ବିଜେଡି ସରକାର ବାଟ ଫିଟାଇଥିବା ନେଇ ଗୃହରେ ଦାବି ରଖିଥିଲେ ବିଜେଡି ବିଧାୟକ ପ୍ରତାପ ଦେବ। ତେଣୁ ବିଳମ୍ବ ନ କରି ତୁରନ୍ତ ଉଭୟ କୃଷି ଓ ଶକ୍ତି ସଚିବଙ୍କୁ ଡାକି କାମ ଆରମ୍ଭ କରିବାକୁ ବିଜେଡି ବିଧାୟକମାନେ ଦାବି କରିଥିଲେ। ତେବେ କୃଷି ଓ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଲେ, ଅନୁଧ୍ୟାନ କରାଯିବ। ଶୀତଳ ଭଣ୍ଡାରରେ ୫୦% ରିହାତି ଦିଆଯାଉଛି। ବର୍ତ୍ତମାନ ୩.୨୦ ଟଙ୍କା ୟୁନିଟ ପିଛା ଲାଗୁ ହୋଇଛି ବୋଲି ସେ ଗୃହକୁ ସୂଚନା ଦେଇଥିଲେ।

### ● ୩ ମାସରେ ୪୯୪୪ କିଲୋ ଲିଟର କିରୋସିନ ଆବଣ୍ଟନ

କେନ୍ଦ୍ର ସରକାରଙ୍କ ଯୋଜନାରେ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ପାଇଁ ୪୯୪୪ କିଲୋ ଲିଟର କିରୋସିନ ଆବଣ୍ଟନ କରାଯାଇଛି। ଏଥିରେ ୯୬ ଲକ୍ଷ ୩୮ ହଜାର ୧୦୩ କାର୍ଡଧାରୀଙ୍କୁ ଅଧ ଲିଟର ଲେଖାଏଁ କିରୋସିନ ଦିଆଯାଉଛି। ବର୍ତ୍ତମାନ ୫୭ ରୁ ୫୯ ଟଙ୍କା ରହିଛି କିରୋସିନ ଲିଟର। ପରିବହନ ଖର୍ଚ୍ଚ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ରହିଛି। ନୂଆ ରାସନ କାର୍ଡ ଦେବା ଆଗରୁ ପୋର୍ଟାଲ ଖୋଲିବ। ଯେଉଁ ପଡା ଗାଁରେ ବିଦ୍ୟୁତ ନାହିଁ, ସେଠି ଅଧିକ କିରୋସିନ ଦେବା ନେଇ ତର୍ଜମା କରାଯିବ ବୋଲି ବିଜେପି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର।

# ଓଡ଼ିଶାରେ ସ୍ୱାମୀଙ୍କୁ ଖୋଜୁଛନ୍ତି ଗୁଜରାଟୀ ମହିଳା



**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ବଡ଼ ଆଳୁ ବ୍ୟବସାୟୀର ପରିଚୟ ଦେଇ ପ୍ରେମ ବିବାହ କରି ପରବର୍ତ୍ତୀ ସମୟରେ ପତ୍ନୀଙ୍କୁ ମିଛ କହି କୋଟି କୋଟି ଟଙ୍କା ଠକି ନେଇଥବା ଜଣେ ଯୁବକଙ୍କୁ ଖୋଜି ଖୋଜି ଆସି ଭଦ୍ରକରେ ପହଞ୍ଚି ଗୁଜରାଟୀ ମହିଳା। ଦୁଇ ମାସ ହେଲା ଭଦ୍ରକରେ ସ୍ୱାମୀଙ୍କୁ ଖୋଜୁଛନ୍ତି। ହେଲେ ପତ୍ତା ପାଉନାହାନ୍ତି। ବନ୍ତ ଥାନାଠାରୁ ଭଦ୍ରକ ଏସ୍‌ପି ଓ ଡିଜିପିଙ୍କ ପାଖରେ ଗୁହାରି କରି ବି ସେ ନ୍ୟାୟ ପାଇ ନାହାନ୍ତି।

ଅହମ୍ମଦାବାଦ ସ୍ଥିତ ନିଉ ରୁମିପର ଅଞ୍ଚଳର ଏକ କମ୍ପାନୀରେ କାମ କରୁଥିବା ହୀରାଲବେନ ହସମୁଖଲାଲ ମୋଦି ସେହି କମ୍ପାନୀର ମନୋଜ ନାୟକଙ୍କୁ ୨୦୧୯ ଡିସେମ୍ବର ୯ରେ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ଏକ ପୁଅ ଅଛି। ମନୋଜଙ୍କ ଘର ବନ୍ତ ଥାନା ମୋହଲା ନରସିଂହପୁର ଗାଁରେ। ବିବାହ ପୂର୍ବରୁ ମନୋଜ ନିଜକୁ ଜଣେ ବଡ଼ ଆଳୁ ଓ ପିଆଜ ବ୍ୟବସାୟୀଙ୍କ ପୁଅ ବୋଲି କହିଥିଲେ। ପୁଅ ଜନ୍ମ ପରେ ହୀରାଲବେନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ ମନୋଜ। ବ୍ୟବସାୟ କରିବାର ବାହାନା କରି ତାଙ୍କ ଠାରୁ ଟଙ୍କା ନେଇଥିଲେ। ନିଜ ପାଖରେ ଯାହା ଗଚ୍ଛିତ ସମ୍ବଳ ଥିଲା ଓ ଧାର ଉଧାର କରି ସ୍ୱାମୀଙ୍କୁ କୋଟିଏରୁ ଅଧିକ ଟଙ୍କା ଦେଇଥିଲେ ହୀରାଲବେନ। ସେଥିରେ କିନ୍ତୁ ମନୋଜଙ୍କ ମନ ଭରି ନ ଥିଲା। ସେ ଆହୁରି ଟଙ୍କା ମାଗିଥିଲେ। ତେଣୁ ନିଜ ଫ୍ଲାଟ୍‌କୁ ବ୍ୟାଙ୍କରେ ବନ୍ଧକ ରଖି ଓ ବାପଘର ଲୋକଙ୍କଠାରୁ ଟଙ୍କା ଧାର ସୂତ୍ରରେ ମନୋଜଙ୍କୁ ଦେଇଥିଲେ।

ପତ୍ନୀଙ୍କଠାରୁ ଟଙ୍କା ହଡପ୍ କରିବା ପରେ କାମ ବାହାନା କରି ମନୋଜ ଓଡ଼ିଶା ପଳାଇ ଆସିଥିଲେ। ପରବର୍ତ୍ତୀ ସମୟରେ ଆଉ ହୀରାଲବେନଙ୍କ ପାଖକୁ ଫେରିନଥିଲେ। ତାଙ୍କ ସହ କୌଣସି ଯୋଗାଯୋଗ କଲେନାହିଁ। ସ୍ୱାମୀଙ୍କୁ ଖୋଜି ଖୋଜି ବନ୍ତରେ ପହଞ୍ଚିଥିଲେ ହୀରାଲବେନ। ଶାଶୂ ଘରକୁ ଯାଇଥିଲେ। ହେଲେ ସେଠାରେ ସ୍ୱାମୀଙ୍କୁ ପାଇଲେନାହିଁ। ପରେ ନିଜ ସ୍ୱାମୀଙ୍କ ନାଁରେ ସେ ଦୁଇ ଦୁଇ ଥର ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ଗତ ଦୁଇ ମାସ ହେଲା ନ୍ୟାୟ ପାଇଁ ଭଦ୍ରକରେ ଘୁରି ବୁଲୁଛନ୍ତି ହୀରାଲବେନ। ହୀରାଲବେନ ଚତୁର୍ଥ ଥର ପାଇଁ ଏସ୍‌ପିଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି। ଆଗକୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି ହୀରାଲବେନ।

# ଧାନକିଣା ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ

## ଖୁଦ, କୁଣ୍ଡା ଓ ବ୍ରାନର କୋଟି କୋଟି ଟଙ୍କା ମିଲର ଫେରାନ୍ତୁ

**ଭୁବନେଶ୍ୱର, ୧୧।୧୨ (ସଂଚାର ବ୍ୟୁରୋ):** ଧାନ କିଣା ଅଚଳାବସ୍ଥାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି। ଶ୍ରୀ ନନ୍ଦ କହିଛନ୍ତି, ନୂଆ ସରକାର ଧାନର ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କା ବୋନସ ଘୋଷଣା କଲେ। ସୋହଲାରେ ବୋନସ ବଣ୍ଟନ ବି କଲେ। କିନ୍ତୁ ବିନା କଟନୀ ଛଟନୀରେ ଧାନ ଉଠିବ ଓ ମିଲରଙ୍କ ମନମାନି ଚଳିବ ନାହିଁ ବୋଲି ଯେଉଁ ଘୋଷଣା କରିଥିଲେ, ତାହା ପାଣିର ଗାର ସଦୃଶ୍ୟ ହୋଇଛି। ମିଲରମାନେ ୫ କେଜି ଲେଖାଏଁ କାଟ ନ ନେଲେ ଧାନ ଉଠେଇବେ ନାହିଁ ବୋଲି ଯିଦ ଧରି ଧାନ କ୍ରୟ କେନ୍ଦ୍ରକୁ ଆସୁନାହାନ୍ତି। ନୂଆପଡ଼ା, ବରଗଡ଼, ସମ୍ବଲପୁର ସବୁଠି ଏ ଚରମ ଅବ୍ୟବସ୍ଥା। ଯାହା ଗଣମାଧ୍ୟମରେ ପ୍ରକାଶିତ ହେବା ସହ ବିଧାନସଭାରେ ଝଡ଼ ସୃଷ୍ଟି କରିଛି। ବିଧାନସଭା ଚାଲିଥିବା ବେଳେ ମିଲରମାନେ ଯଦି ଏ ଭଳି ଦୁଃସାହାସ କରୁଛନ୍ତି ତେବେ, ଆଉ କେତେବେଳେ ସେମାନଙ୍କ ଉପରେ ଦୃଷ୍ଟାନମୂଳକ କାର୍ଯ୍ୟାନୁଷ୍ଠାନ ହେବ? ଏହା ସହ ବର୍ଷ ବର୍ଷ ଧରି ମିଲରମାନେ ଧାନ କୁଣ୍ଡା ଓ ବ୍ରାନରୁ ଯେଉଁ କୋଟି କୋଟି ଟଙ୍କା ଆୟ କରି ସରକାରଙ୍କୁ ଫେରାଉନାହାନ୍ତି, ସେଥିପାଇଁ ତୁରନ୍ତ ଆଇନ୍ ପ୍ରଣୟନ କରାଯାଉ। ଧାନ କୁଣ୍ଡା ଓ ବ୍ରାନ୍ ପଇସା ମିଲର ସରକାରଙ୍କୁ ଫେରାନ୍ତୁ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି।

# ପୁଅ ଆଗରେ ବାପାକୁ ପଥରରେ ଛେଚି ହତ୍ୟା

**କଟକ,୧୧।୧୨ (ସଂଚାର ବ୍ୟୁରୋ):** ମୋ ବାପାଙ୍କର କିଛି ଦୋଷ ନାହିଁ, ତାଙ୍କୁ ମାରନାହିଁ, ଛାଡ଼ିଦିଅ।" ଦୁର୍ବୃତ୍ତଙ୍କ ଆଗରେ କାକୁତିମିନତି ହେଉଥିଲା ନାବାଳକ ପୁଅ। କିନ୍ତୁ ପୁଅର ନେହୁରା ଦୁର୍ବୃତ୍ତମାନଙ୍କ କାନକୁ ଶୁଭୁ ନ ଥିଲା। ଦୁର୍ବୃତ୍ତମାନେ ତାଙ୍କ ବାପାକୁ ଘର ଭିତରୁ ଘୋଷାଡି ଆଣି ପଥରରେ ଛେଚି ହତ୍ୟା କରିଥିଲେ। ଏପରି ଲୋମହର୍ଷକ ଘଟଣା ଘଟିଛି କଟକ ଜିଲ୍ଲା ବାରଙ୍ଗ ଥାନା ଅଞ୍ଚଳରେ। ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତକ ହେଲେ କେନ୍ଦ୍ରାପଡ଼ାର ତୋଫାନ ସାମଲ। ପୁଅ ସହିତ ବାରଙ୍ଗ ଅଞ୍ଚଳରେ ରହୁଥିବା ତୋଫାନ ଏକ ବିଲ୍ଡର ସଂସ୍ଥାରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଗତ ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପହଞ୍ଚି ତୋଫାନଙ୍କୁ ଘୋଷାଡ଼ି ଆଣି ପିଟିଥିଲେ। ବାପାଙ୍କୁ ନ ପିଟିବା ପାଇଁ ତାଙ୍କ ପୁଅ ଦୁର୍ବୃତ୍ତଙ୍କୁ ନେହୁରା ହୋଇଥିଲେ, ହେଲେ ଦୁର୍ବୃତ୍ତମାନେ ତାଙ୍କ କଥା ଶୁଣି ନ ଥିଲେ। ତୋଫାନଙ୍କ ପୁଅକୁ ମଧ୍ୟ ଆକ୍ରମଣ କରିଥିଲେ। ତୋଫାନଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥି ଚମ୍ପଟ ମାରିଥିଲେ। ବାପାକୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା ପୁଅ। ସେଠାରେ ତୋଫାନଙ୍କୁ ମୃତ ଘୋଷଣା କରାଯାଇଥିଲା। କାହିଁକି ତୋଫାନଙ୍କୁ ହତ୍ୟା କଲେ ତାର କାରଣ ଜଣାପଡ଼ି ନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ଜଣକୁ ଗିରଫ କରିଥିବା ଜଣାଯାଇଛି। ତୋଫାନଙ୍କ ପୁଅ କହିଛନ୍ତି, ବାପା ଭାତ ବାଢୁଥିବା ସମୟରେ କିଛି ଲୋକ ଆସି ଘୋଷାଡ଼ି ନେଇ ପିଟିଥିଲେ। ମୁଁ ଅଟକାଇବାକୁ ମୋତେ ମାଡ଼ ମାରିଥିଲେ। ପରେ ପଥର ଆଣି ବାପାମୁଣ୍ଡକୁ ଛେଚି ହତ୍ୟା କରିଥିଲେ।

# ହୋମିଓପାଥିକ କଲେଜ-ମାନ୍ୟତାରେ ସବା ତଳେ

**ଭୁବନେଶ୍ୱର, ୧୧।୧୨:** ରାଜ୍ୟରେ ଥିବା ୪ଟିଯାକ ସରକାରୀ ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଶିକ୍ଷକ ମରୁଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ଅଭାବ ଯୋଗୁଁ ଏଥିରୁ ଗୋଟିଏ ହେଲେ ସରକାରୀ କଲେଜ୍ 'ଏ' ଗ୍ରେଡ୍ ମାନ୍ୟତା ପାଇପାରି ନାହାନ୍ତି। ଚାରୋଟିଯାକ ସରକାରୀ ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍ 'ସି' ଗ୍ରେଡ୍ ପାଇ ସନ୍ତୁଷ୍ଟ ଅଛନ୍ତି। ଏଥିରୁ ଆମ ରାଜ୍ୟରେ ହୋମିଓପ୍ୟାଥିକ ଚିକିତ୍ସା ଓ ଶିକ୍ଷା ବ୍ୟବସ୍ଥା କେତେ ଦୁର୍ବଳ ତାହା ସହଜରେ ଅନୁମେୟ। କେବଳ ହୋମିଓପ୍ୟାଥିକ ନୁହେଁ, ଆୟୁର୍ବେଦିକ ମେଡିକାଲ୍ କଲେଜ୍‌ଗୁଡ଼ିକରେ ମଧ୍ୟ ଅନୁରୂପ ଦୁରାବସ୍ଥା ଲାଗି ରହିଛି।

ଭୁବନେଶ୍ୱରରେ ଥିବା ଡ. ଅଭିନ୍ନଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍ ହସ୍ପିଟାଲ ଓ ରାଉରକେଲାର ଉତ୍କଳମଣି ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍ ହସ୍ପିଟାଲର ସ୍ୱାସ୍ଥ୍ୟାବସ୍ଥା ସଂକଟରେ ଥିବାବେଳେ ସମ୍ବଲପୁର ଓ ବ୍ରହ୍ମପୁରରେ ଅନ୍ୟ ଦୁଇଟି ସରକାରୀ ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍ ଏକ ପ୍ରକାର କୋମା ସ୍ଥିତିରେ ଅଛନ୍ତି। ଏଥିଯୋଗୁଁ ବାରମ୍ବାର ସ୍ନାତକୋତ୍ତର ହୋମିଓପ୍ୟାଥିକ ପାଠ୍ୟକ୍ରମ ଉପରେ କର୍ତ୍ତୃପକ୍ଷ କଟକଣା ଜାରି କରୁଛନ୍ତି। ଫଳରେ ହୋମିଓପ୍ୟାଥିକରେ ସ୍ନାତକୋତ୍ତର ପାଠ ପଢ଼ିବା ଓ ଉଚ୍ଚତର ଗବେଷଣା ପାଇଁ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି।

ରାଜ୍ୟର ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍‌ଗୁଡ଼ିକର ଗ୍ରେଡିଂ କରିବା ପାଇଁ କେନ୍ଦ୍ରୀୟ ସଂସ୍ଥା ଓଡ଼ିଶା ଗସ୍ତରେ ଆସି ଏଠାକାର ଅବସ୍ଥା ଦେଖି ହତବାକ୍ ହୋଇପଡୁଛନ୍ତି। ସରକାରୀ ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍‌ଗୁଡ଼ିକ ଲାଗି ପର୍ଯ୍ୟାପ୍ତ ଜମି ଓ କୋଠାବାଡ଼ି ଥିବାବେଳେ ଏଠାରେ ଥିବା ଅନେକ ଯନ୍ତ୍ରପାତି ଖତ ଖାଉଛି। ଏମିତିକି କେତେକ ସ୍ଥଳରେ ଫାର୍ମାସୀରେ ମଧ୍ୟ ଔଷଧ ପ୍ରସ୍ତୁତି ଠିକଣା ଭାବେ ହୋଇପାରୁ ନାହିଁ। ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ଓ ଶିକ୍ଷକ ନଥିବାରୁ ବିଭିନ୍ନ ଜିଲ୍ଲାରେ ଥିବା ହୋମିଓପ୍ୟାଥିକ ଚିକିତ୍ସାନୁଷ୍ଠାନଗୁଡ଼ିକରେ ନିୟୋଜିତ ଡାକ୍ତରମାନଙ୍କ ଭିତରୁ କେତେକଙ୍କୁ ଡେପୁଟେସନ୍‌ରେ ଅଣାଯାଇ କାମ ଚଳାଯାଉଛି। ଏଥିଯୋଗୁଁ ଗ୍ରାମାଞ୍ଚଳରେ ହୋମିଓପ୍ୟାଥିକ ସରକାରୀ ଡାକ୍ତରଖାନାଗୁଡ଼ିକ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଅବସରପ୍ରାପ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି ଯେ ଚାରୋଟିଯାକ ସରକାରୀ ହୋମିଓପ୍ୟାଥିକ ମେଡିକାଲ୍ କଲେଜ୍‌ରେ ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନିଯୁକ୍ତି ପାଇଲେ ଏଠାରେ ପୂର୍ବଭଳି ସ୍ନାତକୋତ୍ତର ପାଠ୍ୟକ୍ରମ ଅଧିକ ବିଷୟରେ ପଢ଼ାଯାଇପାରିବ। ତେବେ ଖାଲି ପଡ଼ିଥିବା ସମସ୍ତ ପଦବୀଗୁଡ଼ିକୁ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉ ନାହିଁ।




ଏବେ ରାଜ୍ୟରେ ଶତାଧିକ ହୋମିଓପ୍ୟାଥିକ ଡାକ୍ତରୀ ପଦବୀ ଖାଲି ପଡ଼ିଛି। ଏହାଛଡ଼ା ଆହୁରି ଅଧିକ ଆୟୁର୍ବେଦିକ ଡାକ୍ତର ପଦବୀ ମଧ୍ୟ ଖାଲି। ପାଖାପାଖି ୪୫୦ ହୋମିଓ ଓ ଆୟୁର୍ବେଦିକ ସହାୟକ ପଦବୀ ମଧ୍ୟ ଖାଲି ରହିଛି। ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଚିକିତ୍ସା ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ହୋଇଥିବା ଏବଂ ଏଲୋପ୍ୟାଥିକ ତୁଳନାରେ ଏହା ଶସ୍ତା ହେଉଥିବାରୁ ସାଧାରଣ ଲୋକେ ଏହି ଚିକିତ୍ସା ପଦ୍ଧତିକୁ ପସନ୍ଦ କରନ୍ତି। ବଡ଼ବଡ଼ ଡାକ୍ତରମାନେ ବି ଖୋଲା ମତବ୍ୟକ୍ତ କରୁଛନ୍ତି ଯେ ଅଧିକାଂଶ ରୋଗବ୍ୟାଧିର ସହଜ ଓ ସରଳ ଚିକିତ୍ସା ହୋମିଓପ୍ୟାଥିକ ମାଧ୍ୟମରେ କରାଯାଇପାରିବ। ଏଥିପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆୟୁଷ ମନ୍ତ୍ରାଳୟ ଖୋଲିଥିବା ବେଳେ ରାଜ୍ୟ ସରକାର ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟ ସରକାରୀ ଡାକ୍ତରଖାନାଗୁଡ଼ିକରେ ଆୟୁଷ ଡାକ୍ତର ନିଯୁକ୍ତ କରିଥାନ୍ତି। ହୋମିଓପ୍ୟାଥିକ ଓ ଆୟୁର୍ବେଦିକ କଲେଜଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାନଗଲେ ଆୟୁଷ ଚିକିତ୍ସା ପଦ୍ଧତିକୁ ଏହା କ୍ଷତି ପହଞ୍ଚାଇବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିବା ସହିତ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ପଦ୍ଧତିର ସମସ୍ତ ଡାକ୍ତର, ଶିକ୍ଷକ ଓ ସହାୟକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ମତବ୍ୟକ୍ତ କରୁଛନ୍ତି। (ତଥ୍ୟ)


Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ନୂଆ ଆରବିଆଇ ଗଭର୍ଣ୍ଣରଙ୍କ ଆଗରେ ମୁଦ୍ରାସ୍ଫୀତି ଚ୍ୟାଲେଞ୍ଜ




ନୂଆଦିଲ୍ଲୀ,୧୦/୧୨: ସଞ୍ଜୟ ମାଲହୋତ୍ରା ଏମିତି ଏକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି, ଯେତେବେଳେ ଆରବିଆଇ ଆଗରେ ବଡ଼ ପ୍ରଶ୍ନ ଠିଆ ହୋଇଛି ଯେ, ସେ ମୁଦ୍ରାସ୍ଫୀତି ପ୍ରତି ଅଧିକ ଧ୍ୟାନ ଦେବେ ନା ସୁସ୍ଥିଆ ଅର୍ଥନୀତିକୁ ପୁନର୍ଜୀବିତ କରିବା ପାଇଁ ସୁଧ ହାର ହ୍ରାସ କରିବେ। ଗତ ଏକ ମାସ ଭିତରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ସୁଧହାର ହ୍ରାସ କରିବାକୁ ଦାବି କରି ଆସୁଛନ୍ତି। ଯେଉଁଭଳି ଭାବରେ ଦ୍ୱିତୀୟ ତ୍ରୈମାସିକରେ ଆର୍ଥିକ ବିକାଶ ହାର ହ୍ରାସ ପାଇଛି, ସେଥିରେ ଋଣକୁ ଶସ୍ତା କରି ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଚାହିଦା ତୀବ୍ର ହୋଇଛି।

ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ମୁଦ୍ରା ନୀତି ସମୀକ୍ଷା କମିଟି ଗତ ଶୁକ୍ରବାର କ୍ରମାଗତ ୧୧ ତମ ଥର ସୁଧ ହାର ସ୍ଥିର ରଖିବାକୁ ନିଷ୍ପତ୍ତି ନେଇଥିଲେ।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଏଥିରେ କ୍ରିପ୍ଟୋକରେନ୍ସି ଠାରୁ ଆରମ୍ଭ କରି ଏଆଇ, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ମେସିନ୍ ଲର୍ନିଂ ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଡିଜିଟାଲ୍ ମୁଦ୍ରାର ବିସ୍ତାର ଭଳି ପ୍ରସଙ୍ଗ ଅନ୍ତର୍ଭୁକ୍ତ। ଏହି ପ୍ରସଙ୍ଗରେ ଆରବିଆଇ ଆଭ୍ୟନ୍ତରୀଣ ଆଲୋଚନା ଆରମ୍ଭ କରିଛି। ଏହା ସତ୍ତ୍ୱେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଆରବିଆଇର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରହିବ। ଗତ ମୁଦ୍ରା ନୀତି କମିଟି ବୈଠକ ପରେ ଜାରି ବିବୃତ୍ତିରେ ପୂର୍ବତନ ଆରବିଆଇ ଗଭର୍ଣ୍ଣର ଡ.ଦାସ ଏହି କଥା କହିଥିଲେ। ସେ କହିଥିଲେ, 'ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ମୁଦ୍ରାସ୍ଫୀତି ଆଣିବା ବ୍ୟାଙ୍କର କେନ୍ଦ୍ରୀୟ କର୍ତ୍ତବ୍ୟ ହୋଇ ରହିବ କାରଣ ଯଦି ଏହା ଯାଞ୍ଚ ନହୁଏ ତେବେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ।' ଦେଶର ଗରିବ ଲୋକଙ୍କୁ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତିର ଭାର ବହନ କରିବାକୁ ପଡ଼ିବ। କେବଳ ଏତିକି ନୁହେଁ ବରଂ ଗଭର୍ଣ୍ଣରଙ୍କୁ ମଧ୍ୟ ମୁଦ୍ରାସ୍ଫୀତି ହାରକୁ ଚାରି ପ୍ରତିଶତ କିମ୍ବା ତା'ଠାରୁ କମ୍ ଧାର୍ଯ୍ୟ ଲକ୍ଷ୍ୟକୁ ଆଣିବାକୁ ଚେଷ୍ଟା କରିବାକୁ ହେବ।

# ଶକ୍ତିକାନ୍ତଙ୍କ ୬ ବର୍ଷର ହିସାବ ନିକାଶ

**ମୁମ୍ବାଇ, ୧୧।୧୨:** ଦୀର୍ଘ ୬ ବର୍ଷ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ କାର୍ଯ୍ୟ କରିବା ପରେ ନିଜର ଶେଷ କାର୍ଯ୍ୟ ଦିବସରେ ଭାବ ବିହ୍ୱଳ ହୋଇପଡ଼ିଥିଲେ ଶକ୍ତିକାନ୍ତ ଦାସ। ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ କାର୍ଯ୍ୟ କରିବା ଲାଗି ସୁଯୋଗ

## ମୋଦୀଙ୍କୁ କୃତଜ୍ଞତା, ଜେଟ୍‌ଲିଙ୍କୁ ମନେ ପକାଇଲେ

ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଗଭୀର କୃତଜ୍ଞତା ଜଣାଇଛନ୍ତି। ତାଙ୍କ ଚିନ୍ତାଧାରା, ଭାବନା ଓ ମାର୍ଗଦର୍ଶନରୁ ବିଶେଷ ଭାବେ ଉପକୃତ ଓ ଉତ୍ସାହିତ ହୋଇଥିବା ଶକ୍ତିକାନ୍ତ କହିଛନ୍ତି। ସେ ସହଯୋଗ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟ୍‌ଲିଙ୍କୁ ମଧ୍ୟ ଶକ୍ତିକାନ୍ତ ମନେ ପକାଇଛନ୍ତି। ସେ ତାଙ୍କ ସହିତ ରାଜସ୍ୱ ସଚିବ ଓ ଅର୍ଥନୈତିକ ବ୍ୟାପାର ସଚିବ ଭାବେ କାର୍ଯ୍ୟ କରିଥିଲେ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ ୨୦୧୮ ଡିସେମ୍ବର ୧୨ରେ ନିଯୁକ୍ତି ପାଇବାର କିଛି ମାସ




ପର୍ଯ୍ୟନ୍ତ ମଧ୍ୟ ସେ ଜେଟ୍‌ଲିଙ୍କ ସହ କାମ କରିଥିଲେ। ମୋ ଉପରେ ଅରୁଣ ଜେଟ୍‌ଲିଙ୍କ ଗଭୀର ବିଶ୍ୱାସ ଥିଲା ବୋଲି ସେ କହିଛନ୍ତି। ବିଶ୍ୱ ସ୍ତରରେ ଘଟିଥିବା ଘଟଣାର ପ୍ରଭାବକୁ ସଫଳତାର ସହ ପ୍ରତିହତ କରିବାରେ ସହଯୋଗ କରିଥିବାରୁ ରିଜର୍ଭ ବ୍ୟାଙ୍କ ଟିମ୍‌କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏକ ବିଶ୍ୱାସ ଓ ଭରସାର ଅନୁଷ୍ଠାନ ଭାବେ ରିଜର୍ଭ ବ୍ୟାଙ୍କ ଆହୁରି ଉଚ୍ଚ ସୋପାନକୁ ଯାଉ ବୋଲି ସେ କାମନା କରିଛନ୍ତି। ଗତ ଛଅ ବର୍ଷ ମଧ୍ୟରେ ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ସବୁଠୁ ଭଲ ସମ୍ପର୍କ ଥିଲା ବୋଲି ଶକ୍ତିକାନ୍ତ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଦେଶର ୨୫ତମ ଗଭର୍ଣ୍ଣର ଭାବେ ମଙ୍ଗଳବାର ନିଜ ପଦରୁ ଅବସର ନେଇଛନ୍ତି ଶକ୍ତିକାନ୍ତ। ୨୦୧୮ରେ ତାଙ୍କୁ ତିନି ବର୍ଷ ପାଇଁ ଏହି ପଦରେ ନିଯୁକ୍ତି ମିଳିଥିଲା। ୨୦୨୧ରେ ତାଙ୍କ କାର୍ଯ୍ୟକାଳକୁ ଆଉ ତିନି ବର୍ଷ ବୃଦ୍ଧି କରାଯାଇଥିଲା। ଏହି ଛଅ ବର୍ଷ ମଧ୍ୟରେ ସେ କୋଭିଡ୍ ମହାମାରୀ, ରୁଷ୍-ୟୁକ୍ରେନ୍ ଯୁଦ୍ଧ, ଇସ୍ରାଏଲ୍-ହମାସ ଯୁଦ୍ଧର ପ୍ରଭାବକୁ ସଫଳତାର ସହ ପରିଚାଳନା କରିଥିଲେ।

# 'ଉଡେନ୍ ଷ୍ଟ୍ରିଟ୍'ରେ 'ପ୍ରେମ୍‌ଜୀ ଇନ୍‌ଭେଷ୍ଟ'ର ୩୫୪ କୋଟି ନିବେଶ

**ନୂଆଦିଲ୍ଲୀ, ୧୧।୧୨:** ଆସବାବପତ୍ର ଓ ହୋମ୍ ଡେକର୍‌ର ଅଗ୍ରଣୀ ସଂସ୍ଥା ଉଡେନ୍ ଷ୍ଟ୍ରିଟ୍ ସିରିଜ୍-ସି ପର୍ଯ୍ୟାୟ ପାଣ୍ଠି ସଂଗ୍ରହ ପ୍ରକ୍ରିୟାରେ ପ୍ରେମ୍‌ଜୀ ଇନଭେଷ୍ଟଠାରୁ ୩୫୪ କୋଟି ଟଙ୍କା ହାସଲ କରିଛି। ଆସବାବପତ୍ର କ୍ଷେତ୍ରରେ ଏହାକୁ ଅନ୍ୟତମ ବଡ଼ ନିବେଶ ବିଚାର କରାଯାଉଛି। ୨୦୧୫ରେ ସ୍ଥାପନ ହୋଇଥିବା ଉଡେନ୍ ଷ୍ଟ୍ରିଟ୍ ଷ୍ଟାଇଲିସ୍, କାର୍ଯ୍ୟଦକ୍ଷତା ଓ ଉଚ୍ଚ ଗୁଣବତ୍ତାର ଆସବାବପତ୍ର ସୁଲଭ ମୂଲ୍ୟରେ ପ୍ରଦାନ କରିବା ଉପରେ ଧ୍ୟାନ ଦେଉଛି। ଏହା କମ୍ପାନି ମାଲିକାନା କମ୍ପାନି ପରିଚାଳିତ (କୋକୋ) ମଡେଲ୍‌ରେ କାମ କରୁଛି। ଦେଶରେ ଏହା ୧୦୦ରୁ ଅଧିକ ଏକ୍ସପେରିଏନ୍ସ ଷ୍ଟୋର୍ ରହିଛି।

ଏହି ନିବେଶ ସମ୍ପର୍କରେ ଉଡେନ୍ ଷ୍ଟ୍ରିଟ୍‌ର ସିଇଓ ଓ ସହ ପ୍ରତିଷ୍ଠାତା ଲୋକେନ୍ଦ୍ର ରାଣାୱତ୍ କହିଛନ୍ତି ଯେ ଏହା ହେଉଛି ଆମ ଟିମ୍‌ର କଠିନ ପରିଶ୍ରମ ଓ ଆମ ଉତ୍ପାଦ ଉପରେ ଗ୍ରାହକଙ୍କ ରହିଥିବା ବିଶ୍ୱାସର ଫଳ। ସେହିପରି, ପ୍ରେମ୍‌ଜୀ ଇନ୍‌ଭେଷ୍ଟର ପାର୍ଟନର କବିଶ ଚୈଲା କହିଛନ୍ତି ଯେ ପ୍ରିମିୟମ ଓ ସୁଲଭ ଆସବାବପତ୍ରର ବଢ଼ୁଥିବା ଚାହିଦାକୁ ପୂରଣ କରିବା ଲାଗି ଉଡେନ୍ ଷ୍ଟ୍ରିଟ୍ ପାଖରେ କ୍ଷମତା ରହିଛି। ଏହା ନିଜର ଯୋଗାଣ ଶୃଙ୍ଖଳା ଓ ଷ୍ଟୋର୍ ଜରିଆରେ ସେହି ଚାହିଦା ପୂରଣ କରୁଛି।

# ଚୋକ୍‌ସିଙ୍କ ୨୫୬୫ କୋଟିର ସମ୍ପତ୍ତି ନିଲାମ ହେବ



**ମୁମ୍ବାଇ, ୧୧।୧୨:** ନିଜ ଭଣଜା ନିରବ ମୋଦୀଙ୍କ ସହ ମିଶି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ପିଏନ୍‌ବି)ରେ ୧୪ ହଜାର କୋଟି ଟଙ୍କା ଠକେଇ କରି ଭାରତ ଛାଡ଼ି ପଳାୟନ କରିଥିବା ହୀରା ବ୍ୟବସାୟୀ ମେହୁଲ୍ ଚୋକ୍‌ସିଙ୍କ ଭାରତରେ ଥିବା ୨୫୬୫.୯ କୋଟି ଟଙ୍କାର ସମ୍ପତ୍ତି ନିଲାମ ହେବ। ୨୦୧୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ସମ୍ପତ୍ତିଗୁଡ଼ିକୁ ଜବତ କରିଥିଲା। ସେଗୁଡ଼ିକୁ ନିଲାମ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜବତ ହୋଇଥିବା ସମ୍ପତ୍ତିଗୁଡ଼ିକର ଶୀଘ୍ର ସମାଧାନ କରିବା ଲାଗି ଇଡି ସହ ମିଶି ପିଏନ୍‌ବି ଓ ଆଇସିଆଇସିଆଇ ବ୍ୟାଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ୧୨୫ କୋଟି ଟଙ୍କାର ସମ୍ପତ୍ତିକୁ ନିଲାମ ଲାଗି ଉପଲବ୍ଧ କରାଯାଇଛି। ମୁମ୍ବାଇର ସାଣ୍ଟାକ୍ରୁଜ୍‌ର ଖେନି ଟାୱାର୍‌ରେ ଥିବା ୨୭ କୋଟି ଟଙ୍କାର ଫ୍ଲାଟ୍, ଅନ୍ଧେରି ଇଷ୍ଟ୍‌ରେ ଥିବା ୯୮.୦୩ କୋଟି ଟଙ୍କାର ଦୁଇଟି ସମ୍ପତ୍ତି ନିଲାମ କରାଯିବ। ଅନ୍ୟ ସମ୍ପତ୍ତିଗୁଡ଼ିକ ନିଲାମ ପାଇଁ ଆଗାମୀ ଦିନରେ ଉପଲବ୍ଧ କରାଯିବ। ପିଏନବି ଠକେଇର ପର୍ଦାଫାସ ହେବାର କିଛି ଦିନ ପୂର୍ବରୁ ୨୦୧୮ ଜାନୁଆରିରେ ଚୋକ୍‌ସି ଲୁଚି ଲୁଚି ଭାରତରୁ ପଳାଇଥିଲେ। ଏବେ ସେ ଆଣ୍ଟିଗୁଆ ଓ ବରବୁଦାରେ ରହୁଛନ୍ତି। ପିଏନ୍‌ବିରେ ନିରବ ମୋଦୀ କରିଥିବା ଠକେଇରେ ତାଙ୍କର ବଡ଼ ଭୂମିକା ଥିଲା। ଏହି ଠକେଇ ପ୍ରଭାବରେ ସରକାରୀ ବ୍ୟାଙ୍କଗୁଡ଼ିକ ୬୦୯୭ କୋଟି ଟଙ୍କାର କ୍ଷତି ସହିଛନ୍ତି। ଆଇସିଆଇସିଆଇ ବ୍ୟାଙ୍କରୁ ମଧ୍ୟ ଚୋକ୍‌ସି ଠକେଇ କରିଥିବା ଅଭିଯୋଗ ରହିଛି। ଚୋକ୍‌ସିଙ୍କୁ ଭାରତ ଫେରାଇ ଆଣିଲା ଲାଗି ଉଦ୍ୟମ ହେଉଛି। ଭାରତ ଆସିଲେ ତାଙ୍କ ବିରୋଧରେ ମନି ଲଣ୍ଡରିଂ ଓ ଆର୍ଥିକ ଠକେଇ ମାମଲା ଚାଲିବ। ୨୦୧୮ରେ ପିଏନ୍‌ବି ଠକେଇ ମାମଲାରେ ଚୋକ୍‌ସିଙ୍କ ସମ୍ପୃକ୍ତିର ଇଡି ତଦନ୍ତ ଆରମ୍ଭ ହୋଇଥିଲା। ଦେଶର ୧୩୬ରୁ ଅଧିକ ସ୍ଥାନର ଚଢ଼ଉ କରି ମୂଲ୍ୟବାନ ସମ୍ପତ୍ତି ଓ ଦସ୍ତାବିଜ ଜବତ କରାଯାଇଥିଲା।

# ଫେବୃୟାରୀରେ ବଜେଟ ବଢ଼ିପାରେ ଆୟକର ଛାଡ ସୀମା

ନୂଆଦିଲ୍ଲୀ ୧୧/୧୨: ଟିକସଦାତାଙ୍କୁ ମିଳିପାରେ ଖୁସି ଖବର। ଜୁଲାଇରେ ଉପସ୍ଥାପିତ ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବଜେଟରେ ଟିକସଦାତାଙ୍କୁ ଅଳ୍ପବହୁତେ ଆଶ୍ୱସ୍ତି ମିଳିଥିଲା। କିନ୍ତୁ ଆସନ୍ତା ବର୍ଷ ଫେବୃଆରୀ ୧ରେ ଉପସ୍ଥାପନ ହେବାକୁ ଥିବା ପରବର୍ତ୍ତୀ ବଜେଟରେ କମ୍ ଆୟ ବର୍ଗର ଟିକସଦାତାଙ୍କୁ ବଡ଼ ଆଶ୍ୱସ୍ତି ମିଳିବାର ସମ୍ଭାବନା ଅଛି। ନୂଆ ଟିକସ ଢାଞ୍ଚା ଅଧୀନରେ ୩ ଲକ୍ଷରୁ ୭ ଲକ୍ଷ ଟଙ୍କାର ଟିକସ ସ୍ଲାବ୍‌ରେ ଆସୁଥିବା ବ୍ୟକ୍ତିଗତ କରଦାତାଙ୍କୁ ଟିକସ ହ୍ରାସର ଲାଭ ମିଳିପାରେ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସରକାର ନୂଆ ବ୍ୟବସ୍ଥା ଅଧୀନରେ ଛାଡ଼ ସୀମାକୁ ୩ ଲକ୍ଷ ଟଙ୍କାରୁ ଆହୁରି ଅଧିକକୁ ବଢ଼ାଇପାରନ୍ତି। ସୂତ୍ର ଅନୁସାରେ, ନିମ୍ନ ଆୟ ବର୍ଗଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଶା କରାଯାଉଛି କିନ୍ତୁ ଉଚ୍ଚ ଟିକସ ସ୍ଲାବ୍ ପାଇଁ କୌଣସି ବଡ଼ ପରିବର୍ତ୍ତନ ଆଶା ନାହିଁ। ଜୁଲାଇରେ ଉପସ୍ଥାପିତ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍ଥିକବର୍ଷ ୨୦୨୪-୨୫ ପାଇଁ ନୂଆ ଟିକସ ବ୍ୟବସ୍ଥାରେ ଟିକସଦାତାଙ୍କୁ କିଛିଟା ଆଶ୍ୱସ୍ତି ଦେଇଥିଲେ। ଟିକସ ସ୍ଲାବ୍‌ରେ ପରିବର୍ତ୍ତନ କରାଯାଇଥିଲା। ଏହା ଅଧୀନରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବନି। ଏହାସହିତ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମାକୁ ୫୦,୦୦୦ ଟଙ୍କାରୁ ବଢ଼ାଇ ୭୫,୦୦୦ ଟଙ୍କା କରାଯାଇଥିଲା। ଶିଳ୍ପସଂଘ ସିଆଇଆଇ ସରକାରଙ୍କୁ ୨୦୨୪-୨୫ ପାଇଁ ଜିଡିପିର ୪.୯% ଏବଂ ୨୦୨୫-୨୬ ପାଇଁ ଜିଡିପିର ୪.୫% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟରେ ଅଟଳ ରହିବା ପାଇଁ ପରାମର୍ଶ ଦେଇଛି। ଏହା ସତର୍କ କରାଇଛି ଯେ, ଅତ୍ୟଧିକ ଆକ୍ରାମକ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଭାରତର ଆର୍ଥିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି ଯେ, ବିଶ୍ୱ ଅର୍ଥବ୍ୟବସ୍ଥା ଧୀମା ଗତିରେ ଯାଉଥିବାବେଳେ ଭାରତ ଦ୍ରୁତ ବେଗରେ ଆଗକୁ ବଢୁଛି। ବ୍ୟାପକ ଆର୍ଥିକ ସ୍ଥିରତା ପାଇଁ ବିବେକପୂର୍ଣ୍ଣ ରାଜକୋଷୀୟ ବ୍ୟବସ୍ଥା କରିବାକୁ ପଡ଼ିବ। ଆଗକୁ ବଜେଟ୍ ଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ଶୁକ୍ରବାରଠାରୁ ବିଭିନ୍ନ ଅଂଶୀଦାରମାନଙ୍କ ସହ ପ୍ରାକ୍-ବଜେଟ୍ ବୈଠକ ଆରମ୍ଭ କରିଛନ୍ତି। ବଜେଟ୍ ପ୍ରସ୍ତୁତି କାର୍ଯ୍ୟବିଧିର ଅଂଶବିଶେଷ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗାମୀ ବଜେଟ୍‌କୁ ନେଇ ପରାମର୍ଶ ଗ୍ରହଣ କରିବେ।

# ଶ୍ରମଶକ୍ତିରେ ଗ୍ରାମୀଣ ମହିଳାଙ୍କ ଯୋଗଦାନ ୪୨%

**ନୂଆଦିଲ୍ଲୀ, ୧୧/୧୨:** ଦେଶର ଶ୍ରମଶକ୍ତିରେ ମହିଳାଙ୍କ ଯୋଗଦାନ ହାର ବଡ଼ ଆକାରରେ ବଢ଼ିଛି। ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଏଥିରେ ଉଲ୍ଲେଖନୀୟ ପ୍ରଗତି ଦେଖିବାକୁ ମିଳିଥିବା ଅବଧିକାଳୀନ ଶ୍ରମଶକ୍ତି ସର୍ବେକ୍ଷଣ (ପିଏଲ୍‌ଏଫ୍‌ଏସ୍) ରୁ ଜଣାପଡ଼ିଛି। ଶ୍ରମଶକ୍ତିରେ ଗ୍ରାମୀଣ ମହିଳାଙ୍କ ଯୋଗଦାନ ହାର ୬୯% ବଢ଼ିଛି। ଏହା ୨୪.୬%ରୁ ୪୧.୫%ରେ ପହଞ୍ଚିଛି। ସେହିଭଳି ସହରାଞ୍ଚଳରେ ଏହା ୨୦.୪% ରୁ ବଢ଼ି ୨୫.୪% ସ୍ତରରେ ରହିଛି। ଏ କ୍ଷେତ୍ରରେ ୨୫% ଅଭିବୃଦ୍ଧି ଘଟିଛି। ସେହିଭଳି ରାଜ୍ୟ ସ୍ତରରେ ଏହାର ବଡ଼ ପାର୍ଥକ୍ୟ ରହିଛି। ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ଶ୍ରମଶକ୍ତିରେ ମହିଳାଙ୍କ ଯୋଗଦାନ ହାର ୨୩୩% ବୃଦ୍ଧି ହୋଇଥିବା ବେଳେ ବିହାର ୬ ଗୁଣ ଅଭିବୃଦ୍ଧି ହାସଲ କରିପାରିଛି। ଉତ୍ତରପୂର୍ବ ରାଜ୍ୟ ଗୁଡିକ ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛନ୍ତି। ନାଗାଲାଣ୍ଡ ୧୫.୭%ରୁ ୭୧.୧% ସ୍ତର ଛୁଇଁବାକୁ ସକ୍ଷମ ହୋଇଛି। ତେବେ ସହରାଞ୍ଚଳଗୁଡିକ ସାମଗ୍ରିକ ଭାବେ ସାମାନ୍ୟ ଅଭିବୃଦ୍ଧି କରିଛନ୍ତି। ସହରାଞ୍ଚଳ କଥା ବିଚାରକୁ ନେଲେ ଗୁଜରାଟରେ ଏହା ୧୬.୨%ରୁ ବଢ଼ି ୨୬.୪%, ତାମିଲନାଡୁରେ ଏହା ୨୭.୬% ରୁ ବଢ଼ି ୨୮.୮% ରହିଛି। ଶ୍ରମ ଶକ୍ତିରେ ପ୍ରାୟ ସବୁ ରାଜ୍ୟରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଅବିବାହିତ ମହିଳାଙ୍କ ତୁଳନାରେ ଗ୍ରାମାଞ୍ଚଳରେ ବିବାହିତ ମହିଳାଙ୍କ ଯୋଗଦାନ ହାର ଆଗରେ ରହିଛି। ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ରାଜ୍ୟଗୁଡିକ ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ଆଞ୍ଚଳିକ ଓ ଆନ୍ତଃ ରାଜ୍ୟ କଥା ବିଚାରକୁ ନେଲେ ଏ କ୍ଷେତ୍ରରେ ବଡ଼ ଭିନ୍ନତା ରହୁଛି। ପଞ୍ଜାବ ଓ ହରିଆଣାରେ ଏହି ହାର ଅପେକ୍ଷାକୃତ କମ୍। ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ବିହାରରେ ଏହି ହାର ସବୁଠାରୁ କମ୍ ରହୁଥିବା ବେଳେ ଏବେ ଏ କ୍ଷେତ୍ରରେ ବୃଦ୍ଧି ହେଉଛି। ଏହି ରାଜ୍ୟରେ ବିଶେଷ କରି ଗ୍ରାମାଞ୍ଚଳର ବିବାହିତ ମହିଳାମାନେ ଅଧିକ ସଂଖ୍ୟାରେ ଶ୍ରମଶକ୍ତିରେ ଯୋଡ଼ି ହେଉଛନ୍ତି। ଉତ୍ତରପୂର୍ବ ରାଜ୍ୟଗୁଡିକ ମଧ୍ୟରେ ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶ ଆଗରେ ରହିଛନ୍ତି। ପଶ୍ଚିମ ଏବଂ ଦକ୍ଷିଣ ଭାଗ ରାଜ୍ୟଗୁଡିକରେ ଗ୍ରାମାଞ୍ଚଳରେ ମହିଳାଙ୍କ ଅଂଶଗ୍ରହଣ ଆଖିଦୃଶିଆ ବୃଦ୍ଧି ହୋଇଛି।

ବିଗତ ୧୦ ବର୍ଷରେ ସରକାରଙ୍କ ମହିଳାଙ୍କ ସଶକ୍ତିକରଣ ଲାଗି ଅନେକ ଯୋଜନା ହାତକୁ ନେଇଛନ୍ତି। ଏହାର ସୁଫଳ ତୃଣମୂଳ ସ୍ତରରେ ଦେଖାଯାଇଛି ବୋଲି ପ୍ରଧାନମନ୍ତ୍ରୀଙ୍କ ଆର୍ôଥିକ ପରାମର୍ଶଦାତା ପରିଷଦର ସଦସ୍ୟ ଡକ୍ଟର ଶର୍ମିଳା ରବି ଏବଂ ଦିଲ୍ଲୀ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ଗବେଷକ ମୁଦିତ କପୁରଙ୍କ ଦ୍ୱାରା କରାଯାଇଥିବା ଏକ ବିଶ୍ଳେଷଣରେ କୁହାଯାଇଛି। ଓଡ଼ିଶା କଥା ବିଚାରକୁ ନେଲେ ଗତ ୫ ବର୍ଷରେ ଏଠାରେ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଲଗାତାର ବଢ଼ି ୨ ଗୁଣ ହୋଇଛି। ୨୦୧୭-୧୮ରେ ଏହା ୧୯.୫% ଥିବା ବେଳେ ୨୦୨୨-୨୩ରେ ୪୪.୭%କୁ ବଢ଼ିଛି। ଜାତୀୟ ସ୍ତରଠାରୁ ଓଡ଼ିଶାର ପ୍ରଦର୍ଶନ ଉନ୍ନତ ରହିଛି। ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ



ଏହା ୬୮.୬% ଥିବା ବେଳେ ନାଗାଲାଣ୍ଡରେ ୬୫.୨% ଏବଂ ମେଘାଳୟରେ ୬୦.୯% ରହିଛି। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ ମୁତାବକ, ଗତ ୫ ବର୍ଷ ହେବ ଜାତୀୟ ସ୍ତରରେ ଗତ ୫ ବର୍ଷରେ ମହିଳାଙ୍କ ଶ୍ରମ ଶକ୍ତିରେ ଅଂଶଗ୍ରହଣ ବଢ଼ିଛି। ୨୦୧୭-୧୮ରେ ଏହା ୨୩.୩% ଥିବା ବେଳେ ୨୦୨୨-୨୩ରେ ୩୭% ଛୁଇଁଛି। ୨୦୨୨-୨୩ରେ ଓଡ଼ିଶାର ଶ୍ରମ ଶକ୍ତି ଅଂଶଗ୍ରହଣ ହାର ଥିଲା ୫୬.୫%। ୨୦୧୯-୨୦ରେ ଏହା ୫୫.୩% ଥିଲା। ମହିଳାଙ୍କୁ ସମାନ ସୁବିଧା ସୁଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ କାର୍ଯ୍ୟସ୍ଥଳ ସହ ସବୈତନିକ ମାତୃତ୍ୱ ଛୁଟି, ସୁବିଧାଜନକ କାର୍ଯ୍ୟ ବିଧି ଏବଂ ସମାନ ବେତନ ପ୍ରଦାନ କରିବା ଭଳି ଶ୍ରମ ଆଇନରେ ନିୟମ ରହିଛି। ମହିଳାଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ଲାଗି ମହିଳା ଶିଳ୍ପ ତାଲିମ ପ୍ରତିଷ୍ଠାନ, ଜାତୀୟ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ, ଆଞ୍ଚଳିକ ଧନ୍ଦାମୂଳକ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଉଛି। ଏବେ ମଧ୍ୟ କୃଷି ଓ ନିର୍ମାଣ କ୍ଷେତ୍ରରେ ଅଧିକାଂଶ ମହିଳା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ମହିଳାଙ୍କୁ ଉନ୍ନତ ନିଯୁକ୍ତି ଓ ବେତନ ସୁବିଧା ଯୋଗାଣ ଦିଗରେ ରାଜ୍ୟ ଗୁଡିକ ଉଦ୍ୟମ କରୁଥିବା ଏହି ରିପୋର୍ଟରେ କୁହାଯାଇଛି।

# ଡିସେମ୍ବର ୧୪ରେ ଆଧାର କାର୍ଡ ମାଗଣା ଅପଡେଟ୍

**ନୂଆଦିଲ୍ଲୀ, ୧୧।୧୨:** ଆଧାର କାର୍ଡଧାରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଅଛି। ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର ଆଧାର ବିବରଣୀ ଅପଡେଟ୍ କରିନାହାନ୍ତି ସେମାନେ ଏହାକୁ ତୁରନ୍ତ ଅପଡେଟ୍ କରିନେବା ଉଚିତ୍। ମାଗଣାରେ ଆଧାର ଅପଡେଟ୍ କରିବାର ଶେଷ ତାରିଖ ଶୀଘ୍ର ସରିବାକୁ ଯାଉଛି । ଏହି ମାଗଣା ସେବା ଡିସେମ୍ବର ୧୪ ପର୍ଯ୍ୟନ୍ତ ଉପଲବ୍ଧ ହେଉଛି।

ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ), ଆଧାର ପରିଚାଳନା ପାଇଁ ଦାୟୀ କର୍ତ୍ତୃପକ୍ଷ, ବିନା ମୂଲ୍ୟରେ ୧୪ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଆଧାର ଅପଡେଟ୍ ପାଇଁ କଟ୍ ଅଫ୍ ତାରିଖ ବଢ଼ାଇ ଥିଲେ। ବର୍ତ୍ତମାନ ଏହି ସମୟସୀମାକୁ ଆହୁରି ବଢ଼ାଇବାର ଆଶା କମ୍ ଅଛି । ତେଣୁ, ଆଧାର ବିବରଣୀକୁ ମାଗଣାରେ ଅପଡେଟ୍ କରିବା ପାଇଁ ଶୀଘ୍ର, ୟୁଆଇଡିଏଆଇ ୱେବସାଇଟ୍‌କୁ ଯାଇ କରାଇନେବା ଆବଶ୍ୟକ। ୟୁଆଇଡିଏଆଇ ଧାର୍ଯ୍ୟ ସମୟ ମଧ୍ୟରେ ଆଧାର କାର୍ଡର ସବିଶେଷ ତଥ୍ୟ ଅପଡେଟ୍ କରିବାକୁ ପରାମର୍ଶ ଦେଇଥାଏ। ସମୟସୀମା ମଧ୍ୟରେ ଆଧାର ଅପଡେଟ୍ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆଧାର ଏକ ଦଶନ୍ଧି କିମ୍ବା ତା'ଠାରୁ ଅଧିକ ପୂର୍ବରୁ କରାଯାଇଛି ତେବେ




ଆଧାର ସୂଚନା ଅପଡେଟ୍ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାବାଳକମାନଙ୍କ ପାଇଁ ଦିଆଯାଇଥିବା ଆଧାର ୧୫ ବର୍ଷ ବୟସ ସମାପ୍ତ ହେବା ପରେ ବାୟୋମେଟ୍ରିକ୍ ଅପଡେଟ୍ ଆବଶ୍ୟକତା ରହିଥାଏ। ତଥ୍ୟ ବୈଧ ରହିବା ନିଶ୍ଚିତ କରିବାକୁ, ୧୫ବର୍ଷର ପିଲାମାନଙ୍କର ଆଧାର ଅପଡେଟ୍ କରିବା ଆବଶ୍ୟକ। ଯଦି ଅସ୍ତ୍ରୋପଚାର, ଦୁର୍ଘଟଣା କିମ୍ବା ଚିକିତ୍ସା ଯୋଗୁ କାର୍ଡ ଧାରକଙ୍କର ବାୟୋମେଟ୍ରିକ୍ (ଯଥା, ଫିଙ୍ଗର ପ୍ରିଣ୍ଟ କିମ୍ବା ଆଇରିସ୍ ସ୍କାନ୍) ବଦଳିଛି, ତେବେ ଏସବୁ ଆଧାରରେ ଅପଡେଟ୍ କରିବାକୁ ପଡିଥାଏ। ଅନଲାଇନ୍‌ରେ ଆଧାର ବିବରଣୀ ଅପଡେଟ୍ କରିବାକୁ ହେଲେ- ଆଧାର ସ୍ୱୟଂସେବା ଅପଡେଟ୍ ପୋର୍ଟାଲକୁ ପ୍ରବେଶ କରିବାକୁ, myaadhaar.uidai.gov.in ପରିଦର୍ଶନ କରନ୍ତୁ। ଆଧାର ନମ୍ବର ପ୍ରବେଶ କରନ୍ତୁ ଏବଂ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ପଠାଯାଇଥିବା ଓଟିପି ସହିତ ପ୍ରାମାଣିକରଣ କରନ୍ତୁ। ପ୍ରଦର୍ଶିତ ସୂଚନା ଯାଞ୍ଚ କରନ୍ତୁ, ଯେପରିକି ନାମ ଏବଂ ଠିକଣା। ଯଦି ଅପଡେଟ୍ କରିବାର ଆବଶ୍ୟକତା ହୁଏ ତେବେ ଅପଡେଟ୍ କରନ୍ତୁ। ସମ୍ପୃକ୍ତ ଡକ୍ୟୁମେଣ୍ଟ୍ ପ୍ରକାର ଚୟନ କରନ୍ତୁ (ଯଥା, ପରିଚୟ କିମ୍ବା ଠିକଣାର ପ୍ରମାଣ) ଏବଂ ଜେପିଇଜି,ପିଏନଜି, କିମ୍ବା ପିଡିଏଫ ଫର୍ମାଟରେ ଏକ ସ୍ୱଚ୍ଛ ସ୍କାନ୍ ହୋଇଥିବା କପି ଅପଲୋଡ୍ କରନ୍ତୁ (ସର୍ବାଧିକ ଫାଇଲ୍ ଆକାର ୨ ଏମବି ପର୍ଯ୍ୟନ୍ତ ହେବା ଉଚିତ)। ଆବେଦନ ଦାଖଲ କରିବା ପରେ, ଅପଡେଟ୍‌ର ସ୍ଥିତିକୁ ଟ୍ରାକ୍ କରିବାକୁ ଏକ ସେବା ଅନୁରୋଧ ନମ୍ବର (ଏସଆରଏନ) ମିଳିବ।

# ଟଙ୍କିକିଆ ନୋଟ୍ ଓ ମୁଦ୍ରାରେ ନଥାଏ ଆରବିଆଇ ଗର୍ଭନରଙ୍କ ଦସ୍ତଖତ

**ନୂଆଦିଲ୍ଲୀ,୧୧।୧୨:** ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏପରି କୌଣସି ନୋଟ ଜାରି କରେ ନାହିଁ ଯେଉଁଥିରେ ଗର୍ଭନରଙ୍କ ଦସ୍ତଖତ ରହେନାହିଁ। ପ୍ରତ୍ୟେକ ନୋଟ ମଝିରେ ଗର୍ଭନରଙ୍କ ଦସ୍ତଖତ ରହିଥାଏ। ଆରବିଆଇର କାମ କେବଳ ନୋଟ ଛାପିବା ନୁହେଁ ବରଂ ବ୍ୟାଙ୍କଗୁଡିକ ପାଇଁ ସୁଧ ହାର ସ୍ଥିର କରିବା। ତେବେ ବ୍ୟାଙ୍କଗୁଡ଼ିକୁ ମଧ୍ୟ ଏହା ପରିବର୍ତ୍ତନ କରିବାର ଅଧିକାର ରହିଛି। ବର୍ତ୍ତମାନ ଶକ୍ତିକାନ୍ତ ଦାସଙ୍କର ସ୍ଥାନ ନେଇଛନ୍ତି ସଞ୍ଜୟ ମାଲହୋତ୍ରା। ଡିସେମ୍ବର ୧୧ରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଦାୟିତ୍ୱ ନେବେ। ଏହାପୂର୍ବରୁ ସେ ରାଜସ୍ୱ ସଚିବ ଭାବରେ କାର୍ଯ୍ୟ କରିଥିଲେ।

ପୂର୍ବରୁ ଶକ୍ତିକାନ୍ତଙ୍କ ଦସ୍ତଖତ ଥିବା ନୋଟ୍ ପ୍ରଚଳନ ହେଉଥିବାବେଳେ ଖୁବ ଶୀଘ୍ର ଆରବିଆଇ ଦ୍ୱାରା ନୂଆ ଗଭର୍ନର ସଞ୍ଜୟଙ୍କ ଦସ୍ତଖତ ଥିବା ନୋଟ୍ ଜାରି ହେବ। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ, ଭାରତୀୟ ନୋଟରେ ଗର୍ଭନରଙ୍କ ଦସ୍ତଖତ କାହିଁକି ଆବଶ୍ୟକ ଏବଂ ଦସ୍ତଖତ ବିନା ନୋଟ ଜାରି ହୋଇପାରିବ କି ନାହିଁ। ଆରବିଆଇକୁ ଅନେକ କ୍ଷମତା ମିଳିଛି, ଏହାର ଗୋଟିଏ କାରଣ ହେଉଛି ଆଇନ। ଆରବିଆଇ ଆକ୍ଟ, ୧୯୩୪ ଅନୁସାରେ ଆରବିଆଇକୁ ମୁଦ୍ରା ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ଆରବିଆଇ ଆକ୍ଟର




ଧାରା ୨୨ ଅନୁଯାୟୀ ଏହି ବ୍ୟାଙ୍କକୁ ମୁଦ୍ରା ପ୍ରଚଳନ କରିବାର ମଧ୍ୟ ଅଧିକାର ରହିଛି। ସବୁ ମୁଦ୍ରା ଓ ନୋଟ୍ ଉପରେ ଗର୍ଭନରଙ୍କ ଦସ୍ତଖତ ଅଛି, କିନ୍ତୁ କୌତୁହଳର ବିଷୟ ହେଉଛି ଏପରି ଏକ ନୋଟ୍ ଅଛି ଯେଉଁଥିରେ ତାଙ୍କ ଦସ୍ତଖତ ନଜର ଆସେନାହିଁ। ତାହା ହେଉଛି ଏକ ଟଙ୍କିଆ ନୋଟ ବା ମୁଦ୍ରା। କାରଣ ଏକ ଟଙ୍କିଆ ଆରବିଆଇ ଜାରି କରେନାହିଁ। ଏହା ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଏ। ଏହି ଟଙ୍କାରେ ମନ୍ତ୍ରଣାଳୟର ସଚିବଙ୍କ ଦସ୍ତଖତ ରହିଛି। ଏହି କାରଣରୁ ଏକ ଟଙ୍କିଆରେ ଆରବିଆଇ ଗର୍ଭନରଙ୍କ ଦସ୍ତଖତ ନାହିଁ। କିନ୍ତୁ ଦୁଇ ଟଙ୍କା ଏବଂ ଏହାଠାରୁ ଅଧିକ ମୂଲ୍ୟର ନୋଟରେ ଗର୍ଭନରଙ୍କ ଦସ୍ତଖତ ବାଧ୍ୟତାମୂଳକ ଅଟେ। ନୋଟଗୁଡିକରେ ଦସ୍ତଖତ କରିବାର ଏକ କାରଣ ରହିଛି। କାରଣ ଏହାଦ୍ୱାରା ନୋଟଗୁଡିକୁ ବୈଧ ଘୋଷିତ ହୋଇପାରିବ। ଯେତେବେଳେ ଗର୍ଭନରଙ୍କ ଦସ୍ତଖତ ସହିତ ଏକ ନୋଟ ଜାରି କରାଯାଏ, ସେତେବେଳେ ଏହିକଥାର ଗ୍ୟାରେଣ୍ଟି ଥାଏ କି ନୋଟର ମୂଲ୍ୟ ସହିତ ସମାନ ପରିମାଣର ଅର୍ଥ ଦେବାର ଦାୟିତ୍ୱ ଭାରତର ରିଜର୍ଭ ବ୍ୟାଙ୍କ ପାଖରେ ରହିଛି। ଏଥିପାଇଁ ଏହି ନୋଟ୍ ଉପରେ ଲେକାଯାଏ... ମୁଁ ଧାରକକୁ ୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଉଛି। ସାଧାରଣ ଭାଷାରେ ମୁଦ୍ରାକୁ ଏକ ନୋଟ ବୋଲି କୁହାଯାଉଥିଲେ ମଧ୍ୟ ବ୍ୟାଙ୍କ ଏହାକୁ ଏକ ପ୍ରୋମୋସୋରୀ ନୋଟ ବୋଲି କହିଥାଏ। କାରଣ ଏଥିରେ ଏକ ପ୍ରତିଶ୍ରୁତି ଦିଆଯାଇଛି। ଏହି ଲେଖା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ମୁଦ୍ରାର ମୂଲ୍ୟ ବିଷୟରେ ଉଲ୍ଲେଖ କରାଯାଇଛି ଏଥିସହ ଗଭର୍ନର ଏଥିରେ ଦସ୍ତଖତ କରି ଏହାକୁ ନଶ୍ଚିତ କରିଛନ୍ତି।

ଦୁର୍ଗମ ଅଂଚଳର ଦୁଃଖ

# ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଗାଁ



**କଳାହାଣ୍ଡି,୧୨।୧୨ (ସଂଚାର ବ୍ୟୁରୋ):** ୫-ଜି ଯୁଗରେ ହାତ ପାହାନ୍ତାରେ ସବୁ ସୁବିଧାରେ ମିଳୁଥିବା ବେଳେ ଆଜି ବି ମୌଳିକ ସୁବଧାରୁ ବଞ୍ଚିତ ଅଛି ଅନେକ ଗାଁ। ପିଇବା ପାଣି ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଦ୍ୟୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଞ୍ଚାୟତ ଅଧୀନରେ ଥିବା ନଳାଚୁଆଁ ସେଥିମଧ୍ୟରୁ ଅନ୍ୟତମ ।
ପାହାଡ ଉପରେ ନାହିଁ ନାହିଁରେ ଜୀବନ ବିତାଉଛନ୍ତି ନଳାଚୁଆଁ ଗାଁର ୩୦ ପରିବାର । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଞ୍ଚାୟତର ନଳାଚୁଆଁ ଲୋକଙ୍କ ପାଇଁ ମୌଳିକ ସୁବିଧା ଯେମିତି ସାତ ସପନ ପାଲଟିଛି। ଖାଲଖମାରେ ଭରପୁର ପାହାଡିଆ ଘାଟି ରାସ୍ତା ଏମାନଙ୍କ ପାଇଁ ଏକମାତ୍ର ଭରସା । ରାସ୍ତା ମଝିରେ ଯାଇଥିବା ନାଳ ବିକାଶରେ ବାଧକ ସାଜିଛି । ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଓ ବିଦ୍ୟୁତ ଭଳି ସବୁ ମୌଳିକ ସୁବିଧା ଯେମିତି ବାଟବଣା ହୋଇଯାଇଛି। ଘାଟି ରାସ୍ତା ଶୋଚନୀୟ ଯୋଗୁଁ ରୋଗୀ, ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। ଦୀର୍ଘ ଦିନରୁ ଗାଁରେ ଲାଗିଥିବା ସୋଲାର ସିଷ୍ଟମ ଅଚଳ ହୋଇପଡ଼ିଛି। ଗାଁରେ ଥିବା ଗୋଟିଏ ମାତ୍ର ନଳକୂପରୁ ପାଣି ପିଉଛନ୍ତି ଗ୍ରାମବାସୀ। ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଛି । ହେଲେ ରାସ୍ତା ଖରାପ ଯୋଗୁଁ ଘରକାମ ପାଇଁ ଆବଶ୍ୟକ ହେଉଥିବା ଜିନିଷ ଆଣିପାରୁନାହାନ୍ତି ଲୋକେ । ବର୍ଷା ଦିନେ ଗାଁକୁ ଶିକ୍ଷକ କି ସ୍ୱାସ୍ଥ୍ୟକର୍ମୀ ଆସିପାରନ୍ତି ନାହିଁ । ଗାଁ ପାଇଁ ମୁଖ୍ୟ ବାଧକ ସାଜିଛି ଘାଟି ରାସ୍ତା। ଘାଟି ତଳେ ରହିଥିବା ଭାଟିପାସ ଗାଁ ପର୍ଯ୍ୟନ୍ତ ଭଲ ରାସ୍ତା ଅଛି । ଏହି ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଗ୍ରାମବାସୀ ମାନେ ଦାବି କରି ଆସୁଛନ୍ତି । କିନ୍ତୁ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ଗାଁ । ଗାଁକୁ ପକ୍କା ରାସ୍ତାଟିଏ ହେଲେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତେ ଏହି ଗାଁର ଅଧିବାସୀ ।

## ବୃଦ୍ଧ ଦମ୍ପତ୍ତିଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

### ଜୀବନ ହାରିଲେ ବୃଦ୍ଧା

**ନୟାଗଡ଼,୧୨।୧୨(ସଂଚାର ବ୍ୟୁରୋ):** ଗତ କାଲି ନୟାଗଡ଼ ଜିଲ୍ଲାର ନୟାଗଡ଼ ବ୍ଲକ ଅନ୍ତର୍ଗତ ଚଢ଼ିବସ୍ତ ଗ୍ରାମର ଉଦୟନାଥ ମଙ୍ଗଳ ଓ ସ୍ତ୍ରୀ ଦାମୀ ମଙ୍ଗଳ ଉଭୟ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୂଚନା ଅନୁସାରେ ଏହି ଦମ୍ପତ୍ତି ଙ୍କ ର ତିନି ଜଣ ପୁଅ ଅଛନ୍ତି କିନ୍ତୁ ସେହି ପିଲାମାନେ ଏହି ଦମ୍ପତ୍ତି ଙ୍କୁ କେହି ପାଖରେ ରଖନ୍ତି ନାହିଁ। ଦମ୍ପତ୍ତି ଦ୍ୱୟ ବହୁବର୍ଷ ଏକାକୀ ରହି ଆସୁଥିଲେ ବର୍ତ୍ତମାନ ବୟସ ଅଧିକା ହେବାରୁ ମାନସିକ ଚାପରେ ଦୁହେଁ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲେ ବୃଦ୍ଧା ଜଣଙ୍କ ଜୀବନ ହରାଇଥିବା ବେଳେ ବୃଦ୍ଧ ଗୁରୁତର ଅବସ୍ଥାରେ ନୟାଗଡ଼ ମେଡ଼ିକାଲ ରେ ଚିକିତ୍ସିତ ହେଉଛନ୍ତି।



## କୋଶଳ ଉଚ୍ଚ ବିଦ୍ୟାଳୟ ରାସ୍ତା ମଝିରେ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ



**ସୋନପୁର,୧୨।୧୨ (ସଂଚାର ବ୍ୟୁରୋ):** ସରକାର ବିପଦମୁକ୍ତ ବିଦ୍ୟୁତ୍ ଯୋଗାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ସମୟରେ ବିଦ୍ୟୁତ ଜନିତ ଦୁର୍ଘଟଣା ଘଟିବା ସହ ଅନେକ ଧନଜୀବନ ହାନି ହେଉଥିବାର ନଜିର ରହିଛି। ଏଭଳି ଏକ ବିଭାଗୀୟ ଅବହେଳାର ଚିତ୍ର ଦେଖିବାକୁ ମିଳିଛି ସୋନପୁର ସହରର ଅଧିନସ୍ଥ ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ନିକଟ ଗଳି ରାସ୍ତାର ମଧ୍ୟ ଭାଗରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବା ଯୋଗୁଁ ରାସ୍ତା ଉପରେ ନିର୍ଭରଶୀଳ ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ରାସ୍ତାଦେଇ ଚାରିଚକିଆ ଯାନ ଯାତାୟାତ କରୁନଥିବା ଏବଂ ସାଇକେଲ କିମ୍ବା ବାଇକରେ ଯାତାୟାତ କରୁଥିବା ଲୋକେ ଅଘଟଣ ଆଶଙ୍କାରେ ରହିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ମହିଳା କଲେଜ୍‌ରେ ଆଲୋଚନା ଚକ୍ର



**ଜୟପୁର,୧୧।୧୨ (ସଂଚାର ବ୍ୟୁରୋ):** ଆଜି ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ଦିବସୀୟ ମାନବିକ ଅଧିକାରର ସମସ୍ୟା ଓ ପରିପେକ୍ଷି ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଟି ବିଗୀୟ ମୁଖ୍ୟ ଶ୍ରୀମତୀ ସୀମା ମହାପାତ୍ର ଙ୍କ ତତ୍ତ୍ୱାବଧାନ ରେ ଶୁଭାରମ୍ଭ ହୋଇଥିଲା ।ପ୍ରାରମ୍ଭରେ ମୁଖ୍ୟ ଅତିଥି,ବିଭାଗୀୟ ମୁଖ୍ୟ ,ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶ୍ରୀମତୀ ମହାପାତ୍ର ତାଙ୍କର ବହୁମୂଲ୍ୟ ବକ୍ତବ୍ୟରେ ବିଶ୍ୱ ଇତିହାସ ରେ ମାନବିକ ଅଧିକାରର ଉତ୍ପତ୍ତି ,ପୃଷ୍ଠଭୂମି ଏବଂ ବର୍ତମାନ ପରିପ୍ରେକ୍ଷୀରେ ତାହାର ତାତ୍ପର୍ଯ୍ୟ ଉପରେ ସୁନ୍ଦର ଆଲୋକପାତ କରିଥିଲେ। ସେହିପରି ଅଧ୍ୟାପିକା ଶ୍ରୀମତୀ ଗାୟତ୍ରୀ ମହାପାତ୍ର ପାଶ୍ଚାତ୍ୟ ଏବଂ ପୂର୍ବ ରାଜନୈତିକ ପରମ୍ପରାରେ ମାନବିକ ଅଧିକାରର ମୂଲ୍ୟବୋଧ ସହ ନାରୀ ସଶକ୍ତିକରଣ ର ବିକାଶ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର ରଣା ,ଅଧ୍ୟାପିକା ରିଙ୍କି ନାୟକ,ରୁପାଲୀ ନାଗ ମଧ୍ୟ ନିଜ ନିଜ ବକ୍ତବ୍ୟରେ ମାନବିକ ଅଧିକାର ସୁରକ୍ଷା ,ସମୃଦ୍ଧି ,ଭାରତୀୟ ସମ୍ବିଧାନ ରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନାରେ ସର୍ବମୋଟ ୧୧ ଟି ସନ୍ଦର୍ଭ ଉଭୟ ସ୍ନାତକୋତ୍ତର ଏବଂ ସ୍ନାତକ ବିଭାଗର ଛାତ୍ରୀ ମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିଲା ।

## ଭେଡେନରେ ଭିନ୍ନକ୍ଷମ ଦିବସ ପାଳିତ

**ଭେଡେନ,୧୨।୧୨ (ସଂଚାର ବ୍ୟୁରୋ):** ଆଞ୍ଚଳିକ ଜନକଲ୍ୟାଣ ଭିନ୍ନ କ୍ଷମ ସଂଗଠନ ଭେଡେନ ଦ୍ୱାରା ବିଶ୍ୱ ଭିନ୍ନ କ୍ଷମ ଦିବସ ୨୦୨୪ ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଭେଡେନ ତଥା ବରଗଡ, ଅତାବିରା, ଡୁଗୁଂରିପାଲି ବ୍ଲକ ରୁ ଭିନ୍ନ କ୍ଷମ ଭାଇ ଭଉଣୀ ଓ ବରିଷ୍ଠ ନାଗରିକ ମାନେ ପ୍ରାୟ ୩୦୦ ଜଣ ଯୋଗଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରି ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ତ୍ରିପୁରା ମହାନନ୍ଦ ଭେଡେନ ବ୍ଲକ ବି. ଡି. ଓ, ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ଚକ୍ରପାଣି ଦାଶ, ବି ଏସ୍ ଏସ୍ ଓ ଭେଡେନ, ସମ୍ମାନିତ ଅତିଥି ଭାବେରେ ଶ୍ରୀଯୁକ୍ତ ଅଶୋକ ଅଗ୍ରୱାଲ ଉପ ସଭାପତି ପାୱାର ଅଫ୍ ଦିବ୍ୟାଗଂସ୍ ବରଗଡ଼, ଶ୍ରୀଯୁକ୍ତ ରତନଲାଲ୍ ଅଗ୍ରୱାଲ ମୁଖ୍ୟ ସଂଯୋଜକ ପାୱାର ଅଫ୍ ଦିବ୍ୟାଗଂସ୍ ବରଗଡ଼, ସଭାପତିତ୍ୱ କରି ଥିଲେ। ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଭୋଇ। ଏହି ସଭାରେ ପାରା ଅଲମ୍ପିକରେ ଭାଗ ନେଇଥିବା ଖେଳାଳି ମାନଙ୍କ ସମ୍ମାନିତ କରାଜାଥିଲା ଓ ଭିନ୍ନ କ୍ଷମ ଶିଶୁ, ବାଳିକା ମାନଙ୍କର ପ୍ରତିଯୋଗିତା କରି ଯେଉଁ ମାନେ ପ୍ରଥମ, ଦିତିୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଏହି ସଭାରେ ଫିରୋଜ ଚିରଗୁନ, ଧ୍ରୁବଲେଶ୍ୱର ବଗର୍ତ୍ତୀ, ଗଣେଶ ବଗର୍ତ୍ତୀ, କୈଳାଶ ମେହେର, ରୋହିତ ସାହୁ, ଚକ୍ରମଣି ଭୁଏ, ରାଧେ ମେଲ୍ଲି, ଲକ୍ଷ୍ମୀ ମେହେର, ପ୍ରେମାନନ୍ଦ ମେହେର, ଶୁସାନ୍ତ ମେହେର, ବେଣୁଧର ସାଥୁଆ, ଓ ମନୋଜ ଛୁରିଆ ଏବଂ ଅନ୍ୟ ସମସ୍ତେ ଉପସ୍ଥିତ ରହି ବିଶେଷ ସହଯୋଗ କରିଥିଲେ। ଶେଷ ରେ ଶ୍ରୀ ରୋହିତଶ୍ୱ ସାହୁ ଧନ୍ୱାଦ ପ୍ରଦାନ କରି ଥିଲେ।

# କୋରାପୁଟ ଜିଲ୍ଲାରେ ଧାନମଣ୍ଡି ଶୁଭାରମ୍ଭ



**ବୋରିଗୁମ୍ମା,୧୧।୧୨(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲାସ୍ତରୀୟ ଖରିଫ ବର୍ଷ ଧନମଣ୍ଡି ବୁଧବାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଲୋମଣୀ ସେଠି, ଜିଲ୍ଲା ଜଗାଣବିଭାଗ ଅଧିକାରୀ ପ୍ରଦୀପ ପଣ୍ଡା, ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ସସ୍ୟା ରେଡି, ଡିଆରସିଏସ ଭୀମସେନ ସାହୁ, କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ,ଜୟପୁର ବିଧାୟକ ପ୍ରତିନିଧି ଦେବେନ୍ଦ୍ର ବାହିନୀପତି,ବୋରିଗୁମ୍ମା ଲ୍ୟାମ୍ପ ସଭାପତି ଲାଲୁମଣି ସିଂଘ ଯୋଗଦେଇ ପୂର୍ବରୁ ଚାଷୀମାନେ ଟୋକନ୍ ପାଇବାରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ବର୍ତମାନ ଆଉ ହେବନାହିଁ, କାରଣ ଯଦି କୌଣସି କାରଣରୁ ଟୋକନଜନିତ କିଛି ଅସୁବିଧା ରହେ ତା'ହେଲେ ଜିଲ୍ଲା ଏବଂ ଜିଲ୍ଲାପାଳଙ୍କ ସ୍ତରରେ ଉକ୍ତ ଅସୁବିଧାର ସମାଧାନ ହୋଇପାରିବ ବୋଲି କହିଛନ୍ତି ଏବଂ ବର୍ତ୍ତମାନ ଆଉ ଜିଲ୍ଲାର ଧାନ ଜିଲ୍ଲା ବାହାରକୁ କିମ୍ବା ରାଜ୍ୟ ବାହାରକୁ ଯାଇପାରିବ ନାହିଁ, କାରଣ ଚଳିତବର୍ଷ ଏସବୁକୁ ରୋକିବାକୁ ଆମ ଜିଲ୍ଲାର ପ୍ରତ୍ୟେକ ସୀମା ଅଞ୍ଚଳରେ ପୁଲିସ ମୁତୟନ ହୋଇଛନ୍ତି ଏବଂ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ସୁରୁଖୁରୁରେ ଧାନକିଣା ଶେଷ ପାଇଁ ସମସ୍ତ ଚାଷୀ, ମିଲର ଏବଂ ପ୍ରଶାସନର ମିଳିତ ସହଯୋଗ ନିତାନ୍ତ ଆବଶ୍ୟକ ଏବଂ ସମସ୍ତଙ୍କ ସହଯୋଗରେ ହିଁ ମଣ୍ଡି ପରିଚାଳନା ସୁରୁଖୁରରେ ହୋଇଥାଏ ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ମଂଚାସୀନ ଅତିଥି । ସମ୍ମାନୀତ ଅତିଥି ଭାବରେ ବୋରିଗୁମ୍ମାର ବରିଷ୍ଠ ଚାଷୀ ବିବେକାନନ୍ଦ ପଟନାୟକ, କେଶବ ପଣ୍ଡା, ବୃନ୍ଦାବନ ପଣ୍ଡା ଯୋଗଦେଇ ପୂର୍ବବର୍ଷମାନଙ୍କରେ ସୁରୁଖୁରୁରେ ଧାନକିଣା ହେଉଥିବାବେଳେ ଚଳିତବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଡ଼ିଓ ସନ୍ଧ୍ୟା ସମରଥ, ତହସିଲଦାର ଅମୃତ ଲାଲ ବେହେରା ପ୍ରମୁଖ ବ୍ଲକ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ମିଲର ସଂଘ ସଭାପତି ଫିରୋଜ ଶତପଥୀ ସମେତ ଶତାଧିକ ଅଞ୍ଚଳ ଚାଷୀ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ସ୍ଥାୟୀ ଓ ଅସ୍ଥାୟୀ ଧାନମଣ୍ଡି ଦ୍ୱାରା ଚାଷୀମାନଙ୍କର ଉତ୍ପାଦିତ ଧାନ କିଣିବାକୁ ବ୍ୟବସ୍ଥା କରାଯାଇଥିବାବେଳେ ଜିଲ୍ଲାର ଲ୍ୟାମ୍ପ୍ , ପାଣି ପଞ୍ଚାୟତ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ କିଣାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ଜିଲ୍ଲାରେ ସମସ୍ତ ମଣ୍ଡି ମାନଙ୍କରେ ଚାଷୀ ମାନଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା। ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ବହୁ ମିଲ ମାଲିକ,ସ୍ଥାନୀୟ ଚାଷୀ ଏବଂ କେସିସି ବ୍ୟାଙ୍କ ଶାଖା ପରିଚାଳକ ମୋନଜ ଦାସ,ବୋରିଗୁମ୍ମା ଲ୍ୟାମ୍ପ ନିର୍ଦେଶକ ପ୍ରସନ୍ନ କୁମାର ମିଶ୍ରଙ୍କ ସମେତ ଆରଏମ୍‌ସିର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

## ପିଏମ୍ ବିଶ୍ୱକର୍ମା ଯୋଜନା ଦିଗହରା

**ଖପ୍ରାଖୋଲ,୧୧।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମର ମଦନ ମୁଣ୍ଡା ପିଏମ୍ ବିଶ୍ୱକର୍ମା ଯୋଜନା ରେ ଅନ୍ତର୍ଭୂକ୍ତ ହେବା ପାଇଁ ଅନଲାଇନ ଆବେଦନ କରିଛନ୍ତି । ଆବେଦନ କରିବାର ଆଜକୁ ତିନି ମାସ ବିତିଗଲାଣି ହେଲେ ଦୁଃଖ ର କଥା ଆଜି ପର୍ଯ୍ୟନ୍ତ ତାଙ୍କ ଆବେଦନ କୁ ଗ୍ରାମପଞ୍ଚାୟତ କର୍ତୃପକ୍ଷ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ଆଣିଛନ୍ତି । ତାଙ୍କର ଅଭିଯୋଗ ଅନୁସାରେ ସେ ପିଏମ୍ ବିଶ୍ୱକର୍ମା ଯୋଜନା ରେ ତାଙ୍କୁ କାହିଁକି ଦୁଇ ମାସ ହେଲା ଅନ୍ତର୍ଭୂକ୍ତ କରାଯାଇନଥିବା କଥାକୁ ନେଇ ସମାଜସେବୀ ରୁପେନ୍ଦ୍ର ମୁଣ୍ଡା ଟ୍ୱଇଟ ମାଧ୍ୟ୍ୟମରେ ସିଧାସଳଖ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଙ୍କୁ ଟୁଇଟର ରେ ଅନୁରୋଧ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ପ୍ରକାରର ସୂଚନା ମିଳି ନାହିଁ। ସରକାର କୁଶଳୀ ଅଣକୁଶଳୀ କାରିଗର ମାନଙ୍କ ସୁବିଧା ପାଇଁ ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରିଛନ୍ତି ହେଲେ ପ୍ରଶାସନ ପାଖରେ କୌଣସି ଉତ୍ତର ନାହିଁ । ଏଥିରୁ ଜଣାପଡୁଛି ସରକାର ଙ୍କ ପ୍ରଚଳିତ ଯୋଜନା ଫେଲ ମାରୁଛି । ହିତାଧିକାରୀ ମାନଙ୍କୁ ଅନ୍ଧାରରେ ରଖି ଦିନଗଡାଇ ଚାଲିଛନ୍ତି । ସରକାର ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

## ସୁବର୍ଣ୍ଣ ଲୋକ ମହୋତ୍ସବର ସାଂସ୍କୃତିକ କମିଟି ବୈଠକ



**ସୁବର୍ଣ୍ଣପୁର,୧୧।୧୨ (ସଂଚାର ବ୍ୟୁରୋ):** ୨୦୨୫ ଜାନୁୟାରୀ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ ରେ ଅନୁଷ୍ଠିତ ହେବ। ଆୟୋଜିତ ଏହି ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ଆଜି ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀଙ୍କ ପୌରହିତ୍ୟ ରେ ସୁବର୍ଣ୍ଣ ଲୋକ ମହୋତ୍ସବ ସାଂସ୍କୃତିକ କମିଟି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିପରିପ୍ରେକ୍ଷୀର ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ କୁ ଅଧିକ ଆକର୍ଷଣୀୟ କରିବାପାଇଁ ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇ ସର୍ବାଧିକ ଲୋକପ୍ରିୟ ଥିବା ସାଂସ୍କୃତିକ ଦଳ ମାନଙ୍କୁ ପ୍ରାଥମିକତା ଦେବାପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଜିଲ୍ଲା ର ସମସ୍ତ ବ୍ଲକ ର ବିକେଏସ୍‌ଏସ୍ , ପୌରାଞ୍ଚଳ ଓ ଏନ୍‌ଏସି ତଥା ରାଜ୍ୟ ସଂସ୍କୃତି ବିଭାଗ ଓ ରାଜ୍ୟ ବାହାର ର ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କୁ ନେଇ ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଥିଏଟର ମାର୍ଚ୍ଚରେ ଅନ୍ୟୁନ ୬୦୦ ଲୋକକଳାକାର ମାନଙ୍କୁ ନେଇ ଆୟୋଜନ କରାଯିବାକୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ଆଜିର ଏହି ବୈଠକ ରେ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିସିସି ସଭ୍ୟ ମାନଭଞ୍ଜନ ମିଶ୍ର, ଦିଲ୍ଲୀପ ପାତ୍ର, ପ୍ରଦ୍ୟୁମ୍ନ କୁମାର ସାହୁ ବେଣୀମାଧବ ବେଦବାକ, ଲଡୁ କିଶୋର ମଲ୍ଲିକ,ନିରାକାର ଦେହେରୀ, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ମତାମତ ପ୍ରଦାନ କରିଥିଲେ ।

## ଜଳିଗଲା ୧୦ ଭୋଗ ଦୋକାନ



**କେନ୍ଦୁଝର,୧୧।୧୨(ସଂଚାର ବ୍ୟୁରୋ):** ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କ ମନ୍ଦିର ସମ୍ମୁଖରେ ଥିବା ଭୋଗ ଦୋକାନରେ ନିଆଁ ଲାଗିଯାଇଛି। ନିଆଁରେ ୧୦ରୁ ଅଧିକ ଭୋଗ ଲୋକ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ତାରିଣୀ ମନ୍ଦିର ୨ନମ୍ବର ଗେଟ ନିକଟରେ ଥିବା ଏକ ଭୋଗ ଦୋକାନରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ନିଆଁଲାଗି ୧୦ରୁ ଅଧିକ ଦୋକାନ ପୋଡ଼ି ଯାଇଥିଲା।

## 'ନୟାଗଡ଼ପେକ୍ସ-୨୦୨୫' ଡାକ ଟିକଟ ଉନ୍ମୋଚନ

**ନୟାଗଡ଼,୧୧।୧୨(ସଂଚାର ବ୍ୟୁରୋ):** ଭାରତୀୟ ଡାକ ବିଭାଗ ନୟାଗଡ଼ ଡାକ ମଣ୍ଡଳ ପକ୍ଷରୁ ପ୍ରଥମ ଜିଲ୍ଲା ସ୍ତରୀୟ ଡାକ ଟିକଟ ପ୍ରଦର୍ଶନୀ ଆସନ୍ତା ଜାନୁଆରୀ ୮ ଏବଂ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ନୟାଗଡ଼ କଲେଜର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ ପରିସରରେ ହେବାକୁ ଯାଉଥିବା ଏହି ପ୍ରଦର୍ଶନୀର ନାମ, ପ୍ରତୀୟକ ଚିହ୍ନ ଏବଂ ନିୟମାବଳୀ ପୁସ୍ତିକା ଆଜି ଲୋକାର୍ପଣ ହୋଇଛି । ଏହି ପ୍ରଦର୍ଶନୀର ନାମ 'ନୟାଗଡ଼ପେକ୍ସ-୨୦୨୫' ରଖାଯାଇଛି । ନୟାଗଡ଼ ମୁଖ୍ୟ ଡାକଘର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଡାକ ମଣ୍ଡଳ ଡାକ ଅଧୀକ୍ଷକ ଖଗେଶ୍ୱର ମଲ୍ଲିକ, ଡାକ ଟିକଟ ସଂଗ୍ରାହକ ଅଜିତ କୁମାର ରାଉତ, ଡାକ ମଣ୍ଡଳର ସହ ଅଧୀକ୍ଷକ ସପନ କୁମାର ପାଣିଗ୍ରାହୀ ଓ ନୟାଗଡ଼ ଡାକଘର ପୋଷ୍ଟ ମାଷ୍ଟର ପ୍ରମୋଦ କୁମାର ସେଠୀ ଯୋଗ ଦେଇ ସୂଚନା ଦେଇଛନ୍ତି । ଏହି ପ୍ରଦର୍ଶନୀ ପ୍ରଥମ ଥର ପାଇଁ ଭାରତୀୟ ଡାକ ବିଭାଗ ନୟାଗଡ଼ରେ ଆୟୋଜନ କରାଯାଉଛି। ପ୍ରଦର୍ଶନୀରେ ୧୦୦ରୁ ଅଧୀକ ଫ୍ରେମରେ ଦେଶ ବିଦେଶର ଅନେକ ବିରଳ ଡାକ ଟିକଟ ଏବଂ ଡାକ ଉପକରଣ ଜିଲ୍ଲା ତଥା ରାଜ୍ୟ ସଂଗ୍ରାହକ ଦ୍ୱାରା ପ୍ରଦର୍ଶିତ ହେବ । ଭାରତୀୟ ଡାକ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ଜିଲ୍ଲା ମାନଙ୍କରେ ଜିଲ୍ଲା ସ୍ତରୀୟ ଡାକ ଟିକଟ ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଡାକ ଟିକଟ ସଂଗ୍ରହ ଦ୍ୱାରା ଜ୍ଞାନର ବିକାଶ ହେବା ସହିତ ଯୋଗାଯୋଗର ପ୍ରଚାର ଓ ପ୍ରସାର ହୋଇପାରୁଛି ବୋଲି ଅଧିକାରୀ ମାନେ କହିଥିଲେ । ଡାକ ଟିକଟ ପ୍ରଦର୍ଶନୀ ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଏବଂ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା ।

## ମହିଳାଙ୍କୁ ଉଠାଇ ଶୁଣ୍ଢରେ କଚାଡି ଦେଲା



**ଛେଣ୍ଡିପଦା,୧୧।୧୨ (ସଂଚାର ବ୍ୟୁରୋ):** ମହିଳାଙ୍କୁ କଚାଡ଼ି ମାରିଲା ହାତୀ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ପାଟକମୁଣ୍ଡା ଗାଁରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ପାଟକମୁଣ୍ଡା ଗାଁର ମନ୍ଦିରି ସାହୁ(୪୫)। ଆଜି ସକାଳେ ମନ୍ଦିରି ଧାନ କାଟିବା ପାଇଁ ଯାଉଥିଲେ। ଏହି ସମୟରେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ନିକଟରୁ ବଞ୍ଚିବା ପାଇଁ ମନ୍ଦିରି ଚେଷ୍ଟା କରିଥିଲେ। ହେଲେ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ମନ୍ଦିରିଙ୍କର ମୃତ୍ୟୁ ଘଟିଥିଲା।

## ସରକାରୀ ଗାଇଡ଼ଲାଇନକୁ ଧେତଡେରୀ




**କଳାହାଣ୍ଡି,୧୧।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ନିଶା କାରବାର ବିଦେଶୀ ମଦ ମାଫିଆଙ୍କ ଫୁଟାଣି ବଢ଼ି ବଢ଼ି ଚାଲିଛି ।ରେଟ ନିର୍ଦ୍ଧାରିତ ମୂଲ୍ୟରୁ ମନଇଛା ଦରରେ ବିଦେଶୀ ମଦ ବିକ୍ରି ଘଟଣା ଅବକାରୀ ବିଭାଗର ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆମ ଜିଲ୍ଲା ର ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମ ର ଭରଷା ନେଇ ବିଦେଶୀ ମଦ ମାଫିଆ ଙ୍କ ଡୋରାତ୍ମ ବଢ଼ି ବଢ଼ି ଚାଲିଛି ଓ ଏଭଳି ବେଆଇନ କାର୍ଯ୍ୟ ଚାଲି ଆସୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ବିଦେଶୀ ମଦ ବେପାରୀଙ୍କ ମନମୁଖୀ କାରବାର କୁ ନେଇ ଅନେକ ସମୟରେ ଅବକାରୀ ଅଧିକ୍ଷଙ୍କ ଠାରେ ଅଭିଯୋଗ ହେଉଥିବା ସତ୍ତ୍ୱେ ଜିଲ୍ଲା ଅବକାରୀ ବିଭାଗ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଧୃତରାଷ୍ଟ୍ର ସାଜି ରହିଥିବା ଘଟଣା କୁ ନେଇ ବିହାରୀ ମଦ ବେପାରୀ ଙ୍କ କବଜ୍ଜା ରେ ଅବକାରୀ ବିଭାଗ ଥିବା ନେଇ ସର୍ବସାଧାରଣ ରେ ଚର୍ଚ୍ଚା ହେଉଛି । ପ୍ରକାଶ ଯେ,କଳାହାଣ୍ଡି ଜିଲ୍ଲା ଅବକାରୀ ଅଧିକ୍ଷଙ୍କ ଅଧିନରେ ୩୪ ଟି ଠିପି ବନ୍ଧ ବିଦେଶୀ ମଦ ଦୋକାନ ଓ ୨୨ ଟି ଠିପି ଖୋଲା ବାର ରହିଥିବା ସୂଚନା ମିଳିଛି । ଜିଲ୍ଲା ର ୧୩ ଟି ବ୍ଲକ ୩ ଟି ଏନଏସି ଓ ଗୋଟିଏ ମ୍ୟୁନିସୀପାଲଟିରେ ଏହି ସମୁଦାୟ ଦୋକାନ ଓ ବାର ଗୁଡିକ ରହିଥିବା ବେଳେ ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ସରକାରୀ ନିୟମ ମଧ୍ୟ ରହିଛି । ଠିପି ଖୋଲା ବିଦେଶୀ ମଦ ବାର ଗୁଡିକ ସରକାରୀ ନିର୍ଦ୍ଧାରିତ ନିୟମାବଳୀ କୁ ଧେତଡେରୀକି କରି ସରକାର ଓ ଗ୍ରାହକ ଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲୁଟୁଥିବା ନେଇ ଅଭିଯୋଗ ହେଉଛି । ପ୍ରତିଦିନ ଅଭ୍ୟାସଗତ ଭାବେ କ୍ରୟ କରୁଥିବା ଗ୍ରାହକ ମାନେ ନିଜ ପରିଚୟ ଗୁପ୍ତ ରଖି ମଦର ସ୍ୱାଦ ଓ ଗୁଣବତ୍ତାରେ ତାଳ ମେଳ ରହୁ ନଥିବା ନେଇ ନକଲି ମଦ ବିକ୍ରୟ ହେଉଥିବା ନେଇ ଅଭିଯୋଗ ଉଠିଛି।

## କାରାଗାରରେ କଏଦୀ ଦିବସ

**ନୟାଗଡ଼,୧୧।୧୨(ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା କାରାଗାରରେ ଜେଲର ପ୍ରଫୁଲ୍ଲ କୁମାର କବିଙ୍କ ତତ୍ତ୍ୱବଧାନରେ କଏଦୀ ଦିବସ ଖୁବ ଧୂମଧାମରେ ପାଳନ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଇନପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଯୋଗ ଦେଇଥିଲେ। ଜିଲ୍ଲା କାରାଗାରରେ ୨୫୦ରୁ ଉର୍ଦ୍ଧ କଏଦୀ ଓ ବିଚାରଧିନ କଏଦୀ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳର ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କଏଦୀ ମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ । କାରାଗାର ପକ୍ଷରୁ କଏଦୀ ମାନଙ୍କୁ ନେଇ ପୌରାଣିକ ନାଟକ ପରିବେଷଣ କରିଥିଲେ। ଜେଲ ରେ ସଂସ୍କାର ଓ କଏଦୀ ବିଚାରଧିନ କଏଦୀ ମାନେ ଜେଲ ମଧ୍ୟ୍ୟରେ ମାନସିକ ଚିନ୍ତାରେ ରହି ଆସୁଥିବା ବେଳେ ସେଥିରୁ ବିରତି ରହିବା ପାଇଁ କଏଦୀ ଦିବସ ପାଳନ କରାଯାଉଛି। କଏଦୀ ଜଣେ ମଣିଷ, ତାଙ୍କର ବିଚାର ଧାରା ରହିଛି ।

## ଆମ୍ବୁଲାନ୍ସ ବନ୍ଦ, ହନ୍ତସନ୍ତ ରୋଗୀ

# ପରିଶ୍ରମ ଅନୁସାରେ ମିଳୁନି ପାରିଶ୍ରମିକ -ଆମ୍ବୁଲାନ୍ସ କର୍ମଚାରୀ



**କାକଟପୁର/ଅସ୍ତରଙ୍ଗ,୧୧।୧୨(ସଂଚାର ବ୍ୟୁରୋ):** ଜରୁରୀ କାଳୀନ ପରିସ୍ଥିତି ରେ ମିଳିପାରୁନି ୧୦୮ଆମ୍ବୁଲାନ୍ସ ସେବା।ଗୁରୁତର ରୋଗୀ ଙ୍କୁ ଜରୁରୀ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଆସିବାକୁ ଘଣ୍ଟା ଘଣ୍ଟା ବିତିଯାଉଛି। ହେଲେ ଠିକଣା ସମୟରେ ପହଂଚି ପାରୁନି ଆମ୍ବୁଲାନ୍ସ। ଫଳରେ କିଏ ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଂଚିବା ପୂର୍ବରୁ ଆଖି ବୁଝୁଚି ତ ପୁଣି କିଏ ସଂକଟାପର୍ଣ୍ଣ ହେଉଛି। ଏମିତି ଏକ ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୁଧବାର ପୂର୍ବାହ୍ନ ସମୟରେ ନରେନ୍ଦ୍ର ପ୍ରଧାନ ରୋଗ ଯନ୍ତ୍ରଣା କଷ୍ଟ ଭୋଗିବାରୁ ମେଡିକାଲ ଆଣିଥିଲେ ପରିବାର ଲୋକ। କିନ୍ତୁ ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ ଡକ୍ଟର ନରେନ୍ଦ୍ର ପ୍ରଧାନଙ୍କୁ ଅନ୍ୟତ୍ର ମେଡିକାଲ ସ୍ଥାନାନ୍ତର କରିବାକୁ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। କିନ୍ତୁ ଅସ୍ତରଙ୍ଗ ମେଡିକାଲ ପରିସରରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀଙ୍କୁ ୧୦୮ଆମ୍ବୁଲାନ୍ସ ପାଇଁ ଜରୁରୀକାଳୀନ ଟୋଲ ଫ୍ରି ନମ୍ବରକୁ ନରେନ୍ଦ୍ର ପ୍ରଧାନଙ୍କ ସମ୍ପର୍କୀୟ ବିଶ୍ୱଜିତ୍ ପ୍ରଧାନ ଯୋଗାଯୋଗ କରିଥିଲେ। କିନ୍ତୁ ଅସ୍ତରଙ୍ଗ ମେଡିକାଲ ପରିସରରେ ଆମ୍ବୁଲାନ୍ସ ଥାଇ ମଧ୍ୟ ଟୋଲ ଫ୍ରି ନମ୍ବରରୁ ସୂଚନା ମିଳିଥିଲା ଗାଡି ନାହିଁ। ରୋଗୀ ଙ୍କ ସମ୍ପର୍କୀୟ କହିଥିଲେ ଗାଡି ଅଛି କିନ୍ତୁ ଟୋଲ ଫ୍ରି ରୁ ସୂଚନା ମିଳିଥିଲା ଆମ୍ବୁଲାନ୍ସ ଲାଗିଥିବା ଜି ପି ଏସ ବଟମ୍ ଅନ କରିକି ଯିବେ ଆମ୍ବୁଲାନ୍ସ କର୍ମଚାରୀ। ଏ ନେଇ ଘରୋଇ ସଂସ୍ଥା ଓ ଆମ୍ବୁଲାନ୍ସ କର୍ମଚାରୀ ଙ୍କ ମଧ୍ୟରେ ଜି ପି ଏସ ବଟମ୍ ଅନ କୁ ନେଇ ଦ୍ୱନ୍ଦ୍ୱ ଥିବା ବେଳେ ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ। ଏ ସମ୍ପର୍କରେ ଉପସ୍ଥିତ ଥିବା ଆମ୍ବୁଲାନ୍ସ କର୍ମଚାରୀ କହିବା ମୁତାବକ ଘରୋଇ ସଂସ୍ଥା ଅନେକ ଦାବୀ ଶୁଣୁନଥିବାରୁ ଆମେ ରୋଗୀ ଙ୍କ ସେବା ଜାରୀ ରଖିଛୁ କିନ୍ତୁ ଜି ପି ଏସ ଅନ କରିନାହୁଁ। ୧୦୮ଆମ୍ବୁଲାନ୍ସ ରେ କାର୍ଯ୍ୟରତ କର୍ମଚାରୀ ଇ ଏମ୍ ଟି ଶୁଭମ୍ ବାରିକି, ପାଇଲଟ ଦିବ୍ୟରଂଜନ ମଲ୍ଲିକ ଓ ଆଟେଣ୍ଡାଣ୍ଟ ସଂଜୀବ ଖୁଣ୍ଟିଆ କହିଛନ୍ତି ୧୦୮ଆମ୍ବୁଲାନ୍ସ କର୍ମଚାରୀ ମାନେ ନିଷ୍ଠାପର ଓ ନିଃସ୍ୱାର୍ଥପର ଭାବେ କାମ କରୁଛନ୍ତି। ଯେ କୌଣସି ବିପର୍ଯ୍ୟୟ ହେଉ ବା ବନ୍ୟା, ବାତ୍ୟା ସମୟରେ ରୋଗୀ ମାନଙ୍କୁ ସଠିକ ସେବା ଯୋଗାଇ ଆସୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ। ଫୋନ ପାଇବା ମାତ୍ରେ ଅଖିଆ ଅପିଆ ଭାବେ ସେବା ଯୋଗାଇ ଆସୁଛୁ ବୋଲି କହିଥିଲେ କର୍ମଚାରୀ। ଆଜି ପର୍ଯ୍ୟନ୍ତ ଆମେ ସରକାରଙ୍କର ନଜର କୁ ଆସି ପାରୁନଥିବା ଏମାନେ ଦୁଃଖର ସହ କହିଥିଲେ। କର୍ମଚାରୀ କହିବା ମୁତାବକ ସେମାନେ ୧୨ଘଣ୍ଟା ପରିଶ୍ରମ କରି ୮ଘଣ୍ଟା ପାରିଶ୍ରମିକ ଦିଆଯାଉଛି। ଏ ନେଇ ସ୍ଥାନୀୟ ବାସିନ୍ଦା ହେମନ୍ତ ସେଠି କହିଛନ୍ତି ଘରୋଇ ସଂସ୍ଥା ଓ ଆମ୍ବୁଲାନ୍ସ କର୍ମଚାରୀ ମଧ୍ୟରେ ମତାନ୍ତର ଯୋଗୁଁ ରୋଗୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ନେଇ ସରକାର ଏହା ପ୍ରତିଦୃଷ୍ଟିଦେଇ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାକୁ ଦାବୀ କରିଛନ୍ତି।